ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୮ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 NOVEMBER 2021

Vol.No. 32 ■ No. 303 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## କରୋନାର ନୂଆ ଭାରିଏଣ୍ଟକୁ ନେଇ ମୋଦିଙ୍କ ବୈଠକ



ନୂଆଦିଲ୍ଲୀ,୨୭/୧୧: ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା କରୋନାର ନୂଆ ଭାରିଏଣ୍ଟ ଓମିକ୍ରାନକୁ ନେଇ ଭାରତରେ ମଧ ଛନକା ସୃଷ୍ଟି ହୋଇଛି। ବିଭିନ୍ନ ଦେଶରେ ଓମିକ୍ରାନ କାୟା ବିସ୍ତାର କରୁଥିବାରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ଅଧିକାରୀଙ୍କ ସହ ଦୀର୍ଘ ୨ ଘଣ୍ଟା କାଳ ବୈଠକ କରିଛନ୍ତି। ଦେଶର କରୋନା ସ୍ଥିତି, ନୂଆ ଭାରିଏଣ୍ଟ ଓ ଟିକାକରଣ ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିଲା। ବୈଠକରେ ଅଧିକାରୀଙ୍କୁ ମୋଦି ନୂଆ ଭାରିଏଣ୍ଟ ପ୍ରତି ସତର୍କ ରହିବାକୁ କହିଛନ୍ତି। ଏଥିସହ ବିଦେଶରୁ ଫେରୁଥିବା ଲୋକଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନୂଆ କରି ସାମ୍ନାକୁ ଆସିଥିବା ଓମିକ୍ରାନ ଭାରିଏଣ୍ଟକୁ ନେଇ ଚିନ୍ତା ପ୍ରକଟ କରିଥିଲା। ଏହି ଭାରିଏଣ୍ଟର ସ୍ଥିତି ସମ୍ପର୍କରେ ବରିଷ୍ଠ ଅଧିକାରୀମାନେ ମୋଦିଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି। ନୂଆ ଭାରିଏଣ୍ଟ ବିରୋଧରେ ଭାରତରେ ହୋଇଥିବା ପ୍ରସ୍ତୁତି ଓ ବିଶ୍ୱରେ ଏହାର ସ୍ଥିତି କ'ଣ ରହିଛି, ସେକଥା ମଧ ମୋଦିଙ୍କୁ ଅବଗତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓମିକ୍ରାନ କିଛି ୟୁରୋପୀୟ ଦେଶ ସମେତ ଦକ୍ଷିଣ ଆଫ୍ରିକାରେ ନିଜର ପ୍ରଭାବ ଦେଖାଇ ପାରିଛି। ଭାରତରେ ଏଯାଏ ଓମିକ୍ରାନ ଠାବ ହୋଇନାହିଁ। କିନ୍ତୁ ଆଜି ଦିଲ୍ଲୀର ସବୁ ହସ୍ପିଟାଲଗୁଡ଼ିକ ସତର୍କ ରହିବାକୁ କୁହାଯାଇଛି। ସେହିପରି ହସ୍ପିଟାଲରେ କୋଭିଡ କଟକଣା କଡ଼ାକଡ଼ି ଭାବେ ଲାଗୁ କରିବାକୁ ମଧ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନୂଆ ଭାରିଏଣ୍ଟ ଯୋଗୁ ମୋଦି ସମସ୍ତ ଅଧିକାରୀଙ୍କୁ ଅଧିକ ସକ୍ରିୟତା ଦେଖାଇବାକୁ କହିଛନ୍ତି। ଡିସେମ୍ବର ୧୫ରୁ ଦେଶରେ ଅନ୍ତର୍ଜାତୀୟ ବିମାନ ସେବା ନିୟମିତ ଭାବେ ଆରମ୍ଭ ହେବ। ତେଣୁ ବିଦେଶରୁ ଆସୁଥିବା ଲୋକଙ୍କ ଉପରେ ଆବଶ୍ୟକ କଟକଣା ଲଗାଇବା ପାଇଁ ସେ ସମସ୍ତଙ୍କୁ କହିଛନ୍ତି। ଏଥିସହ ମାସ୍କ ଓ ସାମାଜିକ ଦୂରତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମୋଦି ସମସ୍ତଙ୍କୁ ଆଉଥରେ ମନେପକାଇ ଦେଇଛନ୍ତି। ▶▶ପୃଷ୍ଠା ୭

## ଆସୁଛି ବାତ୍ୟା 'ଜୱାଦ': ଓଡ଼ିଶା ପ୍ରତି ବିପଦ ଆଶଙ୍କା



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଦକ୍ଷିଣ ଆଣ୍ଡାମାନ ସାଗରରେ ଆସନ୍ତା ୨୯ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବଳୟ ଅଧିକ ଘନୀଭୂତ ହୋଇ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବାର ଆଶଙ୍କା ରହିଛି। ଡିସେମ୍ବର ୩ ତାରିଖ ସୁଦ୍ଧା ଏହା ଭୀଷଣ ବାତ୍ୟାର ରୂପ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ବାଂଲାଦେଶରେ କ୍ଷୟକ୍ଷତି କରିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ଯଦି ଏହି ଲଘୁଚାପ ବାତ୍ୟାର ରୂପ ନିଏ, ତେବେ ତା'ର ନାଁ 'ଜୱାଦ' ରହିବ। ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ପୂର୍ବାନୁମାନ ଅନୁସାରେ, ଆସନ୍ତା ୪୮ଘଣ୍ଟା ଭିତରେ ଏହି ଲଘୁଚାପ ବଳୟ ଅଧିକ ସ୍ପଷ୍ଟ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବ। ଡିସେମ୍ବର ୩ ତାରିଖ ବେଳକୁ ଏହା ଅଧିକ ଘନୀଭୂତ ହେବ। ଏହାପରେ ୨୪ରୁ ୪୮ଘଣ୍ଟା ମଧ୍ୟରେ ଭୀଷଣ ବାତ୍ୟାର ରୂପ ନେବାର ଆଶଙ୍କା ରହିଛି। ସେହିପରି ସ୍କାଇମେଟ୍ ୱେଦର ସର୍ଭିସର ପୂର୍ବାନୁମାନ ଅନୁସାରେ, ଏହି ଲଘୁଚାପ ଅଧିକ ଘନୀଭୂତ ହେବା ପାଇଁ ପରିବେଶ ଅନୁକୂଳ ମଧ ରହିଛି। ସାମୁଦ୍ରିକ ତାପମାତ୍ରା ଓ ପବନର ଗତିକୁ ମଧ ଏହି ଲଘୁଚାପକୁ ଅଧିକ ଘନୀଭୂତ କରାଇବାରେ ସହାୟକ ହେବ। ଆଣ୍ଡାମାନ ସାଗରରେ ଆସନ୍ତା ସପ୍ତାହରେ ଲଘୁଚାପ ବଳୟ ସୃଷ୍ଟି ହେବାର ଆଶଙ୍କା ରହିଛି, ଯାହାକି ବାତ୍ୟାର ରୂପ ନେଇ ଓଡ଼ିଶା, ବାଲାଂଦେଶ ଓ ଉତ୍ତର-ପୂର୍ବ ଭାରତକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି।

## କଡ଼ା ସୁରକ୍ଷା ମଧ୍ୟରେ ଅପରାଜିତାଙ୍କ ପଦଯାତ୍ରା

ଭୁବନେଶ୍ୱର,୨୭/୧୧(ନି.ପ୍ର): ଆଜି ପ୍ରତିବାଦ ଭିତରେ ପୁଣି ଭୁବନେଶ୍ୱରରେ ପଦଯାତ୍ରା କରିଛନ୍ତି ସାଂସଦ ଅପରାଜିତା। ଦୁଇ ଦିନ ତଳେ ଘଟିଥିବା ଘଟଣାକୁ ଦୃଷ୍ଟିରେ ରଖି ତାଙ୍କୁ କଡ଼ା ସୁରକ୍ଷା ଯୋଗାଇ ଦେଇଥିଲା ପୋଲିସ୍। ଆଜି ଅପରାଜିତାଙ୍କ ପଦଯାତ୍ରା ବେଳେ ବି ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଗ୍ୟାସ୍ ଦର ବୃଦ୍ଧି ନେଇ ତାଙ୍କୁ ଅଧାବାଟରେ ଘେରିଥିଲେ ବିଜେଡି କର୍ମୀ। ପୁଣି ଅପରାଜିତାଙ୍କୁ ଘେରିଲେ ବିଜେଡି କର୍ମୀ। ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ରାଜରାସ୍ତାରେ ▶▶ପୃଷ୍ଠା ୭

## ସଂସଦ ଅଭିମୁଖେ ଟ୍ରାକ୍ଟର ରାଲି କରିବେନି : କିନ୍ତୁ ଆନ୍ଦୋଳନ ଜାରି ରଖିବେ ଚାଷୀ



ନୂଆଦିଲ୍ଲୀ,୨୭/୧୧: ସଂସଦ ଅଭିମୁଖେ ଟ୍ରାକ୍ଟର ରାଲି କରିବାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ନେଇଥିବା ନିଷ୍ପତ୍ତିକୁ ଆଜି ସ୍ଥଗିତ ରଖାଯାଇଛି। ଆସନ୍ତା ସୋମବାର ଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ ୬୦ଟି ଟ୍ରାକ୍ଟରରେ ହଜାରେ ଚାଷୀ ସଂସଦ ଅଭିମୁଖେ ଯିବାର ଥିଲା। କିନ୍ତୁ ଆଜି ଟ୍ରାକ୍ଟର ରାଲିକୁ ପରବର୍ତ୍ତୀ ନିଷ୍ପତ୍ତି ଯାଏ ସ୍ଥଗିତ ରଖାଯାଉଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଟ୍ରାକ୍ଟର ରାଲି ସ୍ଥଗିତ ରହିଥିଲେ ମଧ ଚାଷୀମାନେ ଦିଲ୍ଲୀ ସୀମାନ୍ତରେ ନିଜର ଆନ୍ଦୋଳନ ଜାରି ରଖିବେ। ଏମଏସ୍‌ପି ଉପରେ ଆଇନଗତ ମାନ୍ୟତା, ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀଙ୍କ ପାଇଁ କ୍ଷତି ପୂରଣ ଓ ଲଖିମପୁର ଖେରି ହିଂସା ଘଟଣାରେ ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ବନ୍ଦ ହେବ ବୋଲି ମୋର୍ଚ୍ଚା କହିଛି। ସେହିପରି ଆସନ୍ତା ୪ ତାରିଖରେ ମୋର୍ଚ୍ଚାର ଆଉ ଏକ ବୈଠକ ବସିବ। ଏହାପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ଜଣାପଡ଼ିଛି। ଚାଷୀ ଆନ୍ଦୋଳନର ▶▶ପୃଷ୍ଠା ୭

## ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): କୋଭିଡ୍‌ର ନୂଆ ଭାରିଆଂଟ ଓମିକ୍ରନ୍ ଚିହ୍ନଟ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ବିଦେଶରୁ ଆସୁଥିବା ଲୋକଙ୍କ ପ୍ରତି କଡା ନଜର ରଖିବାକୁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ। କେବଳ ସେତିକି ନୁହେଁ ଟେଷ୍ଟିଂ, ଟ୍ରାକିଂ, ଟ୍ରିଟମେଂଟ, ଟିକାକରଣ ଉପରେ ଫୋକସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିନୋମ୍ ସିକ୍ୟୁଏନ୍ସିଂ ପାଇଁ ନିୟମିତ ଭାବେ ଆରଟିପିସିଆର ସାମ୍ପୁଲ ପଠାଇବାକୁ ଚିଠିରେ କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ। ସେହିପରି ସ୍କୁଲ, କଲେଜ, ହଷ୍ଟେଲ ଉପରେ ନଜର ରଖିବାକୁ ବି ପରାମର୍ଶ ଦିଆଯାଇଛି। କୋଭିଡ୍ ନିୟମ ନମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ ଦକ୍ଷିଣ ଆଫ୍ରିକାରୁ ଚିହ୍ନଟ ହୋଇଥିବା ଭ୍ୟାରିଆଂଟ 'ବି.୧.୧.୫୨୯ ବା ଓମିକ୍ରନ୍' କରୋନାର ଅନ୍ୟ ଭ୍ୟାରିଆଂଟଠାରୁ ଅଧିକ ମାରାତ୍ମକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) କହିଛି। ଏହା ଉପରେ ଟିକାର କୌଣସି ପ୍ରଭାବ ପଡୁ ନଥିବାରୁ ଆହୁରି ଚିନ୍ତା ବଢ଼ିଛି। ଡେଲଟା ଭାରିଆଂଟ ଠାରୁ ମଧ ଏହା ୭ ଗୁଣା ଦ୍ରୁତ ଗତିରେ ବ୍ୟାପିବା ସହ ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରୁଥିବା ଜଣାପଡ଼ିଛି।

## ତାମିଲନାଡୁରେ ବର୍ଷା ବିପ୍ଳାତ: ପୁଣି ପାଣିରେ ଉବୁଟୁବୁ ଚେନ୍ନାଇ



ଚେନ୍ନାଇ, ୨୭/୧୧ (ନି.ପ୍ର): ଚେନ୍ନାଇ ରେ ପୁଣି ଚିନ୍ତା ବଢାଇଲା ବର୍ଷା। ଲଗାଣ ବର୍ଷା ଫଳରେ ରାଜ୍ୟରେ ୩ ଜଣ ପ୍ରାଣ ହାରାଇଛନ୍ତି। ଅନାପଟେ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ବନ୍ୟା ପରିସ୍ଥିତି ନେଇ ରାଜ୍ୟପାଳ କୁ ଭେଟିଛନ୍ତି। ସେପଟେ ରାଜ୍ୟରେ ପ୍ରବଳ ବର୍ଷାର ପୂର୍ବାନୁମାନ କରି ସତର୍କ ସୁଚନା ଜାରି କଲା ପାଣିପାଗ ବିଭାଗ। ତାମିଲନାଡ ରେ ବର୍ଷା ବିପ୍ଳାତ। ରାଜ୍ୟରେ ଲଗାଣ ବର୍ଷା ପାଇଁ ଅସ୍ତବ୍ୟସ୍ତ ଜନ ଜୀବନ। ବର୍ଷା ପାଇଁ ରାଜ୍ୟରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ରାସ୍ତା ଘାଟ ବନ୍ୟା ପାଣିରେ ବୁଡି ରହିଥିବା ଦେଖିବାକୁ ମିଳିଛି। ଲୋକଙ୍କ ଘରେ ମଧ ପଶିଛି ବର୍ଷା ପାଣି। ବନ୍ୟା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ରାଜ୍ୟପାଳଙ୍କୁ ଭେଟିଛନ୍ତି। ଅନ୍ୟପଟେ ରାଜ୍ୟରେ ପ୍ରବଳ ବର୍ଷାର ପୂର୍ବାନୁମାନ କରି ସତର୍କ ସୂଚନା ଜାରି କରିଛି ଆଂଚଳିକ ପାଣପାଗ ବିଭାଗ। ତାମିଲନାଡୁରେ ପ୍ରବଳ ବର୍ଷା। ସାଙ୍ଗକୁ ବନ୍ୟା ପରିସ୍ଥିତି ରାଜ୍ୟ ବାସୀଙ୍କ ଚିନ୍ତା ବଢାଇଛି। ଲଗାଣ ବର୍ଷା ଫଳରେ ଚେନ୍ନାଇରେ ରାସ୍ତା ଘାଟ, ଘର ଦ୍ୱାର ସବୁ ଜଳମଗ୍ନ ହୋଇଛି। ଫଳରେ ରାସ୍ତାରେ ଯାତାୟତ ସମ୍ପୁର୍ଣ୍ଣ ରୁପେ ଠପ ହୋଇ ପଡିଛି। ଅନ୍ୟପଟେ ପାଖାପାଖି ୬୦୦ ଟି ମୋଟର ପମ୍ପ ସାହାଯ୍ୟରେ ବନ୍ୟାଜଳ ନିଷ୍କାସନ ପାଇଁ ଉଦ୍ୟମ ଚଳାଇଛି ଚେନ୍ନାଇ କର୍ପୋରେସନ୍। ଅନ୍ୟପଟେ ଏନଡିଆରଏଫ ଓ ଏସଡିଆରଏଫ ଟିମ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଲଗାଣ ବର୍ଷା ସରକାରଙ୍କ ଚିନ୍ତାର କାରଣ ପାଲଟିଛି। ତେବେ ଦେଖିବାକୁ ବାକି ରହିଲା ଏମ.କେ ଷ୍ଟାଲିନ ସରକାର ବନ୍ୟା ମୁକାବିଲା ଓ ପ୍ରଭାବିତଙ୍କ ପାଇଁ କଣ ପଦେକ୍ଷପ ନେଉଛନ୍ତି।

## ପୋଲାଣ୍ଡକୁ ହରାଇ ଜୁନିୟର ବିଶ୍ୱକପ କ୍ୱାର୍ଟର ଫାଇନାଲରେ ଭାରତ



ଭୁବନେଶ୍ୱର,୨୭/୧୧(ନି.ପ୍ର): କଳିଙ୍ଗ ଷ୍ଟାଡିୟମ ରେ ଚାଲିଥିବା ଏଫଆଇଏଚ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଭାରତ। ଆଜିର କର ବା ମର ମ୍ୟାଚରେ ଆୟୋଜକ ଭାରତ ୮-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଯାଇଛି। ଆସନ୍ତା ୧ତାରିଖରେ ବେଲଜିୟମ ଓ ଭାରତ ମଧ୍ୟରେ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ବିଶ୍ୱକପର ପ୍ରଥମ ଦିନରେ ଭାରତ ଫ୍ରାନ୍ସ ଠାରୁ ୫-୪ଗୋଲରେ ପରାସ୍ତ ହୋଇ ଓଡ଼ିଶା ହକି ଦର୍ଶକଙ୍କୁ ନିରାଶ କରିଥିଲା। ହେଲେ ଦ୍ୱିତୀୟ ମ୍ୟାଚରେ କାନାଡାକୁ ୧୩-୧ ଗୋଲ ରେ ହରାଇ କ୍ୱାର୍ଟର ଫାଇନାଲ୍ ରେସକୁ ଆସିଥିଲା ଭାରତ। କ୍ୱାର୍ଟର ଫାଇନାଲ୍ ଟିକେଟ ହାତେଇବାକୁ ଭାରତ ପାଇଁ ପୋଲାଣ୍ଡ ବିପକ୍ଷ ମ୍ୟାଚ ଥିଲା କର ବା ମର ପରିସ୍ଥିତି। ତେଣୁ ଫୁଲ ଦମ ନେଇ ଭାରତୀୟ ଖେଳାଳି ପଡ଼ିଆକୁ ଓହ୍ଲାଇ ଥିଲେ। ଫାଷ୍ଟ ହାଫ ଭାରତ ସୁଇମିଙ୍ଗ ପୁଲ ଗୋଲ ପୋଷ୍ଟ ପଟୁ ଖେଳ ଆରମ୍ଭ କରିଥିଲା। ହ୍ୱିସିଲ ବାଜିବାର ୪ମିନିଟ ମଧ୍ୟରେ ପ୍ରଥମ ପେନାଲିଟି କର୍ଣ୍ଣର ଭାରତକୁ ମିଳିଥିଲା। ଏହାକୁ ସଂଜୟ ଗୋଲରେ ପରିଣତ କରି ଦଳୀୟ ସ୍କୋରକୁ ୧-୦ ଆଗୁଆ କରି ଦେଇଥିଲେ। ଏହାପରେ ବି ଭାରତ ଘନ ଘନ ଆକ୍ରମଣ ଜାରି ରଖିଥିଲା। ୮ମ ମିନିଟରେ ଭାରତକୁ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ତା'କୁ ଡ୍ରାଗ ଫ୍ଲିକର ହୁଣ୍ଡାଲ ଅରାଇଜିତ ସିଂହ ଅତି ସୁନ୍ଦର ଭାବେ ଗୋଲରେ ପରିଣତ କରି ଦଳୀୟ ସ୍କୋରକୁ ୨-୦କୁ ବୃଦ୍ଧି ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଅସୁରକ୍ଷିତ ନାବାଳିକା ଓ ମହିଳା

ଭୁବନେଶ୍ୱର,୨୭/୧୧(ନି.ପ୍ର): ସ୍ମାର୍ଟସିଟି ଭୁବନେଶ୍ୱର। ଇଏ ପୁଣି ଆମ ରାଜଧାନୀ। ଏଠି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟଶାସନ ସଚିବ ପର୍ଯ୍ୟନ୍ତ ରହୁଛନ୍ତି। ଏଠି ରହୁଛନ୍ତି ପୁଲିସ୍ କମିଶନର। କେବଳ ଏତିକି ନୁହେଁ, ଏଠାରେ ବହୁ ବଡ଼ବଡ଼ ରାଜନେତାଙ୍କଠାରୁ ଆରମ୍ଭ କରି ବଡ଼ବାବୁ ଓ ବାବୁଆଣୀମାନେ ମଧ ରହୁଛନ୍ତି। ଆଉ ନାରୀ ସ୍ୱାଧୀନତା ଓ ସୁରକ୍ଷା ନେଇ ଦେଉଛନ୍ତି ଲମ୍ବାଲମ୍ବା ଭାଷଣ। ତଥାପି ଏଠି ମହିଳା ଓ ନାବାଳିକା ଅସୁରକ୍ଷିତ। ▶▶ପୃଷ୍ଠା ୭

## ଆଇଟିଡିଏ ଯନ୍ତ୍ରୀ ସନ୍ତୋଷ ଦାସ ଗିରଫ



ବାରିପଦା/ଭୁବନେଶ୍ୱର, ୨୭/୧୧ (ନି.ପ୍ର): ବାରିପଦା ଆଇଟିଡିଏ ଯନ୍ତ୍ରୀ ସନ୍ତୋଷ ଦାସ ଗିରଫ। ଯନ୍ତ୍ରୀ ସନ୍ତୋଷ ଦାସଙ୍କୁ ଗିରଫ କଲା ଭିଜିଲାନ୍ସ। ଭିଜିଲାନ୍ସ ଚଢାଉ ବେଳେ ଜବତ ହୋଇଥିଲା ବିପୁଳ ସମ୍ପତ୍ତି। ତାଙ୍କ ପାଖରୁ ୨ କୋଟି ୮୦ ଲକ୍ଷ ୫୬ ହଜାର ଟଙ୍କା ଜବତ ହୋଇଥିଲା। ଏକକାଳୀନ ୧୧ଟି ସ୍ଥାନରେ ଚଢାଉ କରିଥିଲା ପୋଲିସ। ଯନ୍ତ୍ରୀ ସନ୍ତୋଷ ଦାସ ଓ ତାଙ୍କ ପତ୍ନୀଙ୍କ ନାଁରେ ବି ମାମଲା ରୁଜୁ ହୋଇଛି। ଆଇଟିଡ଼ିଏ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ଘରେ କାଲି ଭିଜିଲାନ୍ସ ଚଢାଉ କରିଥିଲା। ତାଙ୍କ ପାଖରୁ ୨ହଜାର ଟଙ୍କିଆ ରୂପା ନୋଟ ଜବତ ହୋଇଥିଲା। ଆଇଟିଡିଏ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ସମ୍ପତି ଦେଖି ଭିଜିଲାନ୍ସ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସନ୍ତୋଷଙ୍କ ବିଭିନ୍ନ ଠିକଣାରୁ ଠାବ ହୋଇଥିଲା ୨ କୋଟି ୮୦ ଲକ୍ଷ ୫୬ ହଜାର ଟଙ୍କା। ତେବେ ଏସବୁ ଭିତରେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଓଡ଼ିଶାରେ ଗତ କିଛି ଦିନ ଭିତରେ ଭିଜିଲାନ୍ସ ରେଡରେ ଅଧିକ ଟଙ୍କା ଜବତ ହୋଇଥିବା ମାମଲାରେ ଟପରେ ରହିଛନ୍ତି ସନ୍ତୋଷ କୁମାର ଦାସ। ସେହିଭଳି ଗତ କିଛିଦିନ ପୂର୍ବେ ଓପିଏଚଡବ୍ଲୁସିର ଡେପୁଟି ମ୍ୟାନେଜର ପ୍ରତାପ ସାମଲଙ୍କ ଘରେ ଭିଜିଲାନ୍ସ ଚଢାଉ କରିଥିଲା। ପ୍ରତାପଙ୍କ ଘରୁ ଭିଜିଲାନ୍ସ ନଗଦ ୩୮,୧୨,୯୦୦ ଟଙ୍କା ଜବତ କରିଥିଲା। ଆଉ ଏହି ତାଲିକାରେ ପ୍ରତାପ ଟପ୍-୨ରେ ରହିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ

### ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅନ୍ତରାଷ୍ଟ୍ରୀୟ ର୍ୟାଙ୍କିଂରେ ଆଣିବାକୁ ସାମୂହିକ ଚେଷ୍ଟା କରିବା : ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧାପକଙ୍କ ପାଠପଢ଼ା ଶୈଳୀ ଓ ଗବେଷଣା ଦେଶରେ ଆଦୃତ ହୋଇଥିବା ବେଳେ ଶିକ୍ଷାନୁଷ୍ଠାନକୁ ଅନ୍ତରାଷ୍ଟ୍ରୀୟ ର୍ୟାଙ୍କିଂରେ ଆଣିବା ପାଇଁ ସାମୂହିକ ପ୍ରଚେଷ୍ଟା କରିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀତାମୂଳକ ହେଲେ ହିଁ ଏହାର ଉନ୍ନତି ହୋଇପାରିବ ବୋଲି ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଆ ସମାଜ ଓ ସଂସ୍କୃତିର ଅନନ୍ୟ ପର୍ବ ପବିତ୍ର ପ୍ରଥମାଷ୍ଟମୀ ଅବସରରେ ଓଡ଼ିଶାର ପ୍ରଥମ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ମୁଁ ଗର୍ବିତ। ଉତ୍କଳ ବିଶ୍ୱବିଦ୍ୟାଳୟ ସେହିଭଳି ମହାନୁଭବଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇପାରିଥିଲା, ଯେଉଁମାନେ ଓଡିଶାର ସ୍ୱତନ୍ତ୍ରତାର ସ୍ୱପ୍ନ ଦେଖିଥିଲେ। କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ବିଶ୍ୱନାଥ ଦାସଙ୍କ ସାମୂହିକ ପ୍ରଚେଷ୍ଟାରେ ଗଢି ଉଠିଥିବା ଏହି ଶିକ୍ଷାନୁଷ୍ଠାନ ଆଜି ଅନେକ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଏବଂ ଆକାଂକ୍ଷାକୁ ପୂରଣ କରିବାରେ ସଫଳ ହୋଇଛି। ସେହିପରି ମୋ ଭଳି ମଧ ଜଣେ ସାମାଜିକ କାର୍ଯ୍ୟକର୍ତାର ପ୍ରାରମ୍ଭିକ ଜୀବନର ମୂଳଦୁଆକୁ ସୁଦୃଢ଼ ଓ ଆତ୍ମବିଶ୍ୱାସୀ କରିବାରେ ବିଶ୍ୱବିଦ୍ୟାଳୟର ଅବଦାନ ଅତୁଳନୀୟ। ସମାଜ ପରିବର୍ତ୍ତନର ମାଧ୍ୟମ ଓ ଲୋକଙ୍କ ସହ ନିଜକୁ ବାନ୍ଧି ରଖିବାର ଶିକ୍ଷାର ପ୍ରେରଣା ମୋତେ ଏହି ଠାରୁ ହିଁ ମିଳିଛି। ▶▶ପୃଷ୍ଠା ୭

## ବିଗିଡ଼ିଲା ଲାଲୁଙ୍କ ସ୍ୱାସ୍ଥ୍ୟ : ଏମ୍ସରେ ଭର୍ତ୍ତି

ନୂଆଦିଲ୍ଲୀ,୨୭/୧୧: ଏମ୍ସରେ ଭର୍ତ୍ତି ହେଲେ ରାଷ୍ଟ୍ରୀୟ ଜନତା ଦଳ ଅଧକ୍ଷ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ। ଲାଲୁଙ୍କ ସ୍ୱାସ୍ଥ୍ୟ ଅଚାନକ ଖରାପ ହୋଇଯିବା ପରେ ତାଙ୍କୁ ଦିଲ୍ଲୀ ଏମ୍ସର ମେଡିସିନ ବିଭାଗରେ ଭର୍ତ୍ତି କରାଯାଇଛି। ସେଠାରେ ଏକ ଡାକ୍ତରୀ ଟିମ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ଚିକିତ୍ସା ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଲାଲୁ ୟୁରିନ ଇନଫେକସନ୍ ଓ ଜ୍ୱରରେ ପୀଡ଼ିତ ଅଛନ୍ତି। ଏହାପୂର୍ବରୁ ଡାଇବେଟିସ, ରକ୍ତ ଚାପ, କିଡ଼ନୀ ରୋଗରେ ସେ ଆକ୍ରାନ୍ତ ହୋଇ ସାରିଛନ୍ତି। ଲାଲୁଙ୍କ ରକ୍ତ ସଂକ୍ରମିତ ହୋଇଥିବାରୁ ତାଙ୍କ କିଡନୀ ଏହାଦ୍ୱାରା ପ୍ରଭାବିତ ହୋଇଛି ବୋଲି ପୂର୍ବରୁ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ଏମ୍ସରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନ ପ୍ରାୟ ୨ଟା୩୦ରେ ଲାଲୁଙ୍କୁ ଏମ୍ସର ଇମରଜେନ୍ସି ବିଭାଗରେ ଭର୍ତ୍ତି କରାଯାଇଥିଲା।

# ଗ୍ରାମରକ୍ଷୀଙ୍କୁ ଏତେ ଅବହେଳା କାହିଁକି ?

## ପଡୋଶୀ ରାଜ୍ୟରେ ଦରମା ୧୮ ହଜାରରୁ ଅଧିକ, ଓଡ଼ିଶାରେ ୧୮ଶହ

କଟକ ,୨୭/୧୧ (ନି.ପ୍ର): ପଡ଼ୋଶୀ ପଶ୍ଚିମବଙ୍ଗରେ ଜଣେ ଗ୍ରାମରକ୍ଷୀଙ୍କ ମାସିକ ଦରମା ୧୮ ହଜାର ୫୦୦ ଟଙ୍କା। ବିହାରରେ ୧୮ ହଜାର ଟଙ୍କା। କେରଳରେ ୧୬ ହଜାର ୨୦୦, ଆନ୍ଧ୍ରପ୍ରଦେଶରେ ୧୬ ହଜାର ୫୦୦, ଛତିଶଗଡ଼ରେ ୧୫ ହଜାର ୫୦୦, ଝାଡ଼ଖଣ୍ଡରେ ୧୫ ହଜାର, ତେଲେଙ୍ଗାନାରେ ୧୬ ହଜାର ୨୦୦, ଆସାମରେ ୧୬ ହଜାର ୫୦୦ ଟଙ୍କା। କିନ୍ତୁ ଓଡ଼ିଶାରେ ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ମାତ୍ର ୧୮ ଶହ ଟଙ୍କା। ଅର୍ଥାତ ଦିନକୁ ମାତ୍ର ୬୦ ଟଙ୍କା ହିସାବରେ ଓଡ଼ିଶାରେ ଗ୍ରାମରକ୍ଷୀ ଭତ୍ତା ପାଉଛନ୍ତି। ଏମାନଙ୍କ ପାଇଁ କୌଣସି ବୀମା, ପେନସନ କିମ୍ବା ଜିପିଏଫର ବ୍ୟବସ୍ଥା ତ ନାହିଁ, ସାଇକଲ, ମୋବାଇଲ୍ ଫୋନ୍ ସୁବିଧା ବାବଦକୁ ବି ସରକାର ଏମାନଙ୍କୁ ଟଙ୍କାଟିଏ ବି ଦେଉନାହାନ୍ତି। ଏହାକୁ ନେଇ ରାଜ୍ୟର ୧୮ ହଜାର ୪୪୧ ଜଣ ଗ୍ରାମରକ୍ଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ପୁଲିସରେ ଗ୍ରାମରକ୍ଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ରହିଛି। ଜଣେ ଡିଜି ପାହ୍ୟାର ଅଧିକାରୀ ଏହାର ମୁଖ୍ୟ ଭାବେ କାର୍ଯ୍ୟ କରନ୍ତି। ଗ୍ରାମରକ୍ଷୀମାନେ ପୁଲିସ ବିଭାଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି। ବିଭିନ୍ନ ସ୍ଥାନରେ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ କରି ସେମାନେ ସ୍ଥାନୀୟ ପୁଲିସକୁ ଯୋଗାଇଥା'ନ୍ତି। ନକ୍ସଲ ଉପଦ୍ରୁତ ଜିଲ୍ଲା ମାନଙ୍କରେ ଏମାନେ ଜୀବନକୁ ବାଜି ଲଗାଇ ତୃଣମୂଳସ୍ତରର ଖବର ପୁଲିସକୁ ଯୋଗାଇଥା'ନ୍ତି। ଓଡ଼ିଶା ଗ୍ରାମରକ୍ଷୀ ମହାସଂଘ ଗ୍ରାମରକ୍ଷୀମାନଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା ଦେଇ ମାସିକ ବେତନ ୧୫ ହଜାର ଟଙ୍କା କରିବାକୁ ଦାବିକରି ଆସୁଛି। ଏହାସହିତ ପ୍ରତ୍ୟେକ ଜିଲ୍ଲାର ଥାନା ଫାଣ୍ଡିରେ ଖାଲିଥିବା ଗ୍ରାମରକ୍ଷୀ ପଦବି ପୂରଣ କରିବା, ଅବସର ପରେ ଗ୍ରାମରକ୍ଷୀଙ୍କ ପାଇଁ ପେନସନ୍ ବ୍ୟବସ୍ଥା ସହିତ ଚାକିରିରେ ଥାଇ ମୃତ୍ୟୁ ଘଟିଲେ ତାଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି, ଗ୍ରାମରକ୍ଷୀଙ୍କ ଜୀବନ ବୀମା ୨୦ ଲକ୍ଷ ଟଙ୍କା କରିବା ଭଳି ଦାବି ମଧ୍ୟ କରାଯାଉଛି। ମାଓବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ଗ୍ରାମରକ୍ଷୀଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ, ପୋଷାକ ବାବଦରେ ବର୍ଷକୁ ୨ ହଜାର ଟଙ୍କା, କନଷ୍ଟେବଲ ଓ ସିପାହୀ ନିଯୁକ୍ତି ସମୟରେ ଗ୍ରାମରକ୍ଷୀମାନଙ୍କ ପାଇଁ ଖାଲିଥିବା ପଦବିର ୧୦ ପ୍ରତିଶତ ସଂରକ୍ଷଣ କରିବାକୁ ମହାସଂଘ ଦାବି କରିଛି। ଅନ୍ୟପଟେ ଗ୍ରାମରକ୍ଷୀମାନଙ୍କୁ ସାଇକେଲ୍ କିମ୍ବା ପୁଲିସକୁ ସୂଚନା ଦେବା ପାଇଁ ମୋବାଇଲ୍ ଫୋନ ଯୋଗାଇ ଦିଆଯାଇନାହିଁ। ମାସକୁ ୧୮ ଶହ ଟଙ୍କା ପାଉଥିବା ଜଣେ ଗ୍ରାମରକ୍ଷୀ କିଭଳି ମୋବାଇଲ ଓ ସାଇକେଲ୍ କିଣିବ, ତାକୁ ନେଇ ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘର ସଭାପତି ରତ୍ନାକର ନାଏକ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଗ୍ରାମରକ୍ଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉପରୋକ୍ତ ଦାବିଗୁଡ଼ିକ ପୂରଣ କରିବାକୁ ମହାସଂଘ ପକ୍ଷରୁ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଦାବି ପୂରଣ ପାଇଁ ଡିସେମ୍ବର ୧୦ ତାରିଖରେ ବିଧାନସଭା ଘେରାଉ କରିବାକୁ ମହାସଂଘ ପକ୍ଷରୁ ଯୋଜନା ହୋଇଥିବା ସୂଚନା ମିଳିଛି।



# ଭାଗବତ କଥାମୃତ କାର୍ଯ୍ୟକ୍ରମ

ଜଳେଶ୍ୱର ୨୬/୧୧(ନି.ପ୍ର): ଜଳେଶ୍ୱର ବ୍ଲକର ନଛିମପୁର ପଂଚାୟତ ଅଧିନ ବେଲି ଗୋପିନାଥପୁର ଗ୍ରାମରେ ଶ୍ରୀଶ୍ରୀ ଦ୍ୱାରୁବ୍ରହ୍ମ ଭାଗବତଜୀଉ ମନ୍ଦିର ପରିସରରେ ଭାଗବତ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିବା ବେଳେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇ ଭାଗବତପାରାୟଣ ଶ୍ରବଣ କରିଛନ୍ତି । ପ୍ରତ୍ୟେକ ସଂଧ୍ୟାରେ ଭାଗବତ ପାଠ, ଭଜନ କୀର୍ତ୍ତନ, ପ୍ରଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ୧୨ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ କଳିଯୁଗରେ ହରିନାମ ମହାମନ୍ତ୍ରର ପ୍ରତିଷ୍ଠା ଏହାର ମୂଳମନ୍ତ୍ର ବୋଲି ଆୟୋଜକମାନେ କହିଛନ୍ତି ।

# ନଦୀ ଘାଟରେ ବିପଦପୂର୍ଣ୍ଣ ଜଳଯାତ୍ରା କରୁଛନ୍ତି ଅଂଚଳବାସୀ

ମାଲକାନଗିରି,୨୭/୧୧ (ନି.ପ୍ର): ଭଙ୍ଗା ଦଦରା ଡଙ୍ଗାରେ ଭରାନଇ ପାର୍ ହେଉଛନ୍ତି ଶହ ଶହ ଲୋକେ । ପ୍ରତିଦିନ ଏଠି ବାଜିରେ ଲାଗୁଛି ଜୀବନ । କେତେବେଳେ କ'ଣ ହେବ କହିବା ମୁସ୍କିଲ । ଏସବୁ ପରେ ମଧ୍ୟ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲାରୁ ଆରମ୍ଭ ହେଉଛି ରାଜ୍ୟ ସରକାରଙ୍କ ବଡ଼ ବଡ଼ ଯୋଜନା, କେମିତି ଏଠାକାର ଲୋକେ ବିକାଶର ସିଢ଼ି ଚଢି ପାରିବେ ସେଥିପାଇଁ ରାଜ୍ୟ ସରକାର ଚିନ୍ତିତ ଥିବାବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଜିଲ୍ଲାର ସୀମାନ୍ତ ଅଂଚଳରେ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି । ସାଧାରଣ ମୌଳିକ ସୁବିଧା ପାଇବା ପାଇଁ ଏଠାକାର ଲୋକେ ପ୍ରତିଦିନ ସଂଘର୍ଷ କରୁଛନ୍ତି । ଏ ଦୃଶ୍ୟ ହେଉଛି ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ତଣ୍ଡାବାଇ ପଚାଂୟତର କୁଟନପାଲି ନଦୀ ଘାଟର । ଏହି ବ୍ଲକର ଅନେକ ପଚାଂୟତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ର ସୀମାକୁ ଲାଗି ରହିଛି । ଏହି ପଡୋଶୀ ରାଜ୍ୟ ଉପରେ ଏଠାକାର ଲୋକେ ପ୍ରାୟତଃ ନିର୍ଭରଶୀଳ। ତେବେ ସେହି ରାଜ୍ୟକୁ ନିତିଦିନ ଶହ ଶହ ଲୋକେ ଯାତାୟାତ କରୁଥିବା ବେଳେ ସେଠାକୁ ଯିବା ରାସ୍ତାରେ ଗୋଟିଏ ପଟେ ସିଲେରୁ ଓ ଅନ୍ୟପଟେ ସାବେରୀ ନଦୀ ଅତିକ୍ରମ କରିବାକୁ ପଡ଼ିଥାଏ । ଏଠାକାର ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ସରକାର ମୋଟର ଚାଳିତ ବୋଟ୍ ଦେଇଥିବା ବେଳେ ବୋଟ୍ ଟି ଦୀର୍ଘଦିନ ଧରି ବ୍ୟବହାର ହେବା ସହ ମରାମତି ହେଉ ନ ଥିବାରୁ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବୋଟ୍ ଗୁଡିକର ମରାମତି କରିବା କିମ୍ବା ନୂତନ ବୋଟ୍ ଯୋଗାଇବା ପାଇଁ ସତେ ଯେମିତି ଭୁଲିଯାଇଛନ୍ତି ପ୍ରଶାସନିକ ଅଧିକାରୀମାନେ । ତେବେ ଏହି ବୋଟ୍ ଗୁଡିକର ଅବସ୍ଥା ଶୋଚନୀୟ ହୋଇ ସେଥିରେ ପାଣି ପଶୁଥିବା ବେଳେ ଲୋକେ ବିପଦପୂର୍ଣ୍ଣ ଭାବରେ ସେହି ଭଙ୍ଗା ବୋଟ୍ରେ ଭରା ନଈ ପାର୍ ହେଉଛନ୍ତି । ଡଙ୍ଗାର ଅବସ୍ଥା କହିଲେ ନ ସରେ, ସମ୍ପୂର୍ଣ୍ଣ ନଷ୍ଟହେବାକୁ ବସିଲାଣି । ସରକାରୀ ନିୟମ ଅନୁଯାୟୀ ଡ଼ଙ୍ଗାରେ ଯାତ୍ରା କରୁଥିବା ଲୋକେ ଲାଇଫ୍ ଜ୍ୟାକେଟ ପିନ୍ଧିବା କଥା, ହେଲେ ଏଠାରେ ତାହା ଦେଖିବାକୁ ମିଳୁନାହିଁ । ଏ ଦୃଶ୍ୟ ଦିନେକି ଦୁଇଦିନର ନୁହେଁ ବରଂ ବର୍ଷ ବର୍ଷ ଧରି ଲୋକେ ଏହି ସାବେରୀ ନଦୀର ବିପଦପୂର୍ଣ୍ଣ ଜଳ ରାସ୍ତା ଦେଇ ପଡୋଶୀ ଛତିଶଗଡ଼କୁ ଯାଇଥାନ୍ତି । ଦୁର୍ଗମ ଅଂଚଳ ହୋଇଥିବାରୁ ସରକାରଙ୍କ ବିଭିନ୍ନ ଯୋଜନା ଏମାନଙ୍କ ପାଖରେ ପହଂଚିବା କଷ୍ଟସାଧ ହୋଇଥିବା ବେଳେ ଏମାନେ ମୁଖ୍ୟତଃ ପଡୋଶୀ ଛତିଶଗଡ଼ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାନ୍ତି । ସ୍ୱାସ୍ଥ୍ୟ ସେବାଠୁ ଆରମ୍ଭ କରି ନିଜ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଏଭଳି ପ୍ରତିଦିନ ବିପଦପୂର୍ଣ୍ଣ ଜଳଯାତ୍ରା କରନ୍ତି ଏଠାକାର ଲୋକେ ।



କାଳିମେଳା ବ୍ଲକର କୁଟନପାଲ୍ଲୀ ନଦୀଘାଟରେ ଥିବା ମୋଟରଚାଳିତ ଡଙ୍ଗା ଗତ ୨୦୧୫ ମସିହାରୁ କାର୍ଯ୍ୟରତ ରହିଥିବା ବେଳେ ଏନେଇ ଆମେ କାଳିମେଳା ବିଡିଓ ଉମାଶଙ୍କର ଦଳେଇଙ୍କୁ ପଚାରିବାରୁ ଏହି ଡ଼ଙ୍ଗାର ସ୍ଥିତି ବିଷୟରେ ପ୍ରଶାସନ ପାଖରେ ଖବର ନ ଥିବା ସେ ପ୍ରକାଶ କରିଛନ୍ତି । ଯଥାଶୀଘ୍ର ସେ କୁଟନପାଲ୍ଲୀ ନଦୀଘାଟରେ ଏକ ନୂତନ ବୋଟ୍ ଦିଆଯିବ ବୋଲି ପ୍ରକାଶ କରିଛନ୍ତି । ପ୍ରଶାସନ ବେଳ ହୁଁ ସାବଧାନ ନ ହେଲେ କେତେବେଳେ ଯେ ଅଘଟଣ ଘଟିବ ତାହା କହିବା ମୁସ୍କିଲ ।

# ନିୟନ୍ତ୍ରଣରେ ଭିମସାର ସଂକ୍ରମଣ

ସମ୍ବଲପୁର/ବୁର୍ଲା ,୨୭/୧୧ (ନି.ପ୍ର): ବୁର୍ଲା ଭିମ୍ସାରରେ ହୋଇଥିବା କରୋନା ବିସ୍ଫୋରଣ କ୍ରମଶଃ ନିୟନ୍ତ୍ରଣକୁ ଆସୁଛି। ପ୍ରଥମ ଦିନ ୨୨, ଦ୍ୱିତୀୟ ଦିନ ୩୪, ତୃତୀୟ ଦିନ ୫୧, ଚତୁର୍ଥ ଦିନ ୫୫କୁ ବୃଦ୍ଧି ପାଇଥିବା ସଂକ୍ରମିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପଞ୍ଚମ ଦିନରେ ସେହି ୫୫ରେ ସ୍ଥିର ରହିଥିବା ଭିମସାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶୁକ୍ରବାର ଭିମସାର ଛାତ୍ରଛାତ୍ରୀଙ୍କ କୌଣସି ନୂଆ ସଂକ୍ରମଣ ମାମଲା ସାମ୍ନାକୁ ଆସିନଥିବା ଭିମସାର ଅଧୀକ୍ଷକ ପ୍ର. ଲାଲ୍‌ମୋହନ ନାୟକ କହିଛନ୍ତି। କେବଳ ଏକ ଛାତ୍ରାବାସର ଜଣେ ସଫେଇ କର୍ମଚାରୀ ସଂକ୍ରମିତ ହୋଇଥିବା ସେ କହିଛନ୍ତି। ଅପରପକ୍ଷେ ଶୁକ୍ରବାର ରାଜ୍ୟ ମୁଖ୍ୟ ଶାସନ ସଚିବ ସମ୍ବଲପୁର ଓ




ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନସିଂ ଜରିଆରେ କରୋନା ସଂକ୍ରମଣ ପ୍ରସଂଗରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହାପରେ ସମ୍ବଲପୁର ଜିଲ୍ଲାପାଳ ଶୁଭମ୍ ସକ୍‌ସେନା ଭିଡିଓ କନ୍‌ଫରେନ୍‌ସିଂରେ ଭିମସାରର ସମସ୍ତ ପ୍ରମୁଖ ପଦାଧିକାରୀଙ୍କ ସହ ସଂକ୍ରମଣ ରୋକିବା ଓ ପରବର୍ତ୍ତୀ ସତର୍କତାମୂଳକ ପଦକ୍ଷେପ ଗୁଡ଼ିକ ସଂପର୍କରେ ଆଲୋଚନା କରିଥିଲେ। ସଂକ୍ରମଣ ରୋକିବାକୁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଭିମସାର କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ମଧ୍ୟ କରୋନା କଟକଣା କଡ଼ାକଡ଼ି ପାଳନ କରିବା, ସଂକ୍ରମଣ ନ ବଢ଼ିବା ପାଇଁ ଯାହା ଆବଶ୍ୟକ କରିବାକୁ ପରାମର୍ଶ ଦେବା ସହ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ୧୩ ଓ ୧୪ ତାରିଖରେ ଭିମସାରରେ ଆୟୋଜିତ ଛାତ୍ର ସଂସଦ ବାର୍ଷିକ ଉତ୍ସବ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂକ୍ରମଣ ବ୍ୟାପିଥିଲା। ଏକଦା ଶୂନର ନିମ୍ନତମ ସ୍ତରକୁ ପହଞ୍ଚି ସାରିଥିବା ସମ୍ବଲପୁର ଜିଲ୍ଲାର ଦୈନିକ ସଂକ୍ରମଣ ହଠାତ୍ ଉର୍ଦ୍ଧ୍ୱଗାମୀ ହୋଇଥିଲା। ଏହା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା।

# ଚମକପୁର୍ ସର୍କାରୀ ବାଳିକା ବିଦ୍ୟାଳୟରେ ୨୬ ଜଣ ଛାତ୍ରୀ କରୋନା ଆକ୍ରାନ୍ତ ଚିହ୍ନଟ




ରାଇରଙ୍ଗପୁର,୨୭/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଠାରେ ଥିବା ଚମକପୁର ଆବାସିକ ଆଦିବାସୀ ବାଳିକା ବିଦ୍ୟାଳୟରେ ୨୬ ଜଣ ଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇଥିବାର ଜଣାଯାଇଛି । ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାର ଖବର ମିଳିଛି । ଶନିବାର ଉକ୍ତ ବିଦ୍ୟାଳୟକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଉପଜିଲ୍ଲାପାଳ ଡ.ରଜନୀକାନ୍ତ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ଡ଼ାକ୍ତରୀ ଟିମ ବିଦ୍ୟାଳୟରେ ପହଞ୍ଚିବେ। ସେଠାରେ ଜଣେ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆକ୍ରାନ୍ତ ଛାତ୍ରୀମାନଙ୍କର ଚିକିତ୍ସା କରାଯିବା ସହ ସେଠାରେ ଏକ ଆମ୍ବୁଲାନ୍ସ ରହିବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଆବାସିକ ବିଦ୍ୟାଳୟରେ ମୋଟ ୨୫୯ ଜଣ ଛାତ୍ରୀ ରହି ପାଠ ପଢୁଥିବା ବେଳେ ୨୦ ଜଣ କର୍ମଚାରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ କିଛିଦିନ ପୂର୍ବରୁ କେତେକ ଛାତ୍ରୀ ଅସୁସ୍ଥ ରହିବାରୁ ଗତ ଗୁରବାର ଦିନ ସେମାନଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨ ଜଣ କରୋନା ପଜିଟିଭ ଥିବାର ଜଣା ଯାଇଥିଲା। ଶୁକ୍ରବାର ମଧ୍ୟ ୪ ଜଣ ଛାତ୍ରୀ କରୋନାରେ ଆକ୍ରାନ୍ତ ଥିବା ପରୀକ୍ଷାରୁ ଜଣାପଡ଼ିବା ପରେ ଶୁକ୍ରବାର ସୁଦ୍ଧା ମୋଟ ୨୬ ଜଣ ଛାତ୍ରୀ ଆକ୍ରାନ୍ତ ଥିବାର ଜଣା ପଡ଼ିଛି। ୧୫ ଜଣଙ୍କ ସ୍ୱାବ ଟେଷ୍ଟ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଛି। ସମସ୍ତ ଚିହ୍ନଟ ଆକ୍ରାନ୍ତମାନଙ୍କୁ ବିଦ୍ୟାଳୟ ପରିସରରେ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। କରୋନା ପଜିଟିଭ ବାହାରିବା ପରେ ଅନ୍ୟ ଛାତ୍ରୀ ଓ ଅଭିଭାବକମାନେ ଆଶଙ୍କା ମଧ୍ୟରେ ରହିଛନ୍ତି।

# ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ୨୪ଟି ଶିଳ୍ପ ଲଗାଇଛନ୍ତି ପ୍ରଦୂଷଣ ପର୍ଯ୍ୟବେକ୍ଷଣ କ୍ୟାମେରା



ଭୁବନେଶ୍ୱର ,୨୭/୧୧ (ନି.ପ୍ର): ରାଜ୍ୟର ୧୪୫ଟି ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପଙ୍କ ମଧ୍ୟରୁ ମାତ୍ର ୨୪ଟି ସଂସ୍ଥା ଉଚ୍ଚ କ୍ଷମତା ସଂପନ୍ନ ପ୍ରଦୂଷଣ ପର୍ଯ୍ୟବେକ୍ଷଣ କ୍ୟାମେରା ଲଗାଇଛନ୍ତି। ସେସବୁକୁ ୱେବ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ନିରୀକ୍ଷଣ ସହ ସଂଯୋଜିତ କରାଯାଇଛି। ୬୧ଟି ଶିଳ୍ପରେ କ୍ୟାମେରା ସ୍ଥାପନ କାର୍ଯ୍ୟ ଚାଲୁ ରହିଛି। ବଳକା ୬୦ ସଂସ୍ଥା ଏ ପର୍ଯ୍ୟନ୍ତ ପ୍ରଦୂଷଣ ପର୍ଯ୍ୟବେକ୍ଷଣ କ୍ୟାମେରା ଲଗାଇ ନାହାନ୍ତି। ତେଣୁ ନିର୍ଦ୍ଧାରିତ ସମୟରେ କ୍ୟାମେରା ସ୍ଥାପନ ଓ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ସଂଯୋଜନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିଚାଳନା ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ବୋର୍ଡର ସଭାଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କାର୍ଯ୍ୟର ସମୀକ୍ଷା କରି ଶ୍ରୀ ମହାପାତ୍ର କହିଥିଲେ ହୀରାକୁଦ ଜଳଭଣ୍ଡାର ନିକଟରେ ଆଲୁମିନିୟମ୍ ପ୍ଲାଣ୍ଟ ରହିଛି। ଶିଳ୍ପମାନଙ୍କରୁ ନିର୍ଗତ ହେଉଥିବା ଫ୍ଲୋରାଇଡର ବୈଜ୍ଞାନିକ ବିଘଟନ ସଂପୃକ୍ତ ଶିଳ୍ପ ସଂସ୍ଥାର ପରିସର ଭିତରେ ନିଶ୍ଚିତ କରିବା ଓ ବିଘଟନ ପ୍ରକ୍ରିୟାରେ ଯେପରି ଭୂତଳ ଜଳ ସଂକ୍ରମିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଶିଳ୍ପ ସଂସ୍ଥା ଓ ପ୍ରଦୂଷଣ ବୋର୍ଡର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗୋବର୍ଦ୍ଧନପୁର ବ୍ୟାରେଜ ଦଳମୟ: ବିଲକୁ ପାଣି ଯାଉନି

ପୁରୀ,୨୭/୧୧ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ବ୍ୟାରେଜ ଅଂଚଳର ଚାଷୀଙ୍କ ପାଇଁ ଲାଇଫ ଲାଇନ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକି ବଲ୍ଲଭ ପଟ୍ଟନାୟକ, ଉପ ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ଚଉଦ ମୌଜା ଚାଷୀଙ୍କ ପାଇଁ ବ୍ୟାରେଜ ନିର୍ମାଣ କରି କେନାଲ ଜରିଆରେ ବିଲକୁ ପାଣି ଛାଡ଼ିବା ବ୍ୟବସ୍ଥା କରିଥିଲେ । ଏବେ ସେହି ବ୍ୟାରେଜକୁ ଅଣଦେଖା କରିବା ସହ ଭାର୍ଗବୀ ନଦୀରେ ଭାସି ଆସୁଥିବା କଳିକତି ଦଳ ଏଠାରେ ଲାଗି ରହୁଛି । ଯାହାଫଳରେ ଜଳ ନିଷ୍କାସନରେ ବ୍ୟାଘାତ ସୃଷ୍ଟି ହେବା ସହ ପଟୁ ଜମିରେ ନଦୀ ଦିନକୁ ଦିନ ପୋତି ହେବାରେ ଲାଗିଛି । ବ୍ରହ୍ମଗିରି ଅଂଚଳରେ ବର୍ଷା ଦିନିଆ ଧାନ ଚାଷ ଜଳବନ୍ଦୀ ଯୋଗୁଁ ହୋଇପାରୁ ନାହିଁ। ଚାଷୀମାନେ ଖରା ଦିନିଆ ଧାନ ଚାଷ କରୁଛନ୍ତି। ଏଥିପାଇଁ କେନାଲ ପାଣି ଆବଶ୍ୟକ ହେଉଥିବା ବେଳେ ଭାର୍ଗବୀ ନଦୀରୁ ପାଣି କେନାଲକୁ ଯାଉନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ, ଜନନେତା, ଜଳସେଚନ ବିଭାଗ, ଡ୍ରେନେଜ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସେହି ଅଂଚଳର ଚାଷୀ ନେତା ଦୁର୍ଗାମାଧବ ତ୍ରିପାଠୀ, ପର୍ଶୁରାମ ପ୍ରଧାନ, ଆନନ୍ଦ ପ୍ରଧାନ, ଅର୍ଜୁନ ସାହୁ, ପ୍ରକାଶ ମଙ୍ଗରାଜ, ସୁଧାଂଶୁ ପ୍ରଧାନ, ରାମଚନ୍ଦ୍ର ଦାସ, ବିକାଶ ମଙ୍ଗରାଜ, କରୁଣାକର ମଙ୍ଗରାଜ, ରାଜେଶ ଜେନା, ରଂଜନ ଦାସ, ବୁଦ୍ଧେଶ୍ୱର ଦାସ, ପ୍ରକାଶ ମଲ୍ଲିକ, ମନ୍ମଥ ଦାସ, ଅମୀୟ ରଂଜନ ମଙ୍ଗରାଜ, ସୃଷ୍ଟିଧର ମଙ୍ଗରାଜ, ପଦ୍ମନାଥ ବାରିକ , ରତିକାନ୍ତ ମଙ୍ଗରାଜ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଦାବି କରିଛନ୍ତି । ସାତ ଦିନ ମଧ୍ୟରେ ଏହି ସମସ୍ୟା ସମାଧାନ ନହେଲେ ରାସ୍ତା ରୋକ ସହ ହରତାଳ କରିବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି ।

# ଫୋର୍ବସ୍ ଇଣ୍ଡିଆ ଶକ୍ତିଶାଳୀ ମହିଳା ତାଲିକାରେ ସୁନ୍ଦରଗଡ଼ର ମାତିଲଦା



ସୁନ୍ଦରଗଡ଼ : ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଭାବେ ମହାମାରୀ କରୋନା ମୁକାବିଲାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସୁନ୍ଦରଗଡ଼ର ଆଦିବାସୀ ମହିଳା ମାତିଲଦା କୁଲୁ ସମ୍ମାନଜନକ ଫୋର୍ବସ୍ ଇଣ୍ଡିଆ ଶକ୍ତିଶାଳୀ ମହିଳା ତାଲିକାରେ ସ୍ଥାନ ପାଇଛନ୍ତି। ଗତ ୧୫ ବର୍ଷ ଧରି ଜିଲ୍ଲାର ବଡ଼ଗାଁ ତହସିଲ ଗରଗଡ଼ବାହାଲ ଗାଁର ଆଶାକର୍ମୀ ଭାବେ କାର୍ଯ୍ୟ କରି ଆସୁଥିବା ୪୫ ବର୍ଷୀୟା ଏହି ମହିଳା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବା ଏବଂ ଅଞ୍ଚଳରୁ ଅନ୍ଧବିଶ୍ୱାସ ସହ ଜାତିବାଦ, ଅସ୍ପୃଶ୍ୟତା ପରି ଘୃଣ୍ୟପ୍ରଥାକୁ ଦୂର କରିବା ପାଇଁ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛନ୍ତି। ତେବେ କୋଭିଡ୍ ଯୋଦ୍ଧା ଭାବେ ଏହି ତାଲିକାରେ ସ୍ଥାନ ପାଇଥିବା ମାତିଲଦା ବିଭିନ୍ନ କ୍ଷେତ୍ରର ସେବାମୂଳକ କାର୍ଯ୍ୟରେ ନିୟୋଜିତ ବା ନିମଗ୍ନ ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଅନନ୍ୟ ଉଦାହରଣ ସାଜିଛନ୍ତି। ମାତିଲଦାଙ୍କ ଦିନଚର୍ଯ୍ୟା ସକାଳ ୫ଟାରୁ ଆରମ୍ଭ ହୋଇଥାଏ। ସକାଳୁଆ ନିତ୍ୟକର୍ମ ସରିବା ପରେ ପ୍ରଥମେ ସେ ଘରକାମ ଶେଷକରନ୍ତି। ପରିବାରର ୪ଜଣ ସଦସ୍ୟଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ସହ ଗୋରୁମାନଙ୍କୁ ଖାଇବାକୁ ଦିଅନ୍ତି। ଏହାପରେ ତାଙ୍କ ଅସଲ ଜୀବନଯାତ୍ରା ଆରମ୍ଭ ହୋଇଥାଏ। ସାଇକଲରେ ଗାଁ ଭିତରକୁ ଗଡ଼ନ୍ତି। ପ୍ରତିଟି ଦୁଆରକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ସହ ଗ୍ରାମବାସୀଙ୍କୁ କଳାଯାଦୁ ଉପରେ ନିର୍ଭର ନକରି ଉପଯୁକ୍ତ ଚିକିତ୍ସା ପ୍ରଣାଳୀ ଆପଣେଇବା ଦିଗରେ ସଚେତନ କରାନ୍ତି। ଏହିକ୍ରମରେ ସେ ଗାଁର ପ୍ରାୟ ୯୬୪ ଲୋକଙ୍କ ଯତ୍ନ ନେଉଥିବା ଜଣାଯାଏ। ଘର ପରିଦର୍ଶନ ବ୍ୟତୀତ, ଔଷଧ ଯୋଗାଇବା, ପ୍ରସବ ସମୟରେ ମାଆମାନଙ୍କୁ ଡାକ୍ତରଖାନା ନେବା ଓ ଉଭୟ ମା ଓ ନବଜାତ ଶିଶୁଙ୍କ ନିୟମିତ ଯତ୍ନ ନେବା ଆଦି କାର୍ଯ୍ୟ କରିଥାନ୍ତି। କୁଲୁଙ୍କର ଅନ୍ୟାନ୍ୟ ନିୟମିତ କାର୍ଯ୍ୟଗୁଡ଼ିକ ହେଉଛି ଆଣ୍ଟେନେଟାଲ୍ /ପୋଷ୍ଟ ନାଟାଲ୍ ଚେକ୍ ଅପ୍, ପ୍ରତିରୋପଣ, ସାନିଟାଇଜେସନ୍, ସ୍ୱଚ୍ଛତାକୁ ପ୍ରୋତ୍ସାହନ ଦେବା, ପୋଲିଓ, ଅନ୍ୟାନ୍ୟ ଟିକାକରଣ ଓ ବିଭିନ୍ନ ସର୍ଭେ। ଯେଉଁ ସବୁକୁ ସେ ସୂଚାରୁରୂପେ କରି ଆସୁଛନ୍ତି।

# ଔଷଧ ବଣ୍ଟନ ସମୟରେ ଅବଧି ଯାଞ୍ଚ ବାଧ୍ୟତାମୂଳକ

ଭୁବନେଶ୍ୱର ,୨୭/୧୧ (ନି.ପ୍ର): ଅବଧି ଶେଷ ହୋଇଯାଇଥିବା ଔଷଧର ବଣ୍ଟନ ଓ ବ୍ୟବହାର ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ପ୍ରତି ଔଷଧର ଅବଧି ତାରିଖକୁ ଭଲ ଭାବେ ଲେଖିବା ସହିତ ଷ୍ଟୋରକୁ ଔଷଧ ନିଆଗଲା ବେଳେ ଉଭୟ ଅନଲାଇନ୍ ଓ ଅଫଲାଇନ୍‌ରେ ଅବଧି ତାରିଖ ନେଇ ତଥ୍ୟ ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଦିନ ଔଷଧର ଅବଧି ଯାଞ୍ଚ ହେବା ସହିତ ଯେଉଁସବୁ ଔଷଧର ଅବଧି ଆସନ୍ତା ୩ମାସ ଭିତରେ ଶେଷ ହେବ ତାହାକୁ ଅଲଗା ରଖିବାକୁ କୁହାଯାଇଛି। ଜରୁରୀ ସ୍ଥିତିରେ କୌଣସି ଔଷଧର ଆବଶ୍ୟକତା ପଡ଼େ ଓ ଏହାର ବିକଳ୍ପ ଉପଲବ୍ଧ ନ ହୁଏ ତାହାଲେ ସଂପୃକ୍ତ ଔଷଧକୁ ଅବଧି ଶେଷ ହେବା ଯାଏ ବ୍ୟବହାର କରାଯାଇ ପାରିବ। ଔଷଧ ବଣ୍ଟନ ସମୟରେ ମଧ୍ୟ ଅବଧିର ଯାଞ୍ଚକୁ ବାଧ୍ୟତାମୂଳକ କରାଯାଇଛି। ଏହାସହ ପ୍ରତିମାସରେ ଔଷଧ ଯାଞ୍ଚ କମିଟି ଔଷଧ ଗୁଡ଼ିକର କଡ଼ାକଡ଼ି ଅନୁଧ୍ୟାନ କରିବା ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।



# ପାଣ୍ଡ୍ରିପାଣି ସରପଂଚଙ୍କ ବିୟୋଗରେ ବିଜେଡ଼ି ପକ୍ଷରୁ ଶୋକସଭା

ମାଲକାନଗିରି,୨୭/୧୧ (ନି.ପ୍ର): ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବର୍ତ୍ତମାନର ପାଣ୍ଡ୍ରିପାଣି ସରପଂଚ ଶିବ ଖେମୁଡୁଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ମର୍ମାହତ । ତାଙ୍କର ଆମର ଆତ୍ମାର ସଦଗତି ନିମନ୍ତେ ଆଜି ମାଲକାନଗିରି ଜିଲ୍ଲା ସର୍କିଟ ହାଉସ୍ ଠାରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ କର୍ମକାର୍ତ୍ତାଙ୍କ ଉପସ୍ଥିତିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

ଏଥିରେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ପର୍ଯ୍ୟବେକ୍ଷକ ପ୍ରକାଶ ଡାଙ୍ଗ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସାଂଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି, ବରିଷ୍ଠ ନେତା ପ୍ରଫୁଲ ପଣ୍ଡା, ପୂର୍ବତନ ସାଧାରଣ ସମ୍ପାଦକ ପ୍ରୀତପଲ ସିଂ, ବୁନା ଭାଇ, ଡ଼ନେଲ ପୋଟଲା, ସାଂସଦ ପ୍ରତିନିଧି ମନୋଜ ବାରିକ, ହୃଦାନନ୍ଦ ସାହୁ, ସର୍ବ ବିଶୋଇ, ଜଗବନ୍ଧୁ ପଡ଼ିଆରୀ, ବିଜେଡିର ସକ୍ରିୟ କର୍ମୀ କେ. ରାହୁଲ, ରବି ରାଜେଶ, ରାଜ ନାୟକ, ଟି. ମୁତ୍ୟାଲୁ, ବରିଷ୍ଠ ସାମ୍ବାଦିକ କେଶବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ - ୫୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସ୍କୁଲ ସବ୍‌ଇନ୍‌ସପେକ୍ଟର ଥିଲେ ଶ୍ରୀ ନାରାୟଣ ନନ୍ଦ ଓ ମଧ ଇଂରାଜୀ ସ୍କୁଲର ହେଡ୍‌ମାଷ୍ଟର ଥିଲେ ଜୟକୃଷ୍ଣ ମହାପାତ୍ର ଓ ହେଡପଣ୍ଡିତ ଶ୍ରୀ ଭଗତଚରଣ ମହାନ୍ତି । ଏମାନେ କଟକ ଅଞ୍ଚଳର । ଏମାନଙ୍କ ଉତ୍ସାହ, ମୋ ସହିତ ସମପ୍ରାଣତା ଓ ଅଦମ୍ୟ ଚେଷ୍ଟାରେ ତିନିବର୍ଷ ମଧ୍ୟରେ ଷ୍ଟେଟରେ ଛାତ୍ରସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ହୋଇଥିଲା । ଏମାନେ କଟକ ଅଞ୍ଚଳରୁ ଶ୍ରୀ ଦୁର୍ଗାଚରଣ ଦାସ, ଶ୍ରୀ ପ୍ରାଣନାଥ ମିଶ୍ର ପ୍ରଭୃତି ଜଣକେତେ ପ୍ରବୀଣ ଶିକ୍ଷକ ଅଣାଇ ମଫସଲରେ ରଖାଇଥିଲେ । ଏମାନଙ୍କ ଯତ୍ନରେ ବଣେଇଗଡ଼ସ୍ଥ ମଧ ଇଂରେଜି ସ୍କୁଲ ଛଡ଼ା ମଫସଲ ଅଞ୍ଚଳର ସ୍କୁଲ ସମୂହରେ ପୁରସ୍କାର ବିତରଣୀ ସଭାମାନ ଅନୁଷ୍ଠିତ ହୋଇ ଉକ୍ତ ସଭାମାନଙ୍କୁ ସେହି ଅଞ୍ଚଳର ଅଭିଭାବକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଡକାଇ ନାନାପ୍ରକାର ଆମୋଦପ୍ରମୋଦର ବ୍ୟବସ୍ଥା କରାହେଲା । ଏ ସମସ୍ତ ଅଭିଯାନରେ ବଣେଇଗଡ଼ର ଗଣେଶ୍ୱର ଗୌନ୍ତିଆ, ଯଦୁମଣି ପୁରୋହିତ ପ୍ରମୁଖ କେତେକ ବ୍ୟକ୍ତି, ଜାଙ୍ଗଡ଼ା ଗ୍ରାମର ରଘୁନାଥ ବିଶ୍ୱାଳ ଓ ରଘୁନାଥ ଗୌନ୍ତିଆ ଓ ତେଣ୍ଡରା ଗ୍ରାମର ଗୟାଧର ଦେଶ ପ୍ରଧାନଙ୍କ ଉତ୍ସାହ ଉଲ୍ଲେଖଯୋଗ୍ୟ ।

ଅନୁନ୍ନତ ଅସ୍ପୃଶ୍ୟ ଶିକ୍ଷାଭିଳାଷୀ ବାଳକମାନଙ୍କୁ ସୁଦ୍ଧା ଆଣି ଉଚ୍ଚ ଜାତୀୟ ପିଲାଙ୍କ ସଙ୍ଗେ ବସାଇବା ବ୍ୟବସ୍ଥା କଲି । ଏହା ପୂର୍ବେ ବଣେଇରେ ଏପରି କେବେ ହୋଇନଥିଲା । ଏହି ପ୍ରକାରେ ଲୋକଙ୍କ ମଧ୍ୟରେ ଶିକ୍ଷାପ୍ରତି ଅନୁରାଗ ଓ ଉତ୍ସାହ ସୃଷ୍ଟି କରିବା ସକାଶେ ନାନା ଉପାୟ ଅବଲମ୍ବନ କରିବାକୁ ହେଉଥିଲା । ତଥାପି ଭୁୟାଁ ଅଞ୍ଚଳରେ ସ୍କୁଲ ବସାଇବା ଅତ୍ୟନ୍ତ କଷ୍ଟସାଧ ହୋଇଥିଲା । ଯେଉଁ ଗୋଟାଏ ଦୁଇଟା ସ୍କୁଲ ଆରମ୍ଭ କରାହୋଇଥିଲା ତହିଁରେ କେହି ଉପସ୍ଥିତ ନହେବାରୁ ବାଧହୋଇ ସେ ସବୁ ବନ୍ଦ କରିବାକୁ ହୋଇଥିଲା । ବଣେଇରେ କୁକୁଡ଼ା ଲଢ଼େଇ ଏକ ପ୍ରଧାନ ବ୍ୟସନ । କୁକୁଡ଼ାର ଗୋଡ଼ରେ ଛୁରୀ ବାନ୍ଧିଦେଇ ସେମାନଙ୍କୁ ଛାଡ଼ି ଦିଆଯାଏ । ପରସ୍ପର ପରସ୍ପର ଉପରେ ଆକ୍ରମଣ କରି ଛୁରୀ ଆଘାତରେ ସେମାନଙ୍କ ଦେହ ରକ୍ତାକ୍ତ ହୋଇଯାଏ । ଏହା ଏକପ୍ରକାର ଜୁଆଖେଳ । କୁକୁଡ଼ା ଉପରେ ପଇସା ମଧ ବସାଯାଏ । ଯେଉଁ କୁକୁଡ଼ା ଆକ୍ରମଣରୁ କ୍ଷାନ୍ତ ହୋଇ ତୁନି ହୋଇ ରହିଯାଏ ତାହାର ମାଲିକ ତାହା ଉପରେ ପଇସା ସହିତ ହାରିଯାଏ ଓ ଅପର କୁକୁଡ଼ାର ମାଲିକ ତାହା ପାଏ । ଏହି ଜୁଆଖେଳରେ ପ୍ରାୟ ସମସ୍ତ ଶ୍ରେଣୀର ଲୋକେ ଯୋଗଦିଅନ୍ତି । ସ୍କୁଲ ଥିବା ଗ୍ରାମରେ କୁକୁଡ଼ା ଲଢ଼େଇ ଆରମ୍ଭ ହେଲେ ସେହିଦିନ ସ୍କୁଲ ବନ୍ଦ ହୋଇଯାଏ । ଏହି ନୃଶଂସ ଖେଳକୁ ମୁଁ ବନ୍ଦ କରିଦେଲି ଓ ଜୁଆଖେଳ ଆଇନ ଅନୁସାରେ ଏହା ଦଣ୍ଡନୀୟ ହୋଇଥିବାରୁ ଖେଳାଳିମାନଙ୍କୁ ଦଣ୍ଡଦେଲି । ଏହା ମଧ ମୋ ବିରୁଦ୍ଧରେ ପଲିଟିକାଲ୍ ଏଜେଣ୍ଟଙ୍କଠାରେ ଅଭିଯୋଗର କାରଣ ହୋଇଥିଲା । ତଥାପି ମୁଁ ମୋର କର୍ତ୍ତବ୍ୟରୁ କ୍ଷାନ୍ତ ନହୋଇ ପ୍ରବଳ ଉତ୍ସାହ ସହକାରେ ଏଥିରେ ଅଗ୍ରସର ହେଲି ଓ ଶିକ୍ଷାବିସ୍ତାରୋଦ୍ୟମର ଅମୃତମୟ ଫଳ ମୁଁ ୧୯୨୭ ମସିହାରେ ବଣେଇ ତ୍ୟାଗକରିବା ପୂର୍ବେ ହୃଦୟଙ୍ଗମ କଲି ।

କେତେକ ବର୍ଷ ହେଲା ବଣେଇଗଡ଼ରେ ହାଇସ୍କୁଲ ସ୍ଥାପିତ ହୋଇଅଛି । ଜଣକେତେ ବଣେଇ ଅଧିବାସୀ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ଉଚ୍ଚ ସରକାରୀ କାର୍ଯ୍ୟରେ ମଧ ନିଯୁକ୍ତ ହୋଇଅଛନ୍ତି । ଆଜି ଏମାନଙ୍କୁ ଦେଖିଲେ ଓ ଏମାନଙ୍କ ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ବିଷୟ ଶୁଣିଲେ ମୋର ହୃଦୟ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠେ ଓ ଅତୀତ ସ୍ମରଣକରି ମନେହୁଏ, ମନୁଷ୍ୟର ସଦୁଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟାବଳୀର ଅନ୍ତିମ ପରିଣତି ସର୍ବକ୍ଷେତ୍ରରେ ଶୁଭଙ୍କର ।

ପ୍ରବଳ ଉତ୍ସାହ ଓ ଉନ୍ମାଦନା ସହକାରେ ବଣାଇରେ ଦେଓ୍ୱାନି କାର୍ଯ୍ୟ ଚାଲିଥାଏ । ପ୍ରଜାଙ୍କ ପକ୍ଷରେ କୌଣସି ପ୍ରକାର ଜଟିଳତାପୂର୍ଣ୍ଣ ସମସ୍ୟା ନାହିଁ । ସରକାର ମୋତେ ଯେଉଁ ବିଷମ ପରିସ୍ଥିତିରେ ରଖି ଦେଇଅଛନ୍ତି କେବଳ ସେହି ବିଷୟ ଭାବନାରେ ବେଳେ ବେଳେ ମୁଁ ଅସ୍ଥିର ହୋଇପଡୁଥାଏ । ଭାବେ, ସରକାରଙ୍କ ଏହା କେଉଁ ନୀତି । ବିଦେଶୀୟ ଶାସକଗଣ ଶାସନ କାର୍ଯ୍ୟରେ ଯେତେ ପ୍ରବୀଣ ହୁଅନ୍ତୁ ନା କାହିଁକି ଭାରତବର୍ଷୀୟ ନାନା ଶ୍ରେଣୀ, ନାନା ଧର୍ମଭାବ, ନାନା ମନୋବୃତ୍ତି ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ବନ୍ଧରେ ସେମାନଙ୍କ ଅନଭିଜ୍ଞତା ଯୋଗୁଁ ନାନା ସ୍ଥାନରେ ନାନା ଅପ୍ରୀତିକର ଘଟଣାମାନ ସଂଘଟିତ ହୋଇଥାଏ । ରାଜାଙ୍କୁ ସର୍ବ କ୍ଷମତାରୁ ଚ୍ୟୁତକରି ସରକାର ତାଙ୍କ ଭୃତ୍ୟ ଦେଓ୍ୱାନ ହସ୍ତରେ ସେ ସମସ୍ତ ଅର୍ପଣକରି ଦେଇଅଛନ୍ତି । ଅଥଚ ପୁରୋହିତ, ପରିଜନ, ପ୍ରଜା ପରିବୃତ 'ଭୋଗୀବ ମନ୍ତ୍ରୌଷଧିରୁଦ୍ଧବୀର୍ଯ୍ୟଃ' ରାଜାଙ୍କୁ ସେମାନଙ୍କ ମଧ୍ୟରେ ରଖିଦେଇଅଛନ୍ତି । ସରକାରଙ୍କ ଶାସନକୁ ପଣ୍ଡ କରିବେ ବୋଲି ରାଜା ପ୍ରକାଶ୍ୟଭାବରେ ଘୋଷଣାକରି ମୋତେ ମୋର କାର୍ଯ୍ୟାବଳୀ ତଦନୁସାରେ ନିୟନ୍ତ୍ରଣ କରିବା ସକାଶେ ଯେଉଁ ସଦୁପଦେଶ ବନ୍ଧୁଭାବରେ ଦେଇଅଛନ୍ତି ତାହାଯୋଗୁଁ ଯେତେ ସତର୍କତା ଅବଲମ୍ବନ କଲେ ସୁଦ୍ଧା ଭୀଷଣ ଅଶାନ୍ତି ମଧ୍ୟରେ ରାଜକାର୍ଯ୍ୟ କରିବାକୁ ହେଉଅଛି । ଭୟ ହେଉଥାଏ, କେତେବେଳେ ଅପ୍ରତ୍ୟାଶିତ ଭାବରେ କେଉଁ ଅପ୍ରୀତିକର ଘଟଣା ଆସି ଉପସ୍ଥିତ ହୋଇଯିବ । କେତେ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେଉଅଛି । ଏକାକୀ ବସିରହିବା ମଧ ଉପାୟ ନାହିଁ । ଏକ ପକ୍ଷରେ ସ୍ଥାନୀୟ ଲୋକଙ୍କ ଅଭାବ ଅଭିଯୋଗାଦି ପ୍ରତ୍ୟକ୍ଷ ଭାବରେ ନଶୁଣିଲେ ଲୋକଙ୍କ ମଧ୍ୟରେ ଅପ୍ରିୟତା ଅର୍ଜନ କରିବାକୁ ହେବ । ପୁଣି କର୍ତ୍ତବ୍ୟ ସମ୍ପାଦନରେ ମଧ ତ୍ରୁଟି ହେବ । ଅପରପକ୍ଷରେ ଭୟ । କିଏ କିଭଳି ଲୋକ । ରାଜାଙ୍କ ପକ୍ଷରୁ କେହି ବା ମୋ ଗତିବିଧି ଗୋପନରେ ପର୍ଯ୍ୟବେକ୍ଷଣ କରୁଅଛନ୍ତି । ରାଜାସାହେବ ବେଳେ ବେଳେ ମୋ ବସାକୁ ଆସି ଖୁସିଗଳ୍ପ କରନ୍ତି । ମୋର ତ ପିଲାଦିନରୁ ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନଙ୍କ ପୁରାତନ ରଚନାପ୍ରତି ଅନୁରାଗ ଥାଏ ଓ ଭିନ୍ନ ଭିନ୍ନ ଗ୍ରନ୍ଥରୁ ଛାନ୍ଦମାନ କଣ୍ଠସ୍ଥ ଥାଏ ଓ ରାଗରାଗିଣୀରେ ବୋଲିବାକୁ ସୁଖଲାଗେ । ରାଜା ସାହେବଙ୍କର ମଧ ତତ୍‌ପ୍ରତି ଆଗ୍ରହ କମ୍ ନଥାଏ । ତହିଁରୁ ଛନ୍ଦୋବଦ୍ଧରେ ମୋ ମୁଖରୁ ଆଗ୍ରହ ସହକାରେ ଶୁଣନ୍ତି । ପ୍ରତିବର୍ଷ ଚୈତ୍ର ସଂକ୍ରାନ୍ତିରୁ ଆରମ୍ଭ କରି ମାସାବଧିକାଳ ଚଡ଼କ ପୂଜା ସହିତ ଛଉନାଚ ଚାଲେ । ସେହି ସମୟରେ ଗଡ଼ରେ ବହୁଲୋକଙ୍କ ସମାବେଶ ହୁଏ । ରାଜାସାହେବଙ୍କ ଜ୍ଞାତି ବନ୍ଧୁମାନେ ସୁଦ୍ଧା ନିମନ୍ତ୍ରିତ ହୋଇଆସନ୍ତି । ତାଳଚେର ଓ ଅନ୍ୟାନ୍ୟ ଗଡ଼ଜାତ ରାଜ୍ୟମାନଙ୍କରୁ ଭିକ୍ଷାଶୀ ବ୍ରାହ୍ମଣମାନେ ଆସି ସେମାନଙ୍କ ମଧ୍ୟରୁ କୁଣ୍ଡଳୀ, ବଳୟୀ, ଘନ ଚନ୍ଦନ ଚର୍ଚ୍ଚିତ ଭଦ୍ରବେଶୀ କେହି କେହି 'ଆହେ ଭ୍ରଥଚନ୍ଦ୍ର ହେ, କେତେ ତୁମ୍ଭ ଗାଇବି ଗୁଣ' ପ୍ରଭୃତି ସ୍ତୋକପୂର୍ଣ୍ଣ କବିତା ଆବୃତ୍ତି କରି ଭିକ୍ଷା ଗ୍ରହଣ କରିଯାନ୍ତି । ଦିନକର ଅଭାବନୀୟ ଘଟଣା । କି ସର୍ବନାଶ ! ଅଜ୍ଞାତସାରରେ ଜଣେ ରାଜାଙ୍କ ପ୍ରତି ଅଶିଷ୍ଟ ବ୍ୟବହାରରେ ମ୍ରିୟମାଣ ହେଲି । ଦିନେ ରାଜାସାହେବଙ୍କ ସହିତ ତାଳଚେରର ସ୍ୱର୍ଗୀୟ ରାଜା (ବର୍ତ୍ତମାନ ରାଜାଙ୍କ ପିତା) ଫାଟକ ବାହାରେ ମୋଟର ରଖିଦେଇ ମୋ ବସାକୁ ଆସିଲେ ଓ କିଛି ସମୟ ପରେ ଯେତେବେଳେ ଫେରିଯିବାକୁ ବାହାରିଲେ ତାଙ୍କ ଆଗରେ ମୁଁ ଚାଲିଯାଇ ମୋଟରରେ ବସିଥିବା ଚାଳକଙ୍କୁ ସମ୍ବୋଧନ କରି କହିଲି, 'ଡ୍ରାଇଭର ! ଏ ଆଡ଼କୁ ମୋଟର ଘୁରାଇ ଦିଅ ।' ଡ୍ରାଇଭର ଗାଡ଼ି ଘୁରାଇ ଦେଲାରୁ ରାଜାଦ୍ୱୟ ତହିଁରେ ବସିଲେ ଓ ତାଳଚେର ରାଜା "ରାଜାସାହେବ ଚଳାନ୍ତୁ" ବୋଲି ଯେତେବେଳେ କହିଲେ, ମୁଁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ପଚାରି ଜାଣିଲି ଚାଳକ ସ୍ୱୟଂ ଗୋଟିଏ ରାଜ୍ୟର ରାଜା । ରୂପରେଖରୁ ଡ୍ରାଇଭର ଓ ରଜାଙ୍କୁ ଚିହ୍ନି ହେଉନାହିଁ । ଗାଡ଼ି ଚାଲିବା ପୂର୍ବେ ତାଙ୍କ ନିକଟକୁ ଯାଇ କ୍ଷମାଭିକ୍ଷା କଲି । ପରଦିନ ବଣେଇ ରାଜାସାହେବଙ୍କ ସହିତ ରାଜବାଟୀରେ ସାକ୍ଷାତ ସମୟରେ ତାଙ୍କ ସମ୍ବନ୍ଧରେ କେତେ କୌତୁକପୂର୍ଣ୍ଣ କଥା ଶୁଣିଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା
ଭାଗ-୨୬

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**



### ॥ ଭାଗ୍ୟଚକ୍ରରୁ ଏ ମନ ମାନେନା ॥

ଅନେକ ସମୟରେ ଆର୍ଥିକ ଦୁର୍ଗତି ଚଳଚ୍ଚିତ୍ର ନିର୍ମାଣରେ ଅନିଚ୍ଛାକୃତ କଂପ୍ରୋମାଇଜ୍‌କୁ ପ୍ରୋତ୍ସାହିତ କରିଥାଏ । ମୁଁ ବ୍ୟକ୍ତିଗତ ଭାବରେ ଏହାର ଘୋର ବିରୋଧୀ । ଚଳଚ୍ଚିତ୍ର ନିର୍ମାଣ ଏକ ସୃଜନାତ୍ମକ କଳା । ପ୍ରତିଟି ବିଭାଗରେ ବେଶ ସତର୍କତା ଆବଶ୍ୟକ । ତେବେ ପ୍ରାଥମିକ ସ୍ତରରେ ମୋର ଯେଉଁ କେତୋଟି ଚଳଚ୍ଚିତ୍ର ସହ ସଂପୃକ୍ତି ଥିଲା ସବୁଥିରେ ଅର୍ଥ ପ୍ରଧାନ ପ୍ରତିବନ୍ଧକ ସାଜିଥିଲା । ମୋର ଗୀତ ବା ସ୍କ୍ରିପ୍ଟରେ କମ୍ପ୍ରୋମାଇଜ୍ କରିବାକୁ ପଡ଼ିଥିଲା । ଯାହାକି ମତେ ମାନସିକ ସ୍ତରରେ ଅନେକ ଆଘାତ ଦେଇଥିଲା ।

ଭାଗ୍ୟଚକ୍ର ଚିତ୍ର ନିର୍ମାଣକାଳରେ ଏହି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯେଉଁ ମ୍ୟୁଜିକ୍ କଂପାନୀ ସହ ଚୁକ୍ତି କରାଯାଇଥିଲା ଯେ ସେମାନେ ନିଜ ଖର୍ଚ୍ଚରେ ଗୀତ ରେକର୍ଡିଂ କରିବେ ଓ ମ୍ୟୁଜିକର ସ୍ୱତ୍ୱ ନେବେ ସେମାନେ ହଠାତ୍ ରେକର୍ଡିଂ କଷ୍ଟ ଦାବି କରି ବସିଲେ, ଯେଉଁଥିପାଇଁ ପ୍ରଯୋଜକ ଆଦୌ ମାନସିକ ସ୍ତରରେ ପ୍ରସ୍ତୁତ ନଥିଲେ । ମୋର ପ୍ରଯୋଜକ ୰ ସୁଶାନ୍ତ ସାହୁଙ୍କ ସହ ବଂଧୁତ୍ୱ ଥିଲା । ତାଙ୍କ ଭୁବନେଶ୍ୱର ରସୁଲଗଡ଼ସ୍ଥିତ 'ଇମେଜ୍' କାର୍ଯ୍ୟାଳୟରେ ବହୁବାର ବୈଠକ ହୋଇଥିଲା । ଶକ୍ତି ବରାଳଙ୍କୁ ନେଇ ଗୋଟିଏ ଚଳଚ୍ଚିତ୍ରର ପ୍ରଯୋଜନା କରିଥାନ୍ତି । ପ୍ରଯୋଜକ ଅରୁଣ ସାହୁ ଓ ମନ୍ମଥ ମିଶ୍ର (ସାତ ସୁରେ ବନ୍ଧା ଏ ଜୀବନ) ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମୋ ଅନୁରୋଧରେ 'ଭାଗ୍ୟଚକ୍ର' ପାଇଁ ପାଞ୍ଚଲକ୍ଷ ଟଙ୍କା ଯୋଗାଇ ଦେଲେ । ସୁଟିଂ ସୁରୁଖୁରୁରେ ଚାଲିଲା । ମଝିରେ ମଝିରେ ଏପରି ଅବସ୍ଥା ହେଉଥିଲା, ରିଲ୍ କିଣିବା ପାଇଁ ପଇସା ନଥାଏ । ତେଣୁ ସିନ୍‌କୁ କାଟ୍‌ଛାଣ୍ଟ କରି ସିନ୍‌ର ପରିସମାପ୍ତି କରାଯାଉଥିଲା ଯାହାକି ଅନ୍ୟ କଳାକାରମାନଙ୍କୁ ଅସନ୍ତୁଷ୍ଟ କରୁଥିଲା । ସ୍ୱୟଂ ଜୟା ମାଡାମ୍ ଏଥିରେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ ମୋ ସାମ୍ନାରେ ଯଦିଓ ନିର୍ଦ୍ଦେଶକ ଗୋପାଳ ବାବୁ ତାଙ୍କ ସ୍ୱାମୀ ଥିଲେ । ଜୟା ମାମ୍‌ଙ୍କର ପ୍ରଫେସନାଲିଜିମ୍ ଆଟିଚ୍ୟୁଡ ମତେ ବହୁତ ଖୁସି ଦେଇଥିଲା । ପରେ ନାରାୟଣ ପତି ଆର୍ଥିକ ସହଯୋଗ ଯୋଗାଇ ଦେଇ ଚଳଚ୍ଚିତ୍ରଟିକୁ କଂପ୍ଲିଟ୍ କରିବାରେ ସାହାଯ୍ୟ କରଥିଲେ । ସୁଧାକର ବସନ୍ତ ଛଅଗୋଟି ଗୀତର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ପ୍ରଥମ କରି ସୁଧାକର ବସନ୍ତ ନିର୍ଦ୍ଦେଶନା ପ୍ରତି ତାଙ୍କର ଲାଳସା ମୋ ନିକଟରେ ପ୍ରକାଶ କରିଥିଲେ ଯାହାକି ପରବର୍ତ୍ତୀ କାଳରେ ତାଙ୍କୁ ନିର୍ଦ୍ଦେଶକ ବନାଇବାରେ ମୋର ପରୋକ୍ଷ ଭୂମିକା ଥିଲା ।

ଏସବୁ ଭିତରେ ମୋର ନିର୍ଦ୍ଦେଶକ ଏନ. ପାଢ଼ୀଙ୍କ ସହ ସଂପର୍କ ସ୍ଥାପିତ ହେଲା । ଏନ୍.ପାଢ଼ୀ ମୁମ୍ବାଇରେ ଇନ୍ଦ୍ର କୁମାରଙ୍କ ସମେତ ଅନେକ ନିର୍ଦ୍ଦେଶକଙ୍କ ସହ ସହଯୋଗୀ ଭାବରେ କାର୍ଯ୍ୟ ତୁଲାଇଥିଲେ । ଓଡ଼ିଶାର ସହ ନିର୍ଦ୍ଦେଶକ କୁମାର ଚନ୍ଦ୍ରଶେଖର ତାଙ୍କ ସହଯୋଗୀ ଭାବରେ କାମ କରୁଥାନ୍ତି । କୁମାର ମତେ ପାଢ଼ୀଙ୍କ ସହ ମିଶାଇଥିଲେ । ଏନ୍.ପାଢ଼ୀ ଗୋଟିଏ ଗୁଜୁରାଟୀ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇ ଗୁଜୁରାଟରେ ଚର୍ଚ୍ଚିତ ହୋଇଥାନ୍ତି । ଓଡ଼ିଶାରେ ମହାଶ୍ୱେତାଙ୍କୁ ନେଇ 'ତପସ୍ୟା' ନିର୍ମାଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । କିନ୍ତୁ ତପସ୍ୟା ପ୍ରୋଜେକ୍ଟ ପୂର୍ବରୁ ଅନ୍ୟ ଗୋଟିଏ ଚଳଚ୍ଚିତ୍ରର ପ୍ରସ୍ତୁତି ଆରମ୍ଭ ହୋଇଗଲା । ଏନ୍.ପାଢ଼ୀ ମତେ ପ୍ରଯୋଜକ ବିଜୟ କୁମାରଙ୍କ ସହ ଇଣ୍ଟ୍ରୋଡ୍ୟୁସ କରାଇଲେ । ଏହା ପୂର୍ବରୁ ବିଜୟ ବାବୁ 'ଗୋପରେ ବଢୁଛି କଳା କହ୍ନେଇ' ନିର୍ମାଣ କରିସାରିଥାନ୍ତି ।

ବିଜୟ କୁମାରଙ୍କ ନୂଆପଲ୍ଲୀସ୍ଥିତ ବାସଭବନରେ କାହାଣୀ ପ୍ରସ୍ତୁତି ଚାଲିଲା । 'ବାଜି' ପ୍ରଯୋଜକ ସୁଶାନ୍ତ ଦାସ ତାଙ୍କର ସଂପର୍କୀୟ । ଆମେ ମିଶି ଗୋଟିଏ କାହାଣୀ ଖୋଜିଲୁ । ଡ.ପୂର୍ଣ୍ଣ ମଲ୍ଲିକ ମଧ ଆମକୁ ସହଯୋଗ କଲେ । ତେଲଗୁ ଫିଲ୍ମ 'ଆର୍ଯ୍ୟା'ର କାହାଣୀ ଆମକୁ ବେଶ୍ ପସନ୍ଦ ଆସିଲା । ନାୟିକା ନାୟକଙ୍କୁ ବାରମ୍ବାର 'ଆଇ ହେଟ୍ ୟୁ' କହି ଚାଲିଛି । ତାରି ଭିତରେ ନାୟକ ତାକୁ ଏକ ପାଖିଆ ଭଲ ପାଇ ଚାଲିଛି । ଚମତ୍କାର କାହାଣୀ । ଏହି କାହାଣୀଟି ଆମ ମୁଣ୍ଡରେ ସବାର୍ ହୋଇଗଲା । ସାଉଥ୍‌ରେ ଏହି ଚଳଚ୍ଚିତ୍ରଟିକୁ ପ୍ରଯୋଜନା କରିଥାନ୍ତି ପ୍ରସାଦ ପ୍ରଡକ୍ସନ୍ସ ।

ସ୍କ୍ରିପ୍ଟ ସମୟରେ ଆମେ କେବଳ କାହାଣୀକୁ ଅନୁକରଣ କରିଥିଲୁ । ମାତ୍ର ତାର ସିକ୍ୟୁଏନ୍ସ, ଚରିତ୍ର ଆମ ଅନୁସାରେ ପ୍ରସ୍ତୁତ କରିଥିଲୁ । ଏହି କାହାଣୀରେ ନାୟକ ଚରିତ୍ର ପାଇଁ ଅନୁଭବଙ୍କ ସହ ଯୋଗାଯୋଗ କରାଗଲା । ଅନୁଭବଙ୍କ ଘରେ ସିଟିଂ ବସିଲା । କାହାଣୀ ଶୁଣିବା ମାତ୍ରେ ଅନୁଭବ କହିଲେ ପ୍ରସାଦ ପ୍ରଡକ୍ସନ୍ସ ଏହାର ରିମେକ୍ କରିବାକୁ ଯାଉଛନ୍ତି । ଆମେ ଚିନ୍ତାରେ ପଡ଼ିଗଲୁ । ସେତେବେଳକୁ ସ୍କ୍ରିପ୍ଟ ସରି ମ୍ୟୁଜିକ୍ ସିଟିଂ ଆରମ୍ଭ ହୋଇଗଲାଣି । ପଛକୁ ଫେରିବାର ପ୍ରଶ୍ନ ଉଠୁନି । ଆମେ ସ୍ଥିର କରିନେଲୁ ଏହି କାହାଣୀରେ ଛବି ନିର୍ମାଣ ହେବ । ପ୍ରସାଦ ପ୍ରଡକ୍ସନ୍ସ ମଧ ଅନୁରୂପ ଭାବରେ ନିଜ ବ୍ୟାନର୍‌ରେ ପ୍ରସ୍ତୁତି ଚଳାଇଥାନ୍ତି ଓ ତାଙ୍କର ଓଡ଼ିଶା ପ୍ରତିନିଧିଙ୍କ ଜରିଆରେ ଆମ ଅଗ୍ରଗତି ସଂପର୍କରେ ଟିକ୍‌ନିକ୍ ଖବର ରଖୁଥାନ୍ତି ।

ଆମେ ପ୍ରାୟ ସିକ୍ୟୁଏନ୍ସ ବଦଳାଇ ଦେଲୁ । ଗୀତ ରେକର୍ଡିଂ ହେଲା । ଛଅ ଗୋଟି ସିକ୍ୟୁଏନ୍ସ ପାଇଁ ସମରେନ୍ଦ୍ର ମହାପାତ୍ର, ବିଜୟ କୁମାର, ମୁଁ, ପୂର୍ଣ୍ଣେନ୍ଦୁ ଦାସମହାପାତ୍ର ଗୀତ ଲେଖିଥିଲୁ । ବାସ୍ତବରେ ସ୍ୱରୂପ ଭାଇ ପ୍ରତ୍ୟେକ ଗୀତକୁ ନିଜ ଅନୁସାରେ ସଜାଇ ଥିଲେ । ସବୁ ଗୁଡ଼ିକ ଗୀତ ବେଶ ସ୍ମୃତି ମଧୁର ହୋଇଥିଲା ।

ଅନୁଭବ କୌଣସି କାରଣରୁ ସେ ପ୍ରୋଜେକ୍ଟ କରିପାରିଲେ ନାହିଁ । ଅରିନ୍ଦମ୍ ଓ ବର୍ଷା ଏହାର ଲିଡ୍ ରୋଲ୍‌ରେ ରହିଲେ । ଓଡ଼ିଶାର ବହୁ ଅଭିଜ୍ଞ କଳାକାରଙ୍କୁ ନେଇ ସୁଟିଂ ଆରମ୍ଭ ହେଲା । ଖଣ୍ଡଗିରି ସ୍ଥିତ ଏକ ଅନାଥାଶ୍ରମରେ ଏକ ନିଆରା ଢଙ୍ଗରେ ମହୁରତ ହେଲା । (କ୍ରମଶଃ)

## ସୁରେନ୍ଦ୍ର ପାଣିଗ୍ରାହୀ

### ॥ ପଖିଆ ॥



ଶ୍ରବଣା ପଶିଲେ ଗାଆଁରେ ଘନେଇ ଆସେ
ଖାଲି ଡହକ ଉପରେ ଡହକରେ ଡାକ
ଆଉ ଓଳି ପଟେ ସଂଗାଦେହରୁ ସନ୍ତର୍ପଣରେ
ଓହ୍ଲେଇ ଆସେ ସିଏ ସାଜିବାକୁ ସାଥି
କେତେ ଝଡ଼ି ବରଷା ପାଣିର...

କେତୋଟି ତାଳପତ୍ରକୁ ଭିଡ଼ିମୋଡ଼ି
ଡାମ୍ଫଣରେ ସିଲେଇ ହେଇଥିବା ତାରକସୀ
କାମର ଚମତ୍କାର ଖୋଳପାଟିଏ ଥିଲା ସେ
ଯାହାକୁ ମଥାରେ ଦେଇ ବୋଉ ଘସି ଆଣିବାକୁ
ଯାଉଥିଲା ଘସି ଖଳା ଆଡ଼େ/ ବାପାଙ୍କ ସହ
ରଇତମାନେ ବି ବାହାରି ଯାଉଥିଲେ ବିଲକୁ
ବେଉଷଣ ଲାଗି ଏଥିରୁ ଗୋଟିଏ କରି ମଥାରେ ମୁଣ୍ଡେଇ
ଆଉ ଶାଗୁଣା ଧାନକ୍ଷେତରେ ଏମାନେ ଚାଷକାମ

କଳାବେଳେ ଦୂରରୁ ଲାଗୁଥିଲା ସତେ ଅବା ମାଟିଆ
ଝିଣ୍ଟିକାମାନେ କ୍ଷେତସାରା ବୁଲୁଛନ୍ତି ଧାନର ମାୟାରେ...

ମୋ ଜେଜେ ବଙ୍କୁଲି ମାଡ଼ିରେ ଏହାକୁ ଝୁଲେଇ
ବାହାରି ଯାଉଥିଲେ ଗାଁ ଗଣ୍ଡା, ନ୍ୟାୟ ନିଶାପରେ
ଆଉ ବର୍ଷାଦିନିଆ ସଂଜହେଲେ 'ଭାଗବତ ଟୁଙ୍ଗି' ପିଣ୍ଡାରେ
ମାଟି କାମୁଡ଼ି ଶୋଇ ଏମାନେ ବି/ଖଂଜଣି ତାଳରେ ଶୁଣୁଥିଲେ
'ଓଳଟ ବୃକ୍ଷେ ଖେଳୁଛି ଲୋଟଣି ପାରା' ଗୀତ..

ସ୍କୁଲ ଛୁଟି ହେଲା ପରେ ବେଶ୍ ସଂତର୍ପଣରେ
ବହି ଖାତା କାଖରୁ ଜାକି ଏହାକୁ ମୁଣ୍ଡରେ ଦେଇ
ଯେତେବେଳେ ମୁଁ ଫେରୁଥିଲି ଘରକୁ
ଏହା ଉପରେ ପଡୁଥିବା ବର୍ଷାର ରିମ୍‌ଝିମ୍ ଭିତରେ
ମୁଁ ଶୁଣିପାରୁଥିଲି ମୋ ବୋଉର ନାନାବାୟା ଗୀତ...

ଆଉ ସାରା ଦୁନିଆଁ ବର୍ଷାର ବାଉଳାପଣରେ
ଶୋଇଯାଇଥିଲା ବେଳେ
ପିଣ୍ଡା କୋଣରେ ଏଇ ପଖିଆଟି
ଜଗି ରହିଥିଲା ବିଶ୍ୱସ୍ତ ଜଗୁଆଳିଟେ ଭଳି ।

♥ ସା:ପୋ: ବରି, ଭା: ସିମୁଳିଆ, ଜି: ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

## ରୁନୁ ମହାଂତି

### ॥ ପିଞ୍ଜରା-୨ ॥



ସେତିକି ଝାଇଁଝୋଲା ମାରୁଚି ବୋଲିରେ ପକ୍ଷୀ
ତତେ ମୁଁ ବାହୁନି ବସୁଚି ।
ତୋ' ଭାଗ୍ୟ ତତେ କୋଉଠୁ ନେଇ କୋଉଠି ଥୋଇଚି ।

ଦେବପ୍ରିୟ ପୁଷ୍ପବନରେ ତୁ' ଥିଲୁ ମୋର ସୁନ୍ଦର ଚଢ଼େଇ ।
ତୋ' ଗୀତ ଶୁଣୁଥିଲି ସବୁ ସକାଳରେ
ମୁଁ କ'ଣ କେବେ ଭାବିଥିଲି
ତୁ' ରହିବୁ ଲୁହା ପିଞ୍ଜରା ଭିତରେ ।

ତୋର ମନେଅଛି ନା ମନେନାହିଁ ?
କହିଥିଲି ପରା
ମତେ ପାଖରେ ରଖିବୁ ତୋର ସୁଖର ନୀଡ଼ରେ,
ତୋ' ଦୁଃଖର ଦ୍ୱୀପରେ ।
ତୁ' କହିଦେ' ସେ ଶିକାରୀକୁ
ମତେ ଧରିନେଉ, ମୁଁ ରହିବି ତୋର ପାଶେ
ଯେତେଦିନ ତୁ' ଥିବୁ ପିଞ୍ଜରା ଭିତରେ ।

ହେ ଶିକାରୀ ! ମତେ ଦେଖିଯା'
ବ୍ୟସ୍ତ କାତର ନାଗିନୀ ପରି
ମୁଁ କିପରି ମଥା ପିଟୁଚି ଶୋଣିତ ଶିଳାରେ ।

ହେ ଅଦୃଷ୍ଟ ! ମୁଁ ଏକ ନିଛାଟିଆ ନିରସ ନଳିନୀ
ଶୁଖିପଡ଼ିଚି ଶୁଷ୍କ ସରସୀରେ ।

ସମୁଦ୍ର ପଥରେ, ସଡ଼କ ପଥରେ, ସରଗ ପଥରେ
କି' ସୁଡ଼ଙ୍ଗ ପଥରେ ମୁଁ ଯିବି ମୋ' ପ୍ରିୟ ପାଶକୁ
ମତେ କିଛି ଭଲ ଲାଗୁନାହିଁ ।
ଏ ବୃକ୍ଷ ଲତିକା,
ଏ ବାଲି ଉପତ୍ୟକା,
ଏ ଝାଉଁବନ
ଏ ସମୁଦ୍ର ସ୍ୱନ
ମତେ କିଛି ଭଲ ଲାଗୁନାହିଁ ।

ପାନବରଜ ପାରିହୋଇ...
ପୋଲାଙ୍ଗବଣ ପାରିହୋଇ...
ଭରା ଭାର୍ଗବୀ ପାରିହୋଇ...
ଗିରି, ଗହୀର ପାରିହୋଇ...
ମୁଁ ଯିବି, ମୋ' ପକ୍ଷୀ ପାଖକୁ, ତା' ସ୍ମୃତି ଅପାଶୋରା ।
ମୋ' କପାଳରେ ଏହା ଲେଖାଥିଲାରେ ପକ୍ଷୀ !
ଶେଷରେ ଏହାହିଁ ଦେଖିବି
ଦେଖି ନଥିଲି ଯୋଉଁ ପିଞ୍ଜରା ।

ସେତିକି ସ୍ନେହ ତୁ' ମତେ ଦେଇଚୁ ବୋଲିରେ ପକ୍ଷୀ !
ତତେ ମୁଁ ବହୁତ ଝୁରୁଚି ।
ତୋ' ଗ୍ରହ ତତେ କୋଉଠୁ ନେଇ କୋଉଠି ଗୁଞ୍ଜିଚି ।

ମୁଁ' ସଢ଼ିଯାଉଚିରେ ପକ୍ଷୀ !
ପ୍ରଭୁଂକୁ ପ୍ରାର୍ଥନା କରୁଚି ତୋ' ପହଞ୍ଚ
କେବେ ତୁ' ଫେରିବୁ ପୂର୍ବକୁ ? ଏକ ମୁହାଁ ହୋଇ ।
ମୁଁ ମରିଯାଉଚିରେ ପକ୍ଷୀ !
ଯେବେ ଶୁଣୁଚି, ଏ ଚମ୍ପକ,
କର୍ଣ୍ଣିକାବନକୁ ତୋ' ଫେରିବା ମନା
କହ, ମୁଁ କେମିତି ବଞ୍ଚିବି ?
ମୋର ସବୁ ଗଲା, ଆଉ କାହାର କିଛି ଗଲା ନାହିଁ ।

♥ ଚୁଡ଼ଙ୍ଗସାହି
ମାତା ଗୋସ୍ୱାମୀଲେନ୍, ପୁରୀ-୧



କବିତା.... ଆମ ସମୟର

## ହରିଶ୍ଚନ୍ଦ୍ର ବେହେରା

### ॥ ଆକାଶକୁ ଶୋଭା ପୂନେଇ ଜହ୍ନ ଲୋ ॥



ଆକାଶକୁ ଶୋଭା ପୂନେଇଜହ୍ନ ଲୋ
ଗାଆଁକୁ ନଡ଼ିଆ ଗୁଆ
ପୋଖରୀ ସୁନ୍ଦର ପଦ୍ମ ଫୁଟି ଥିଲେ
ପଞ୍ଜୁରୀକୁ ପୋଷା ଶୁଆ ।୦।

ତୋଟାକୁ ସୁନ୍ଦର ନାନାଜାତି ଫଳ
ବଗିଚା ସୁନ୍ଦର ଫୁଲ
ଭାତକୁ ସୁନ୍ଦର ଭଜା ମୁଗ ଡାଲି
ତା' ସାଥେ ମାଗୁର ଝୋଳ
ଘରକୁ ସୁନ୍ଦର ପତିବ୍ରତା ନାରୀ
କୋଳେ ଖେଳୁଥିଲେ ଛୁଆ ।୧।

ନଈକୁ ସୁନ୍ଦର ଚହଲା ଡଙ୍ଗା ଲୋ
ଜଙ୍ଗଲକୁ ପଶୁ ପକ୍ଷୀ
ଭାଇ ଭଉଣୀର ସମ୍ପର୍କ ମଧୁର
ହାତେ ବାନ୍ଧୁଥିଲେ ରାକ୍ଷୀ
ବନ୍ଧୁବାସ ଘର କୁଣିଆ ସୁନ୍ଦର
ଆସୁଥିଲେ ନୂଆ ନୂଆ ।୨।

ତୁଳସୀ ଚଉରା ସୁନ୍ଦର ଦିଶଇ
ଜଳୁଥିଲେ ସଞ୍ଜ ଦୀପ
ବୁଢ଼ୀ ମାଆ ଆମ ସୁନ୍ଦର ଲାଗଇ
କହୁଥିଲେ ନାନା ଗପ
ଲକ୍ଷ୍ମୀଙ୍କୁ ସୁନ୍ଦର ମୁରୁଜ ଚିତା ଲୋ
ମୁଣ୍ଡେ ଗେଣ୍ଡୁଫୁଲ ଥୁଆ ।୩।

♥ କଲ୍ୟାଣ ନଗର,
ଅଙ୍ଗାରଗଡ଼ିଆ, ବାଲେଶ୍ୱର-୧
(ମୋ) ୯୪୩୭୮୧୩୭୦୮

## ବୃନ୍ଦାବନ ଦାସ

### ॥ ହାରି ଯାଇଛି କବିତା ॥



ସେ ଦୃଶ୍ୟହିଁ
ଚଳିତ ଶତାବ୍ଦୀର ସର୍ବଶ୍ରେଷ୍ଠ ଦୁଃଖ
ସବୁଠୁଁ ଦୁଃଖଦ କବିତା
ତାକୁ ଟପି ନ'ଯାଇ ପାରେ
କିଛି ଲେଖା...।

'ମା'..ମା'...ଉଠ୍ ଯିବା
ଉଠ୍ ...
ଉଠ୍.....ମାଆଆଆ...
ଖାଇବି...ପିଇବି.....
ଅନା .....
ଦ' ଦେ...ପିଇବି...।

କ୍ରୌଞ୍ଚ ପକ୍ଷୀର ମୃତ୍ୟୁ ପରେ
ଇଏ ବୋଧେ
ପୃଥିବୀର ସବୁଠୁ ବଡ
ଛାତିଫଟା ଦୁଃଖ
ମୁଁ ଅସମର୍ଥ ଲେଖିବାକୁ
ନାଚାର ବି,

ଅବୋଧ ଶିଶୁ କାହିଁ ବୁଝିବ
ଯେତେ ବାସ ଆକର୍ଷିଲେ ବି
ଯେତେ ଥନ ଝୁଣିଲେ ବି
ଆଖି ବୁଜି ଦେଇଥିବା ମା' ତା'ର
ଆଉ ଉଠିବନି ..।

ଫାଟିଯାଉଛି ଛାତି
ମୁହଁରୁ ହଜିଯାଉଛି ଭାଷା
ତଟସ୍ଥ
ଶବ୍ଦମାନେ ବି ପାଖ ପଶୁନାହାଁନ୍ତି
ହାରିଯାଇଛି କବିତା ଏଠି ।

ବୋଧେ ସବୁଠୁଁ ବଡ ବିଫଳତା
ଏ ଦୃଶ୍ୟ
ଏ ଘଟଣା ଦେଖିବା ଛଡା
ଶୁଣିବା ଛଡା/ ଅନୁଭବ ଛଡା
ଆଉ କିଛି ନଥାଏ
ଯା'କୁ ନେଇ କବିତାରେ କି ଗପରେ।

ମୁଁ ଅସମର୍ଥ ଲେଖିବାକୁ
କବିତା ମତେ ଆସୁନି
ହଁ, କବିତା ମତେ ଆସୁନି
କେଡେ ହତଭାଗ୍ୟ ସତେ !

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ଡେରାବିଶ କଲେଜ, ଡେରାବିଶ, କେନ୍ଦ୍ରାପଡା-୭୫୪୨୮୯
(ମୋ) ୯୭୭୭୮୪୩୦୩୧

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୮ ନଭେମ୍ବର, ୨୦୨୧


## ପ୍ରେମରେ ପ୍ରେମରେ ଗୀତି ....(୨୫)



### ॥ ସବୁଠି ଲାଗିଛି ନିଆଁ ॥

ସହରଟା ସାରା ଜଳୁଅଛି ପରା
ସବୁଠି ଲାଗିଛି ନିଆଁ,
ଆମରି ପ୍ରେମର ଚର୍ଚ୍ଚା ଚାରିଆଡ଼େ
ଥମିବାର ନାହିଁ ନାଆଁ ।

ଜହ୍ନ ଆଉ କଇଁ ସମ୍ପର୍କକୁ ନେଇ
ଭୁଲି ତ ଗଲେଣି ଲୋକେ,
କବିତାରେ କବି ରଙ୍ଗ ଦେଇ ଛବି
ଆଙ୍କୁଛନ୍ତି ଆମେ ଥୋକେ,
ଧୀରେ ଧୀରେ ନିଆଁ ବ୍ୟାପୁଅଛି ଛାଆଁ
କି ସହର କିବା ଗାଆଁ ।

ନିଘଞ୍ଚ ଅନ୍ଧାରେ ସମ୍ପର୍କର ନୀଡ଼
କିଏ ସେ ଦେଖିଲା ଆମ,
କେଜାଣି କାହିଁକି ଆମ ସଂପର୍କର
ନାଆଁ ଦେଲା ସିଏ ପ୍ରେମ,
ଆମ ଅଜାଣତେ ସହର ଜଳୁଛି
ଆମେ ବି ଜଳୁଛେ ପ୍ରିୟା


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧





## ■ ଆଲୋଚନା ■

# ଦିବ୍ୟଶରଙ୍କ ଦିବ୍ୟ ଦୃଷ୍ଟି

### ସୁବ୍ରତ ପଟ୍ଟନାୟକ



ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଆମର ଅଶେଷ ଧନ୍ୟବାଦ । ଓଡ଼ିଶା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ କଥା ଆମେ କହୁଚେ । ଜାତୀୟ ପ୍ରେସ୍ ଦିବସରେ ସେ ଓଡ଼ିଶାର ସାମ୍ବାଦିକମାନଙ୍କୁ ଦେଇଛନ୍ତି ଏକ ମହତ ଉପଦେଶ । କଳାହାଣ୍ଡି ସନ୍‌ସାଇନ୍ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡରେ ସାମ୍ବାଦିକଗଣ ନିଜର ମତଦେଇ କୌଣସି ଖବର ନ ଛାପିବାକୁ ସେ ଦେଇଛନ୍ତି ପରାମର୍ଶ । ଏହା ପାଳନ କରିବାକୁ ଆମେ ଦେଉଚେ ବଚନ । ତେବେ, ଜଣେ ମୁକ୍ତବୃତ୍ତ ସ୍ତମ୍ଭକାର ଭାବେ ଆମେ କେତୋଟି କଥା ଉଲ୍ଲେଖ କରୁଚେ । ଆମର ଆଶା, ମନ୍ତ୍ରୀ ଦିବ୍ୟଶଙ୍କର ଏହାକୁ ଉଦାର ହୃଦୟରେ ଗ୍ରହଣ କରିବେ ।

ଦିବ୍ୟଶଙ୍କର ଜଣାଇଛନ୍ତି- ସେ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ । ସେହି ଦୃଷ୍ଟିରୁ ମମିତା ହତ୍ୟାକାଣ୍ଡର ତଦନ୍ତ ପୂର୍ବରୁ କୌଣସି ଟିପ୍ପଣୀ ଦେବାକୁ ସେ ଉଚିତ୍ ମଣି ନାହାନ୍ତି । ଏହା ସ୍ୱାଗତଯୋଗ୍ୟ । ଗୃହ ବିଭାଗର ମନ୍ତ୍ରୀ ଭାବେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସେ ନିଶ୍ଚିତ ଭାବେ ସଚେତନ । ତାଙ୍କ ପ୍ରେସ୍ ବିବୃତି ସମ୍ପର୍କରେ ଆଲୋଚନା କଲେ, କିଛି ଭୁଲ୍ ହେବନାହିଁ ।

ଦିବ୍ୟଶଙ୍କର ଘୋଷଣା କରିଛନ୍ତି- ସନ୍‌ସାଇନ୍ ଇଂଲିଶ ମିଡିୟମ ସ୍କୁଲ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ । ଏପରିକି ମମିତା ହତ୍ୟାକାଣ୍ଡରେ ସେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଆଦୌ ଜଡ଼ିତ ନୁହନ୍ତି । ଜଣେ ମୁକ୍ତବୃତ୍ତ ସ୍ତମ୍ଭକାର ହିସାବରେ, ଏ ଦୁଇଟିଯାକ ବକ୍ତବ୍ୟକୁ ଆମେ ଆଦୌ ବିରୋଧ କରୁନାହୁଁ । ତାଙ୍କର ସାଧୁତା ଓ ସଚ୍ଚୋଟତା ଭବିଷ୍ୟତରେ ଜଣାପଡ଼ିବ । ଆମକୁ ଅବଶ୍ୟ ସେଥିପାଇଁ ଅପେକ୍ଷା କରିବାକୁ ପଡ଼ିବ ।

ତଥ୍ୟ ସଂଗ୍ରହରୁ ଆମେ ଜାଣିବାକୁ ପାଇଚେ, ମନ୍ତ୍ରୀ ଦିବ୍ୟଶଙ୍କର ମହାଲିଙ୍ଗ କଲେଜର ସଭାପତି । ଜୁନାଗଡ଼ ବିଧାୟକ ହିସାବରେ ସେ ସଭାପତି ରହିବା ହିଁ ପରମ୍ପରା । ଏହି ରୀତିଟି ନିଜ ନିର୍ବାଚନ ମଣ୍ଡଳିର ପ୍ରତ୍ୟେକ ବିଧାୟକଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ । ଏକଥା ବି ସତ, ସନ୍‌ସାଇନ୍ ସ୍କୁଲର ପ୍ରତିଷ୍ଠାତା ଗୋବିନ୍ଦ ସାହୁ ମହାଲିଙ୍ଗ କଲେଜ ଗଭର୍ଣ୍ଣି ବଡ଼ି ମେମ୍ବର ବା ପରିଚାଳନା କମିଟି ସଦସ୍ୟ । ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଭାବେ ସେ ହୋଇଛନ୍ତି ଗିରଫ । ଉଭୟ ସନ୍‌ସାଇନ୍ ସ୍କୁଲ ଓ ମହାଲିଙ୍ଗ କଲେଜର ମାଲିକ ଗୋବିନ୍ଦ । ଦୁଇଟିଯାକ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ବା ପରିସର ଗୋଟିଏ । ମହାଲିଙ୍ଗ କଲେଜର କୌଣସି ଉତ୍ସବରେ ସନ୍‌ସାଇନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦିଅନ୍ତି ନା ନାହିଁ ? କଲେଜ ଉତ୍ସବବେଳେ ସନ୍‌ସାଇନ୍ ସ୍କୁଲରେ କ୍ଲାସ୍ ରୀତିମତ ଚାଲିଥାଏ କି ? ମନ୍ତ୍ରୀ ଦିବ୍ୟଶଙ୍କର କହୁଛନ୍ତି- ସେ ଥରଟିଏ ବି ସନ୍‌ସାଇନ୍ ସ୍କୁଲର ମାଟି ମାଡ଼ି ନାହାନ୍ତି । ତାହା ଠିକ୍ ତ ? ଓଡ଼ିଆ ଢଗ- 'ଚଟୁ ଆଇଁଷ, ବେଂଟ ନିରାମିଷ ।"

ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବିବୃତି ଅନୁଯାୟୀ, ଜୁନାଗଡ଼ ବିଧାୟକ ଭାବେ କୌଣସି ଶିକ୍ଷାନୁଷ୍ଠାନକୁ ଯିବା, ଆଦୌ ଭୁଲ କାମ ନୁହେଁ । ବିଧାୟକ ପାଣ୍ଠିରୁ ସେ ଯଦି ମହାଲିଙ୍ଗ କଲେଜକୁ ଥରକୁଥର ବିପୁଳ ଅର୍ଥ ସାହାଯ୍ୟ କରିଥାନ୍ତି, ତାହା ବି ଅନ୍ୟାୟ ନୁହେଁ । ତାଙ୍କର ରହିଛି ସେ କ୍ଷମତା । କିନ୍ତୁ ଜୁନାଗଡ଼ରେ ଅନେକ ସରକାରୀ ଓ ବେସରକାରୀ ସ୍କୁଲ କଲେଜ ଥାଉ ଥାଉ କେବଳ ମହାଲିଙ୍ଗ କଲେଜ ପ୍ରତି ଦିବ୍ୟଶଙ୍କରଙ୍କର କାହିଁକି ଏତେ ଦୁର୍ବଳତା ? କଲେଜରେ ଅତିଥି ସାଜିବାକୁ କାହିଁକି ଏତେ ବ୍ୟାକୁଳ ? ଉକ୍ତ କଲେଜର ମାଟି ଛୁଇଁଲେ, କାହିଁକି ହୋଇଯାଏ ଯୁବା ବୟସ ? ଏହା ପଛରେ ଥିବା ଗୁଢ଼ ରହସ୍ୟଟି କଣ ?

ଆଉ ଗୋଟିଏ କଥା ବିରୋଧୀ ଦଳିଆଙ୍କ ଦ୍ୱାରା ପ୍ରଘଟ ହୋଇଛି, ମହାଲିଙ୍ଗ କଲେଜର ଛାତ୍ରୀ ନିବାସରେ ରହିଛି ଏକ 'ଗେଷ୍ଟ ରୁମ୍' । କୋଠରୀରେ ହୋଇଛି ଅତ୍ୟାଧୁନିକ ସାଜସଜ୍ଜା । ଲେଡିଜ ହଷ୍ଟେଲରୁ ଗେଷ୍ଟ ରୁମକୁ କୁଆଡ଼େ ରହିଛି ଗଳାବାଟ । ମନ୍ତ୍ରୀ ଦିବ୍ୟଶଙ୍କର ସେହି 'ଗେଷ୍ଟ ରୁମ୍'ରେ 'ବିଶ୍ରାମ' ନେଇଥିଲେ କି ନା, ତାହା ମାଆ ମାଣିକେଶ୍ୱରୀଙ୍କୁ ଜଣା । ଗୋବିନ୍ଦଙ୍କ ପେଣ୍ଠିଆ ଛାତିରେ ହାତ ରଖି କହୁଛନ୍ତି- ସେଇଟା କଲେଜର 'ଷ୍ଟୋର ରୁମ୍' ବା 'ଭଣ୍ଡାର ଘର' । ଆମେ ଜାଣିନେ- ବିରୋଧୀ ଦଳିଆ ଓ ଗୋବିନ୍ଦଙ୍କ ପେଣ୍ଠିଆଙ୍କ ମଧ୍ୟରୁ କିଏ ସତିଆ !!!

ମମିତା ହତ୍ୟାକାଣ୍ଡ ସମ୍ପର୍କରେ କୌଣସି ବ୍ୟକ୍ତି ତାଙ୍କ ବିରୋଧରେ ଥାନାରେ ଏତଲା କିମ୍ବା ଲିଖିତ ଅଭିଯୋଗ କରିନାହାନ୍ତି ବୋଲି ଦିବ୍ୟଶଙ୍କର ଦେଇଛନ୍ତି ସଫେଇ । ସେ ଖୋଦ୍ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ । ପୁଲିସ ବିଭାଗର ହାକିମଗଣ ତାଙ୍କର ଆଜ୍ଞାବହ । ଯଦି କେହି ଏତଲା ଦାଏର କରିବାକୁ ଯାଇଥାନ୍ତେ, ସିନ୍ଧେକେଲା ଥାନାଧିକାରୀ ତାହା ଗ୍ରହଣ କରିଥାନ୍ତେ କି ? କୌଣସି ଆଇଜି କିମ୍ବା ଡିଜି ଏ କାମଟି ପାରିଥାଆନ୍ତେ କି ? ଗିରଫ ତ ବହୁତ ଦୂରର କଥା । ଯେହେତୁ ତାଙ୍କ ବିରୋଧରେ ଏତଲା ନାହିଁ, ତେଣୁ ନ୍ୟାୟାଳୟରେ ବିଚାର କରାଯିବାର ପ୍ରଶ୍ନ ଉଠୁନାହିଁ । ସେ ଦୃଷ୍ଟିରୁ ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କହିଲେ, କିଛି ଭୁଲ ହେବନାହିଁ । ଫାଇଟର ଜେଟ୍ ବିମାନର ପାଇଲଟ ଦିବ୍ୟଶଙ୍କର ନ୍ୟାୟାଳୟକୁ ଛାଡ଼ି କଳାହାଣ୍ଡିର ମାତୃବର୍ଗଙ୍କ ନିକଟରେ ନ୍ୟାୟଭିକ୍ଷା କରିଛନ୍ତି । ଏହି ରାୟଟି ଆଗାମୀ ବିଧାନସଭା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ଆମେ ଆଶା କରୁଚେ ।

ଅତୀତର ଉଦାହରଣଟିଏ ଦେଉଚେ । ୨୦୦୪-୨୦୦୯ ମସିହାରେ ଓଡ଼ିଶାରେ ଚାଲିଥିଲା ବିଜେଡ଼ି-ବିଜେପି ଦଳର ମେଂଟ ଶାସନ । ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହାତରେ ଥାଏ ଶାସନ ଡୋରି । ସେହି ସମୟରେ ଜଣେ କ୍ୟାବିନେଟ ମନ୍ତ୍ରୀ ଓ ଜଣେ ବିବାହିତା ଯୁବତୀଙ୍କର 'ଗୁପ୍ତ ସମ୍ପର୍କ' ଲିକ୍ ହେଲା । ସେହି ଅଭିଯୋଗକୁ ସମ୍ପୃକ୍ତ ମନ୍ତ୍ରୀ ଓ ଯୁବତୀ ରୋକ୍‌ଠୋକ୍ କରିଥିଲେ ଖଣ୍ଡନ । ଉକ୍ତ ମନ୍ତ୍ରୀଙ୍କ ବିରୋଧରେ କୌଣସି ଥାନାରେ ଏତଲା କିମ୍ବା ଲିଖିତ ଅଭିଯୋଗ ନଥିଲା । ତଥାପି ନବୀନ ତାଙ୍କୁ ବରଦାସ୍ତ କଲେ ନାହିଁ । ଚବିଶ ଘଂଟା ନ ପୁରୁଣୁରୁ ତାଙ୍କୁ ମନ୍ତ୍ରି ମଣ୍ଡଳରୁ ହଟାଇଲେ । କେବଳ ସେହି ଗୋଟିଏ ଘଟଣା ନୁହେଁ, ଏହିଭଳି ଏକାଧିକ ଯୌନ କେଳେଙ୍କାରୀରେ ନବୀନ ହୋଇଛନ୍ତି ଖଡ୍‌ଗହସ୍ତ । କେହି ପାଇନାହାନ୍ତି ତ୍ରାହି । ସମସ୍ତଙ୍କର ହୋଇଛି ପକ୍ଷଚ୍ଛେଦନ । ବିଡ଼ମ୍ବନାର ବିଷୟ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ କ୍ଷେତ୍ରରେ ନବୀନ ପାଲଟିଛନ୍ତି ନିଦାବିଷ୍ଣୁ । ତାଙ୍କ ପାଟି ଚୁପ୍ । ନବୀନଙ୍କ ନିରବତା ତଦନ୍ତ ପ୍ରକ୍ରୀୟାକୁ କରିପାରେ ଶିଥିଳ କିମ୍ବା ବାଟବଣା । ନିର୍ବାଚନରେ ନିରଙ୍କୁଶ ବିଜୟରେ ସେ ହୋଇଥାଇ ପାରନ୍ତି ଅତ୍ୟନ୍ତ ବିମୋହିତ । ତେବେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ କଣ ନିଷ୍ପତ୍ତି ନେବେ ବା ନନେବେ ତାହା ତାଙ୍କର ପୂର୍ଣ୍ଣ ଅଧିକାର । ଆମେ ସେଥିରେ ହସ୍ତକ୍ଷେପ କରିବାକୁ ଚାହୁଁନେ ।

ଶେଷ କଥାଟି ଲେଖି ଏହି ସ୍ତମ୍ଭ ଶେଷ କରିବା । ଗୋଟିଏ ସମ୍ବେଦନଶୀଳ ଘଟଣାରେ ମତାମତ ଦେବା ବୁଦ୍ଧିଜୀବୀ, ଆଇନଜୀବୀ ଓ ସାମ୍ବାଦିକମାନଙ୍କର ନୈତିକ କର୍ତ୍ତବ୍ୟ । ଏହା ହିଁ ଗଣତନ୍ତ୍ରର ସୁସ୍ଥ ପରମ୍ପରା । ମମିତା ପ୍ରସଙ୍ଗରେ ପୂର୍ବତନ ପୁଲିସ ଡିଜି ପ୍ରକାଶ ମିଶ୍ର, ସଂଜୀବ ମାରିକ, ପ୍ରମୁଖ ନିଜ ନିଜର ମତାମତ ଗଣମାଧ୍ୟମରେ ଦେଇଛନ୍ତି । ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଏହାକୁ ସ୍ୱାଗତ କରାଯିବା ଉଚିତ୍ । ମନ୍ତ୍ରୀ ଦିବ୍ୟଶଙ୍କର କୌଣସି ଆଇପିଏସ୍ ଅଫିସରଙ୍କୁ ମତ ନଦେବାକୁ ପରାମର୍ଶ ଦେଇଛନ୍ତି କି ? ସରଳ ଉତ୍ତର ଯଦି ନା, ତାହେଲେ କେବଳ ସାମ୍ବାଦିକଙ୍କ ତୁଣ୍ଡରେ ତୁଣ୍ଡି ଲଗାଇବାର ମାନେ କଣ ??


♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪


## ଧାରାବାହିକ ଉପନ୍ୟାସ

# ରାଜନୀତି


ସୃଷ୍ଟିଧର ପରିଡା

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୩
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ବାଲ୍‌କୋନୀରେ ବସିବସି ବାପା-ମା'ଙ୍କ ପାଖକୁ ଆସୁଥିବା ଲୋକଙ୍କୁ ସେ ଦୂରରୁ ଦେଖେ । ତାଙ୍କ ଭିତରୁ ଦଳୀୟ କର୍ମୀ, ପୁଞ୍ଜିପତି, ବ୍ୟବସାୟୀ ଓ ବିଭିନ୍ନ ଚରିତ୍ରମାନଙ୍କୁ ବି ଲକ୍ଷ୍ୟ କରେ ଅଭିଷେକ । ସମସ୍ତେ ତାକୁ ଅଦ୍ଭୁତ, ମତଲବୀ ଓ ବିସ୍ମୟ ଦେଖାଯା'ନ୍ତି । ସେମାନଙ୍କ ବିଚିତ୍ର ବ୍ୟବହାର ଅଭିଷେକକୁ ବିସ୍ମିତ କରେ । ସେମାନଙ୍କର ଛଳନାର ଆନୁଗତ୍ୟ ପଛରେ ସ୍ପଷ୍ଟ ଦିଶୁଥାଏ ଜଡ଼ିତ ସ୍ୱାର୍ଥ ।

ବାପା ମା' ସ୍ୱାର୍ଥ ପାଇଁ ଅନାବଶ୍ୟକ ଭାବେ ତେଲ ମାରିବା ଭଳି ଚରିତ୍ରମାନଙ୍କୁ ଟଲ୍‌ରେଟ୍ କରୁଛନ୍ତି କିପରି ! ମନ ଭିତରେ ଅଳନ୍ଧୁ ପରି ବସା ବାନ୍ଧେ ଅନେକ ପ୍ରଶ୍ନ । ସେମାନଙ୍କର ଏଭଳି ଆଚରଣରେ ଖୁସି ହୋଇପାରେନା ଅଭିଷେକ । ଏମାନଙ୍କର କାର୍ଯ୍ୟକଳାପକୁ ଦେଖି ଅଭିଷେକ ଭାବେ ଆଜିକାଲିର ମଣିଷମାନଙ୍କ ପାଖରେ ଆଦର୍ଶ, ସ୍ନେହ, ଭଲପାଇବା, ଆନ୍ତରିକତା ଓ ନୀତି ନିୟମ କିଛି ନାହିଁ । ଜୋର୍ ଜାର୍ ମୂଳକ ତାର । ବାହୁବଳ, ଟଙ୍କାବଳ, ଲୋକବଳ ଓ କପଟ, ଛଳନାର ସମ୍ପର୍କ ଆଜି ରାଜନୀତି କରୁଥିବା ଲୋକଙ୍କର ମୂଳମନ୍ତ୍ର ।

ମନରେ ଉଙ୍କି ମାରୁଥିବା ପ୍ରଶ୍ନର ସମାଧାନ ପାଇଁ ଦିନେ ବାପାଙ୍କୁ ପଚାରିଥିଲା, "ବାପା ! ରାଜନୀତି ବିଜ୍ଞାନର ଛାତ୍ର ହିସାବରେ ମୁଁ ଯେତିକି ଜାଣିଛି - ପ୍ରଚଳିତ ଶାସନ ବ୍ୟବସ୍ଥା ଅର୍ଥାତ୍ ଆଜିର ରାଜନୀତିକୁ କ'ଣ ସ୍ୱଚ୍ଛ ଗଣତନ୍ତ୍ର ଶାସନ କୁହାଯିବ ? ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ମୁଁ ବିଶ୍ୱାସ କରେ । ମାତ୍ର ଏବେକାର ଲୋକ ପ୍ରତିନିଧିମାନେ ଯେଉଁ ଭଳି ଭାବେ ଶାସନ ଚଳାଇଛନ୍ତି ତାହା କ'ଣ ପ୍ରକୃତରେ ଗଣଙ୍କର ଶାସନ-ଗଣତନ୍ତ୍ର ?"

ଓଁକାରନାଥ ପୁଅର ପ୍ରଶ୍ନରେ କେବଳ ହସନ୍ତି । ଅଭିଷେକ କିନ୍ତୁ ଅଟକେ ନାହିଁ । ପୁଣି ପ୍ରଶ୍ନ କରେ । ଏବେ ଲୋକ ପ୍ରତିନିଧିମାନେ ଲୋକଙ୍କ ସେବାରେ ଆସୁନାହାଁନ୍ତି ବରଂ ଲୋକଙ୍କର ସମସ୍ୟାକୁ ଆହୁରି ବଢ଼ାଇ ଦେଉଛନ୍ତି । ଏବେ ବହୁ ସମସ୍ୟାରେ ଛନ୍ଦି ରହିଥିବା ନେତାମାନେ ସମସ୍ୟାହୀନ ସମାଜ ସୃଷ୍ଟି କରିବା ପାଇଁ କେବଳ ମାତ୍ର ଛଳନା କରୁଛନ୍ତି ଯେଉଁମାନେ କେବଳ ନିଜ ରାଜନୀତି କ୍ୟାରିଅର୍ ଓ ନିଜପାଇଁ ସ୍ୱପ୍ନ ଦେଖନ୍ତି ସେମାନେ ଲୋକଙ୍କର କି ସମସ୍ୟା ବୁଝିପାରିବେ ? ଏହାକୁ କି ପ୍ରକାର ଗଣତନ୍ତ୍ର ଶାସନ କୁହାଯିବ ?

ପୁଅର ପ୍ରଶ୍ନରେ ଏଥର ସତକୁସତ ବିସ୍ମିତ ହୋଇ ପଡ଼ିଥିଲେ ଓଁକାରନାଥ । ସେ ଜାଣିଥିଲେ ରାଜନୀତି କରିବା ଓ ରାଜନୀତିର ସ୍ୱଚ୍ଛତା ସପକ୍ଷରେ ସ୍ପଷ୍ଟୀକରଣ ଦେବା ଏକା କଥା ନୁହେଁ । ସେ ପ୍ରଶ୍ନମାନଙ୍କୁ ଏଡେଇ ଯାଉଯାଉ କହିଥିଲେ, ଏସବୁ ପ୍ରଶ୍ନର ଉତ୍ତର ତୁ ବଡହେଲେ ଆପଣାଛାଏଁ ପାଇଯିବୁ ଅଭି, ଏତେ ବ୍ୟସ୍ତ କାହିଁକି ?

: ମୁଁ କଣ ବଡ ହୋଇନାହିଁ ବାପା ? ଭୋଟ ଦେବାପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ବୟସ କ'ଣ ଯଥେଷ୍ଟ ଅଭିଜ୍ଞତା ? ଆଉ ରାଜନୀତି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଗୋଟେ ବୟସ କ'ଣ ନିଧାର୍ଯ୍ୟ ଥାଏ ।

ଓଁକାରନାଥ କହିଥିଲେ - ଯିଏ ସମୟ ଆଉ ଧୈର୍ଯ୍ୟକୁ ଠିକ୍ ଭାବେ ବିନିଯୋଗ କରି ନିଜ ଆୟତ୍ତରେ ରଖିପାରେ, ସିଏ ଦିନେ ନା ଦିନେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରେ । ଆଉ ସବୁ ପ୍ରଶ୍ନର ଉତ୍ତର ଆପଣାଛାଏଁ ପାଇଯାଇପାରେ । ତୁ ଏଥିରେ ନୁହେଁ ବରଂ ପଢ଼ା ଉପରେ ନଜର ଦେ, ଦେଖିବୁ ସବୁ ସମସ୍ୟା ଓ ପ୍ରଶ୍ନର ସମାଧାନ ତୁ ଆପେ କରିପାରିବୁ ।

କିଛି ସମୟ ଚୁପ୍ ରହି ଅଭିଷେକ ପୁଣି ପଚାରିଥିଲା - ବାପା ! ପ୍ରଚଳିତ ଗଣତନ୍ତ୍ର ବ୍ୟବସ୍ଥା ଉପରେ ମନରେ ବାରମ୍ବାର ପ୍ରଶ୍ନଟିଏ ଉଠେ - ନିର୍ବାଚନ ସମୟରେ ଯେଉଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହୁଏ ତାହା ଆସେ କେଉଁଠୁ ? କିଏ ସେସବୁ ଦିଏ ? କାହିଁକି ଦିଏ ? କ'ଣ ତାଙ୍କର ସ୍ୱାର୍ଥ ଅଛି ଏହି ଦବା ନବା ଭିତରେ ?

: ଏତେ ଗହନ କଥା ଭିତରେ ତୁ ଏତେ ସାନବେଳୁ ପଶ୍‌ନା ଅଭି, ବଡ଼ ହେଲେ ଆପେ ଆପେ ସବୁ ଜାଣିଯିବୁ । ମୋ ପରେ, ମୋର ଏକମାତ୍ର ଦାୟାଦ ତୁ !

: ମୁଁ ବଡ ହୋଇସାରିଲିଣି ବାପା ! ନହେଲେ ଏତେ ପ୍ରଶ୍ନ ମୋ ଭିତରକୁ କାହିଁକି ଆସନ୍ତା ?

ଓଁକାରନାଥ ହସିଲେ ଅଭିଷେକ କଥାରେ । କହିଲେ - ଅପରିପକ୍ୱ ବୟସରେ ନିଜ ଭିତରକୁ ଏମିତି ଅନେକ ପ୍ରଶ୍ନ ଆସେ । ବଡ ହେଲା ପରେ ସେସବୁ ପ୍ରଶ୍ନର ଉତ୍ତର ଆପଣାଛାଏଁ ପାଇପାରିବୁ । ଅବଶ୍ୟ ପାଠ ପଢ଼ି ଯେତେ ବଡ଼ ମଣିଷ ହେଲେ ବି, ଯେତେସବୁ ସମସ୍ୟାର ସମାଧାନ କରିପାରିଲେ ବି ତୁ ତ ସବୁଦିନେ ସେଇ ଛୋଟ ହୋଇ ରହିବୁ ଆମ ଆଖିରେ ! ତେବେ ଏସବୁ ପ୍ରଶ୍ନ ପାଇଁ ଏବେ ତୋର ବୟସ ହୋଇନାହିଁ ଅଭି, ଏବେ ତୋର ଫୁର୍ତ୍ତି କରିବାର ସମୟ । ଏସବୁ ଫାଲ୍‌ତୁ ପ୍ରଶ୍ନ ଭିତରେ ଘାଣ୍ଟି ହୋଇ କାହିଁକି ମନକୁ ଭାରାକ୍ରାନ୍ତ କରୁଛୁ କହିଲୁ ! ଯା... ବାହାରେ ଟିକେ ବୁଲାବୁଲି କରି ଆ' । ରିଲାକ୍ସ ଲାଗିବ । ବାହାରେ ବୁଲି ଆଗେ ଲୋକମାନଙ୍କ ସହ ସଂପର୍କ ତିଆରି କଲେ ସିନା ଦୁନିଆକୁ ବିଝିପାରିବୁ ।

ପୁଅ ପାଖରୁ ଉଠି ଆସିଲେ ଓଁକାରନାଥ । ଆସୁ ଆସୁ ଭାବୁଥିଲେ, ବାପାମା'ଙ୍କର ପ୍ରତିଷ୍ଠା, ପଦବୀରେ ବେଶି ଖୁସି ହୁଅନ୍ତି ପିଲାମାନେ । କିନ୍ତୁ କି ଅଜବ ଏ ପିଲା ! ନିଜକୁ ଏଥିରେ ସାମିଲ୍ ନକରି କେବଳ ବାଜେ ପ୍ରଶ୍ନ କରିବାରେ ଲାଗିଛି !!

ବାପାଙ୍କ ଯିବା ରାସ୍ତାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଥିଲା ଅଭିଷେକ । ଏମିତି ଥରେ ଅଧେ ନୁହେଁ, ଅନେକ ଥର ଘଟେ । ସବୁଥର ବାପା କିଛି ନା କିଛି ଆଳ ଦେଖେଇ ଏଡେଇ ଯାଆନ୍ତି ତା'ର ସବୁ ପ୍ରଶ୍ନକୁ । ଏଥିରେ ଅଭିଷେକ ଭିତରକୁ ପ୍ରଶ୍ନ ଆସିବା ବନ୍ଦ ହୋଇଯାଏନା କି ସେ ଖୁସିରେ ବୁଲିବାକୁ ଉଠି ଯାଇପାରେନା । ବରଂ ସନ୍ତୋଷ ଜନକ ଉତ୍ତର ନପାଇ ତା'ର ଉତ୍କଣ୍ଠା ଓ ବ୍ୟଗ୍ରତା ବଢ଼ିବଢ଼ି ଚାଲେ । ସେ ଭାବେ କଣ ପାଇଁ ପୁଞ୍ଜିପତି ଓ ସରକାରୀ ଅଧିକାରୀମାନେ ଏତେ ପରିମାଣର ଟଙ୍କା ଦିଅନ୍ତି ନେତାମାନଙ୍କୁ । କିନ୍ତୁ ଉତ୍ତର ଖୋଜିପାଏନା, କୋଉଠୁ ଆଣନ୍ତି ଏତେ ଟଙ୍କା ? ତାଙ୍କ ବ୍ୟକ୍ତିଗତ ସମ୍ପତ୍ତିରୁ ନା ଆଉ କାହାର ଟ୍ରେଜେରୀରୁ ? ନା ଜାଲ୍‌ନୋଟ୍ କାରବାର କରନ୍ତି ସେମାନେ ?

ବହୁ ମାନସିକ ଦ୍ୱନ୍ଦ୍ୱ ଭିତରେ ଉବୁଟୁବୁ ହୁଏ ଅଭିଷେକ । ଭାବେ ତା ବାପାଙ୍କ ଭଳି ରାଜନେତାମାନେ କ'ଣ ସତରେ ଲୋକଙ୍କର ସ୍ୱପ୍ନକୁ ପୂରଣ କରିପାରିବେ ? ଦେଶକୁ ବିକାଶର ପଥରେ ଆଗେଇ ନେଇ ପାରିବେ ? ଲୋକଙ୍କୁ ସେମାନଙ୍କ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବେ ? ଗାନ୍ଧୀଙ୍କ ସ୍ୱପ୍ନର ରାମରାଜ୍ୟ ସ୍ଥାପନ କରିପାରିବେ ? ନା କେବଳ କ୍ଷମତା ଓ ସ୍ୱାର୍ଥ ପାଇଁ ଲୋକଙ୍କ ନିକଟରେ ଏମିତି ମିଛ ମିଛିକା ଛଳନାର ନାଟକ କରି ଚାଲିଥିବେ ? ଏ ଭିତରେ ସେସବୁ ବୁଝିଗଲାଣି । ସବୁ ରାଜନେତାମାନଙ୍କର କେବଳ ରାଜନୀତି ଆଉ କ୍ଷମତା ଦରକାର । ଏମାନେ ରାଜନୀତିରେ ରାଜନୀତି ପୁରାଇ ଲୋକଙ୍କ ସେବା ନାମରେ କେବଳ କ୍ଷମତା ଓ ସ୍ୱାର୍ଥ ହାସଲ ପାଇଁ ପାଗଳ । କୌଣସି ସ୍ୱପ୍ନ, କଳ୍ପନା ନୂଆ ବ୍ୟବସ୍ଥାର ପରିବର୍ତ୍ତନ ଏମାନଙ୍କ ପାଖରୁ ଆଶା କରାଯାଏନା । ତେବେ ସମସ୍ୟା ସମାଧାନର ରାସ୍ତା ଖୋଜିବ କିଏ ? କିଏ ତିଆରି କରିବ ସମାଧାନର ସେତୁ ?

ଅଭିଷେକ ପହଞ୍ଚି ପାରେନା କୌଣସି ସମାଧାନ ପାଖରେ । ପୁଅକୁ ଏଭଳି ଅନ୍ୟମନସ୍କ ହେବା ଦେଖି ମା' ବେଳେବେଳେ କହନ୍ତି - "କ'ଣ ହୋଇଛି କିରେ ? ଯେତେବେଳେ ଦେଖିଲା ବେଳକୁ ତୁ ଏମିତି ଦାର୍ଶନିକଙ୍କ ପରି ବସିଛୁ ?"

ମା'କୁ ଚାହିଁ ହସେ ଅଭିଷେକ । କଣ କହିବ ? ମା' କଣ ଦେଇ ପାରିବ ତା' ପ୍ରଶ୍ନର ଉତ୍ତର ? ଦେଖେଇ ଦେଇ ପାରିବ ସମାଧାନର ରାସ୍ତା ?

ମା' ପୁଣିଥରେ ପଚାରେ । କଣ ହେଇଚି କହୁନୁ ? ତୁ କଣ କାହାକୁ ପ୍ରେମଫ୍ରେମ କରୁଚୁ ନା କଣ ?

ଏଥିରେ ସିରିୟସ୍ ହୁଏନା ଅଭିଷେକ ବରଂ କହେ, ମା', ତୁ ବି ତ ରାଜନୀତିରେ ଅଛୁ । କହତ ଦେଖି ତମେମାନେ ଯେଉଁ ରାଜନୀତି କରୁଛ ତାହା କ'ଣ ପ୍ରକୃତ ରାଜନୀତି ଯାହା ଲୋକଙ୍କ ସେବାରେ ଆସିପାରୁଛି ? ଲୋକଙ୍କ କାମ କରିବା ପାଇଁ ଲୋକମାନେ ତମକୁ ବାଛିଛନ୍ତି ? ଏହା ପାରମ୍ପାରିକ ନା ଅଣପାରମ୍ପାରିକ ? ରାଜନୀତିର କିଛି ନିର୍ଦ୍ଦିଷ୍ଟ ନୀତି ଥାଏ ନା ଯାହା ତୁମମାନଙ୍କୁ ସୁହାଏ ତୁମେ କର ?

ମୌସୁମୀ ହସେ ପୁଅ କଥାରେ । ତା' ମୁଣ୍ଡକୁ ଛାତି ଉପରକୁ ଆଉଜେଇ ଆଣି କହେ, ମୋ ଧନର ଟିକି ମୁଣ୍ଡଟା କେତେ ବଡବଡ କଥା ଭାବିଲାଣି ଦେଖତ ! ହେଲେ ବାବା, ଏସବୁ ପ୍ରଶ୍ନ ଏବେ ନୁହେଁ । ତୁ ହେଲୁ ଆମର ଏକୋଇରବାଳା ବିଶିକେଶନ । ଆଜି ଆମେ ଯାହା କରୁଛୁ ସବୁ ତୋରି ପାଇଁ । ତୁ ଏବେ କେବଳ ଜ୍ଞାନ ଅର୍ଜନ ପାଇଁ ଚିନ୍ତା କର । ମୁଁ ଜାଣେ ରାଜନୀତିର ରକ୍ତ ବି ତୋ ଦେହରେ । ରାଜନୀତି ପାଇଁ ଆମ ପରିବାର ଉତ୍ସର୍ଗୀକୃତ । ଲୋକେ ତୋ ବାପାଙ୍କୁ ବିଧାୟକ କରିଛନ୍ତି । ତୁ ବି ଦିନେ ଏଇ ରାଜନୀତିକୁ ହିଁ ଆସିବୁ । ସେତେବେଳେ ତୁ ତୋ ମନ ମୁତାବକ କ୍ଷେତ୍ରପ୍ରସ୍ତୁତ କରିବୁ ନାହିଁ ?

ରାଜନୀତିର ରକ୍ତ ? ରାଜନୀତିର ଦୂଷିତ ରକ୍ତ କଣ ଦେହରେ ବି ବହେ ? ଅଭିଷେକ ଆଶ୍ଚର୍ଯ୍ୟ ହେଲା । କହିଲା, ତୁ କଣ ଚାହୁଁଛୁ ମୁଁ ବି ଅନ୍ୟମାନଙ୍କ ପରି କଳଙ୍କିତ ଜୀବନ ବିତାଇବି ? ସ୍ୱାର୍ଥ ଆଉ କ୍ଷମତା ପାଇଁ ଛଳନାର ମୁଖା ପିନ୍ଧିବି ? ମିଛ ଅଭିନୟ କରିବି ? ଦୁର୍ନୀତି କରି ଟଙ୍କା ଗୋଟେଇବି ? କ୍ଷମତା ପାଇଁ ଲୋକଙ୍କ ଭିତରେ ବିଭାଜିତ ରାଜନୀତି କରି ଫାଇଦା ନେବି ? ମିଛ ପ୍ରଶଂସା ଆଉ ଚାଟୁକାରୀ କଥା ଶୁଣି ମିଛ ଅହଂକାରରେ ଛାତି ଫୁଲାଇ ବାଟ ଚାଲିବି ?

ପୁଅର କଥାରେ ସ୍ତବ୍ଧ ହୋଇ ଯାଇଥିଲେ ମୌସୁମୀ । ଏହାର ଉତ୍ତରରେ ପୁଅକୁ କ'ଣ କହି ବୁଝାଇବ ଭାଷା ଆସୁନଥିଲା ପାଟିରେ । ମୌସୁମୀ ଦେଖୁଥିଲା ଅଭିଷେକ ଏସବୁ କହିଲା ବେଳେ ତାର ସର୍ବାଙ୍ଗ କମ୍ପି ଉଠୁଥିଲା । ମୁଖର ଭାବ ଅଦ୍ଭୁତ ଭାବେ କଠୋର ହୋଇ ଉଠୁଥିଲା । ସେ ପୁଅ କାନ୍ଧରେ ହାତ ରଖିଲା । କହିଲା, ବାପା, ତୁ ତ ପାଠଶାଠ ପଢ଼ିଛୁ । ବଡ଼ ବି ହେଲୁଣି । ସଂସାରର ଭଲମନ୍ଦ ସବୁ ବୁଝିପାରୁଛୁ । କେଉଁଟା ଠିକ୍ କେଉଁଟା ଭୁଲ୍ ତାହା ତୋତେ ଅଜଣା ନାହିଁ । ଯାହା ତୋତେ ଭଲ ଲାଗିବ ତାହା ହିଁ କର । ହେଲେ ଯାହା କରୁଛୁ ତା'କୁ ଶାନ୍ତିରେ କର । ରାଗିନା କି ଅସନ୍ତୁଷ୍ଟ ହ'ନା । ଏମିତି ଛୋଟଛୋଟ କଥାରେ ରାଗି ଯିବା ଭଲକଥା ନୁହେଁ ।

ମା' କଥାରେ ଯେମିତି ଯାଦୁ ଥାଏ । ଏକାଥରେ ଥଣ୍ଡା ହୋଇଯାଏ ଅଭିଷେକ । କାନ୍ଧ ଉପରୁ ମାଆର ହାତ ଦୁଇଟିକୁ ଧରେଇ ମୁଠେଇ ଧରି କହିବାକୁ ଲାଗିଲା, "ମା ! ତୁ କହିଲୁ ଦେଖି ଆଜିକାଲି ବାପାଙ୍କ ପରି ବିଧାୟକ କି ସାଂସଦଙ୍କୁ କେତେଜଣଙ୍କୁ ଲୋକ ଭଲ ପାଉଛନ୍ତି । ସେମାନେ ବୁଦ୍ଧିଜୀବି ହୁଅନ୍ତୁ ବା ସାଧାରଣଲୋକ ହୁଅନ୍ତୁ ! କିଏ ସେମାନଙ୍କୁ ଆନ୍ତରିକ ଭାବେ ସମ୍ମାନ ଦେଉଛନ୍ତି ? ବିଧାନସଭା ଓ ସଂସଦ ଭବନରେ ସେମାନେ ପରସ୍ପର ପ୍ରତି ଯେଭଳି ଅଭଦ୍ର ବ୍ୟବହାର କରୁଛନ୍ତି ତାହା ସାଧାରଣ ଲୋକଙ୍କୁ କେତେ ଘୃଣା ଲାଗେ, ସେତକ ତୋତେ ଅଜଣା ନାହିଁ । ସେମାନଙ୍କ ପ୍ରତି ଲୋକଙ୍କର ଏତେ ଟିକେ ବି ଆସ୍ଥା ନାହିଁ । ତୁ କହିଲୁ ଦେଖି, ଏମାନେ ସତରେ କ'ଣ ଲୋକଙ୍କର ସେବା କରନ୍ତି ? ମୋଟେ ନୁହେଁ ମା । ବରଂ ଏମାନେ ନିଜ ପାଇଁ ରାଜନୀତି କରନ୍ତି ଓ ରାଜନୀତି କରି ଲୋକଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦିଅନ୍ତି ।

ମୌସୁମୀ ଯେମିତି ଠିଆ ହୋଇଛି ସ୍ତବ୍ଧତାର ପାହାଡ ଉପରେ ।

ଅଭିଷେକ କହି ଚାଲିଥାଏ, ବୁଝିଲୁ ମା, କେବଳ ବାପା ଆଉ ମନ୍ତ୍ରୀ ବିଜୟାନନ୍ଦ ନୁହନ୍ତି ସେମାନଙ୍କ ଭଳି କେତେଜଣ ରାଜନେତାଙ୍କ ପାଇଁ ଆଜି ଦେଶର ଏଭଳି ଅବସ୍ଥା । ଯେଉଁ କେତେଜଣ ବି ଭଲ ଲୋକ ଅଛନ୍ତି ସେମାନଙ୍କର ଅବସ୍ଥା ତୋ' ପରି । ନୂଆ କରିବାର ଯୋଜନା ଥିବ, କିନ୍ତୁ କାର୍ଯ୍ୟକାରୀ କରିପାରିବାର କ୍ଷମତା ନଥିବ । ଆଜିର ଏ ଅବସ୍ଥା ପାଇଁ ଅମଲାମାନେ ବେଶି ପରିମାଣରେ ଦାୟୀ । ଅମଲା ହେଉଛନ୍ତି ଆମ ଦେଶର ମେରୁଦଣ୍ଡ । ସେମାନେ ନେତା ମନ୍ତ୍ରୀମାନଙ୍କୁ ଯେଭଳି ପରାମର୍ଶ ଦେବେ, ସ୍ୱପ୍ନ ଦେଖାଇବେ ଓ ମାର୍ଗଦର୍ଶନ କରାଇବେ ସେମାନେ ସେମିତି ଚାଲିବେ । ମାତ୍ର ସେତକ ନକରି ନେତାଙ୍କ ସହ ମିଶି ନିଜ ସ୍ୱାର୍ଥ ସାଧନାରେ ବ୍ୟସ୍ତ । ଦେଶ ଗଠନ ପାଇଁ ସ୍ୱପ୍ନ କାହିଁ ? ଗଣତନ୍ତ୍ର ଶାସନର ତୃତୀୟ ସ୍ତମ୍ଭର ଅବସ୍ଥା ତ କହିଲେ ନସରେ । କେତେଜଣ ଆଇନଜୀବି ଆଉ ବିଚାରପତି ଓ ସାମ୍ବାଦିକଙ୍କ ପାଇଁ ଏ ବ୍ୟବସ୍ଥା ମଧ ଉପହସିତ । ସମସ୍ତେ ଗଣତନ୍ତ୍ରର ଗଣ୍ଡିକୁ ଉଇ ଭଳି ଖାଇବାରେ ବ୍ୟସ୍ତ । ଏଭଳି ହେଲେ ଏ ଗଣତନ୍ତ୍ର ଆଉ କେତେଦିନ ?(କ୍ରମଶଃ)

## ଅନୁବାଦ ଗଳ୍ପ

# ଗାଈ ଦୁହାଁ


ମୂଳହିନ୍ଦୀ- ରୋଚିକା ଅରୁଣ ଶର୍ମା

ଅନୁସୃଜନ-
ବିନୟ କୁମାର ଦାସ




ଏତେ ବର୍ଷ ପରେ ବଡଭାଇ ତା ଘରକୁ ଆସିବାର ଦେଖି ନେହା ଆଶ୍ଚର୍ଯ୍ୟ ହୋଇଗଲା ।

"ନା କିଛି ଚିଠି ନା ଫୋନ୍...କିଛି ଖବର ନ ଦେଇ ହଠାତ୍ କେମିତି ଆସି ପହଁଚିଗଲ, ଭାଇ ?"

"ଚମକି ପଡିଲୁ ତ..? ସେଇ ତ ମଜା । ମାନେ ତୋତେ ସରପ୍ରାଇଜ୍ ଦେବା ପାଇଁ ...ଆଗରୁ ଜଣାଇଲି ନାହିଁ । ତେବେ କଥା କଣ କି..ଚାକିରୀ ଗୋଟେ ଏମିତି କଲି ଯେ ଆତ୍ମୀୟ ବନ୍ଧୁମାନଙ୍କ ସହିତ ବି ନିଜ ଇଚ୍ଛା ଅନୁଯାୟୀ ଦେଖା ସାକ୍ଷାତ କରି ପାରୁନି । ସବୁବେଳେ ତ ବିଦେଶ ଟୁର୍..କଣ କରିବି କହ ଭଉଣୀ ? ତେବେ ତୋର ଏଇ ସହରରେ ଏଥର କାମ ପଡିଯିବାରୁ ତୋ ପାଖକୁ ଆସିବାରେ କିଛି ଅସୁବିଧା ହେଲା ନାହିଁ ।"

"ମୋ ଭାଗ୍ୟ ଭାଇ । ଗୋଟିଏ ସପ୍ତାହ ରହି କି ଯିବ ନିଶ୍ଚୟ ।"

"ଗୋଟିଏ ଦିନ ବି ରହି ପାରିବିନି ଲୋ, ଆଜି ହିଁ ଫେରିଯିବି । ଆସନ୍ତାକାଲି ଜାପାନ ଯିବି ତ । ଆସିଲି, ତୋ ସହିତ ଦେଖା ହେଲା...ଭଣଜା ଭାଣିଜୀଙ୍କ ସହିତ ମିଶିବି..ସେତିକି ଯଥେଷ୍ଟ । ତୁ ଆଗ ମୋ ପାଇଁ କଣ ଦି ଟା ରାନ୍ଧି ଦେଲୁ..ଭୀଷଣ ଭୋକ ।"

ଆସିଗଲେ ମିତା ଆଉ ରବି ।

"ଆରେ ଦେଖିଲଣି.. କିଏ ଆସିଛନ୍ତି ?" ଦୁହେଁ ଖୁସି ମନରେ ହସିହସି ମାମୁଁଙ୍କୁ ଜୁହାର ହେଲେ ।

"ଏଇ ନିଅ, ତୁମ ପାଇଁ ଏ ସବୁ ଆଣିଛି ।" ବେଶ୍ ଦାମିକା ଖେଳନା ଆଉ ମୋବାଇଲ ସେଟ୍ ସେ ଧରାଇ ଦେଲେ ଭଣଜା ଭାଣିଜୀଙ୍କୁ ।

"ଆଉ ନେହା ..ଏଇଟା ତୋ ପାଇଁ । ଦୁବାଇରୁ ଆଣିଥିଲି ।" ସୁନା ହାରଟିଏ ବଢାଇ ଦେଲେ ସେ ନେହାକୁ ।

"ଯାହାହେଉ...ସମସ୍ତେ ଖୁସ୍ । ମୋ ମନ ବି ଖୁସି ହୋଇଗଲା । ତୁ ଯା ନେହା, ରୋଷେଇ କର । ମୁଁ ଏମାନଙ୍କ ସହିତ ଗପୁଛି ।"

ଭାଇଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରିବାରେ ଲାଗିଗଲା ନେହା । ମନେ ମନେ କେତେ କଣ ଅତୀତକୁ ବି ରୋମନ୍ଥନ କରିବାକୁ ଲାଗିଲା । ଏଇ ଭାଇ ପିଲା ଦିନେ ତାକୁ କେତେ ଭଲ ପାଉଥିଲା । ଗାଁ ଦୋକାନରୁ ତା ପାଇଁ କେତେ ଚକୋଲେଟ୍ କିଣି ଆଣି ତାକୁ ଦେଇଛି । କାହା ବାଡିରୁ ପିଜୁଳି କି ଆମ୍ବ ଚୋରୀ କରି ତାକୁ ଖୁଆଇଛି । କେତେ ମେଳା ମଉଛବ ସାଙ୍ଗରେ ବୁଲିଛନ୍ତି ଦୁହେଁ । ବିବାହ ପରେ ସେ ଶାଶୁଘରକୁ ଚାଲି ଆସିଲା ଆଉ ଭାଇ ଗୋଟେ ବଡ କମ୍ପାନୀରେ ଚାକିରୀ ପାଇଗଲା । ଆଜି ତା ପାଇଁ ସୁନା ହାର ଆଉ କେତେ କଣ ଉପହାର ନେଇ ଆସିଛି । ଏକ ଅଜଣା ଆନନ୍ଦରେ ସେ ଝୁମି ଗଲା ମନେମନେ ।

ସମସ୍ତେ ସାଙ୍ଗ ହୋଇ ଭୋଜନ କଲେ । ଅଳ୍ପ ସମୟ ବିଶ୍ରାମ ନେବା ପରେ ସେ ବିଦାୟ ନେଇ ଚାଲିଗଲା । କଥା ଦେଇଗଲା ଏମିତି ସୁବିଧା ପାଇଲେ ସେ ପୁଣି ଆସିବ ।

ତିନି ଦିନ ପରେ ନେହା ନାମରେ ଗୋଟିଏ ପାର୍ସଲ ଆସିଲା । ପାର୍ସଲଟି ଭାଇଙ୍କ ଠାରୁ ଆସିଥିଲା ।

"ଆରେ, ପୁଣି କଣ ପଠାଇଲେ ଭାଇ ?" ଖୋଲି ଦେଖିଲା ବେଳକୁ ତା ଭିତରେ ଥିଲା କୋର୍ଟର କିଛି କାଗଜପତ୍ର । ଏତିକି ବେଳେ ତା ମୋବାଇଲ ବି ରିଂ ହେଲା । ଭାଇଙ୍କ ଫୋନ୍ ଥିଲା ।

"ନେହା, ବାପାମାଆଙ୍କ ସଂପତି ସଂକ୍ରାନ୍ତୀୟ ଦଲିଲ ପଠାଇଲି । ତୋର ସେଥିରେ କିଛି ଦାବୀ ନାହିଁ ବୋଲି ତୁ ଲେଖି ଦସ୍ତଖତ୍ କରିଦେବୁ । ହଁ ଆଜି ପଠାଇ ଦେବୁ ।"

ନେହା ଆଖିରୁ ଦୁଇ ଠୋପା ଲୁହ ଗଡିପଡିଲା । ଏଇ ତାହାଲେ ଭାଇଙ୍କର ସ୍ନେହ ତା ପ୍ରତି ? ଏଇ ଭାଇ ତାକୁ ପିଲାଦିନେ କହିଥିବା କଥାଟିଏ ତାର ମନେ ପଡିଯାଉଥିଲା । ଭାଇ କହୁଥିଲା, ଗାଈକୁ ଦୁହିଁବା ପୂର୍ବରୁ ତା ସାମ୍ନାରେ ଚାରା ରଖିବାକୁ ହୁଏ । ତାକୁ ଟିକିଏ ଆଉଁସି ଦେବାକୁ ହୁଏ । ତା ବାଛୁରୀକୁ ଟିକେ ଗେଲ କରିବାକୁ ହୁଏ । ନହିଲେ ଗାଈ ନାତ ମାରିପାରେ । ତା ଅଜାଣତରେ ଛାତି ଥରାଇ ଗୋଟିଏ ଦୀର୍ଘଶ୍ୱାସ ବାହାରିଗଲା ।


♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ଆଲୋଚନା

# ନକୁଳ ଚନ୍ଦ୍ରଙ୍କ କାବ୍ୟିକ ଅଭୀପ୍ସାର ଆତ୍ମଚିତ୍ର : ତଟସ୍ଥ ଅନ୍ତରଙ୍ଗ

### ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

'ତଟସ୍ଥ ଅନ୍ତରଙ୍ଗ' ବିଶିଷ୍ଟ କବି ନକୁଳ ଚନ୍ଦ୍ର ସାହୁଙ୍କ ପଞ୍ଚମ କବିତା ସଂକଳନ । ଏହି ସଙ୍କଳନରେ ସ୍ଥାନିତ ସତୁରୀଟି କବିତା କବିଙ୍କ ସତୁରୀ ବର୍ଷ ଜୀବନ ପରିଧିର ଏକ ଏକ ଜୀବନ ପୃଷ୍ଠ । ତଟସ୍ଥ କବି ନିଜର ଅନ୍ତରୀଣ ଭାବ ପ୍ରବାହକୁ ପରିବେଷଣ କରିଛନ୍ତି କାନ୍ତକମନୀୟ ଅଥଚ ଜୀବନନିଷ୍ଠ ଚିତ୍ର ପ୍ରତିତୀରେ । ଉତ୍କୃଷ୍ଟ ଜୀବନଚର୍ଯ୍ୟାର ମହନୀୟ ବିଭାବ ସବୁ ବେଶ୍ ଆହ୍ଲାଦକର ଓ ଦାର୍ଶନିକ ଭାବ ସଂବଳିତ । କବିଙ୍କ ସ୍ୱୀକାରୋକ୍ତି କବିତା ଗୁଡ଼ିକ ତାଙ୍କ ଜୀବନ ଅନୁଭବ ଓ ଆସ୍ପୃହାର ଦସ୍ତଖତ । ଭବଭୂତିଙ୍କଠାରୁ ଭିନ୍ନ ଏକ ବାଗରେ ଭିନ୍ନ ଏକ ଗାମ୍ଭୀର୍ଯ୍ୟରେ କବି କୁହନ୍ତି, "ମୋ କବିତା ମୋ ଆର୍ଟ ! ମୋ ଆର୍ଟ ଗୋଟିଏ ସୌନ୍ଦର୍ଯ୍ୟ ଅଭୀପ୍ସାର ଆତ୍ମଚିତ୍ର ! ମହାକବି ଭବଭୂତିଙ୍କ ପରି 'କୋଽପି ସମଧର୍ମା'ଙ୍କ ପାଇଁ ଏହା ମୁଁ ଲେଖିନାହିଁ ! ନିରବଧି ପ୍ରବାହିତ କାଳର ଏହା ଏକ ଉତ୍ପାଦନ ।" (ଅଂଶୁପାର ପକ୍ଷୀ, ପୃ-୫)




କାଳର ଉତ୍ପାଦନ ରୂପେ ନିଜ କବିତାକୁ ଅଭିହିତ କରିଛନ୍ତି କବି । କେତେ ଗଭୀର ଉପଲବ୍ଧି ଓ ମୌଳିକ ଚିନ୍ତନରୁ ଏହା ଉଦ୍‌ଭବ । ଜୀବନ ପ୍ରତି ଦାର୍ଶନିକ ସୁଲଭ ଦୃଷ୍ଟିଭଙ୍ଗୀରେ ଦେଖିଥିବା ବ୍ୟକ୍ତିଟିଏ ଦର୍ଶନର କ୍ରିୟାଶୀଳ ତତ୍ତ୍ୱକୁ ଅନୁଭବକରେ । ସମଗ୍ର ସମାଜ ଓ ଜଗତର ମହତ୍ ଅଭିପ୍ରାୟର ଅଂଶ ଭାବରେ ନିଜକୁ ପ୍ରତିଷ୍ଠା ଦେଲେ ହିଁ ଏମିତି ସର୍ବଜନୀନ ଭାବଟିଏ ଉଦୟ ହୁଏ । ଦାର୍ଶନିକ ଦୃଷ୍ଟିକୋଣର ଅନନୁଭୂତ ଉପାଦାନ ରୂପେ କବିତ୍ୱକୁ ସମର୍ପି ଦିଆଯାଇପାରେ । କବିଙ୍କ ଭାଷାରେ –

*ଉପଲବ୍ଧିର ସମାଜ ନାମକ ଛତ୍ରଟିଏ / ତୁମେ ସ୍ଥାପିତ କଲ / ଦେଉଳ ଚୂଡ଼ାର ପ୍ରତ୍ୟକ୍ଷ ନାଲି ପତାକା ଖଣ୍ଡେ ମୁଁ / ଦେଖ ଦେଖ ପବନରେ କେତେ ଅସ୍ଥିର (ପୃ-୧୦)*

ଏଠି 'ମୁଁ' ସାଧାରଣ ମଣିଷ ପ୍ରତ୍ୟେକ ଜାଗତିକ ପରିବେଶ ଅସ୍ଥିର ପବନ । ମୁଁ ଅସ୍ଥିର ପ୍ରକୃତିର ଗଭୀରତା ଭିତରୁ ଫୁଟାଇପାରେ ପଦ୍ମ । ଆପଣାର ନିଜ ବର୍ତ୍ତମାନ୍ କବିତା ପରି ଚିର ନିତ୍ୟକାଳ । ବୋଧେ ଏହାହିଁ କବିର ପ୍ରାରବ୍ଧ ମଣିଷର ନିଜର ଭୌତିକ ପରିବେଶରେ । ଜୀବନ ସ୍ତର ଓ ଜଡ଼ସ୍ତରର ପରିପୂର୍ଣ୍ଣ ସଂଶ୍ଲେଷରେ ଆବେଗର ହୁଏ ତୃପ୍ତି ସାଧନ । ସଂସାରରେ ଯାହା ଘଟେ ତାହା ଏକ ବିରାଟ ନକ୍ସା ଓ ମହତ ଉଚ୍ଚାକାଂକ୍ଷାର ଅଂଶ । ଏହାର ସାମୂହିକ ପ୍ଲାବନରେ ସିକ୍ତ ମଣିଷ ହିଁ ଅର୍ଥପୂର୍ଣ୍ଣ ଡ.ଏୀ. ଏୀବକ୍ଷଙ୍ଗରକ୍ୱଷ୍କୃଭଙ୍କ ଏହି ଦାର୍ଶନିକ ତତ୍ତ୍ୱକୁ ଅଙ୍ଗେନିଭେଇଛନ୍ତି ନକୁଳ ଚନ୍ଦ୍ର । ଏଣୁ ଏକ ତଦ୍‌ଗତ ପ୍ରାଣ ଦାର୍ଶନିକ ସ୍ୱଭାବର ତାଡ଼ନାରେ ତାଙ୍କର ପ୍ରତିଟି ପଂକ୍ତି ଶବଳିତ–

*ଏବେ ଯାଅ ପ୍ରେମରୂପୀ ପରମତତ୍ତ୍ୱ*
*ମାନସିକ ଆଲୋକର ଆକାଶରେ ପ୍ରେମଲୋକ*
*ମୃତ୍ୟୁପରେ ଯେଉଁଠି ବିଶ୍ରାମ ନେଇଥାନ୍ତି ।*
*ଭୂମିଷ୍ଠ ପୂର୍ବରୁ ପ୍ରଥମ ବୀଜ । (ପୃ-୧୪)*

ପୁନର୍ଜନ୍ମର ଧାରଣାକୁ ଗର୍ଭସ୍ଥ କରି ଶଙ୍କରାଚାର୍ଯ୍ୟଙ୍କ ବାଣୀ ଯେତେବେଳେ ଜନନୀ ଜଠର ଅନ୍ୱେଷଣ କରିଛି ସେତିକିବେଳେ ଅଦ୍ୱୈତବାଦର ନଗ୍ନବିଳାସ ତାଙ୍କୁ ଆବୋରିଛି । ସେ ଉଦାତ୍ତ କଣ୍ଠରେ ସ୍ୱୀକାର କରିଛନ୍ତି –

*ଆପଣା ଭିତରେ ଅମୃତକୁ ମୁଁ / କରୁଚି ନିଶ୍ଚିହ୍ନ /*
*ଆପଣାକୁ ଆପଣାର କରିବା ମୂଳ ଅବସ୍ଥା*
*ମୁଁ ବୁଝି ପାରିଲି ନାହିଁ, ତାହା ଯୋଗ । (ପୃ-୧୪)*

ଆଧାତ୍ମିକ ଭ୍ରାନ୍ତିର ଶୀକାର କାବ୍ୟାତ୍ମା ଅର୍ଥପୂର୍ଣ୍ଣ ଜୀବନର ସଂଧାନ । ଚେତନ ସ୍ତରରେ ଜ୍ଞାନର ଗୌରଚନ୍ଦ୍ରିକା ଜୀବନରୁ ମରଣ, ମରଣରୁ ଜୀବନକୁ ଟାଣେ । ମୁହୂର୍ତ୍ତର କ୍ରୀଡାକାଳ ଲମ୍ବିଯାଏ ମାସ, ବର୍ଷ, ସମ୍ବତ୍ସର ମନ୍ୱନ୍ତର ଯେମିତି ଅନନ୍ତ ଅସୀମ । କୁଣ୍ଡଳିନୀରେ ଯେମିତି ବ୍ରହ୍ମନାଦ, ପର ଚକ୍ରରେ ପବିତ୍ର ଓଁକାର ।

ସୋଽହଂର ନିର୍ଯ୍ୟାସ ଭିତରେ ଭୂମା ଏକାକାର । ମୁଁ ଯୋଡ଼ି ହୋଇଯାଏ ମୁଁର ବହୁବଚନ ସହିତ । କ୍ଷୁଦ୍ରାଦପି କ୍ଷୁଦ୍ର ଅଣୁରେ ଅନୁରଣିତ ହୁଏ ମହତଙ୍କ ମହୀୟାନ ଜୀବନ । ମୁହୂର୍ତ୍ତର ଆବେଗରେ ଚେତନାର ଭଉଁରୀରେ ଆକ୍ରାମାକ୍ରା ହୁଏ ଅନୁଭବ । ସେହି ଅଦ୍‌ଭୁତ ବିଯୋଗ ହିଁ ଯୋଗ, ବିଚ୍ୟୁତ ହିଁ ଅଚ୍ୟୁତ । ବିବିଧ ମୁହୂର୍ତ୍ତର ରାଗିଣୀରେ ଅଭିକ୍ଷିପ୍ତ ଜୀବନ ଉଡନ୍ତା କପୋତ । ଅଣୋରଣୀୟାନ ମହତୋ ମହୀୟାନ ।

*ସକଳ ରୂପ ଭିତରେ ବିଷୟ ଓ ବୟସ / ମୂଳ ଶାନ୍ତି ସ୍ୱୟଂ ରୂପରେ ଅଂକିତ / ଅସ୍ପଷ୍ଟ ପ୍ରତ୍ୟୟର ଭୂମି ସମଗ୍ର ବିଶ୍ୱଗତ / ଅନନ୍ତର ବହୁବିଧ ରୂପ / / ତମେ କଣ ବୁଝିଥିଲ ମୋ ଠାରୁ / ବିଭାଜନ ଅର୍ଥ, ବିଚ୍ୟୁତ ଓ ବିସ୍ମୃତିର ଅର୍ଥ ? / ଅନଂତ ନିଜେ ଶାଶ୍ୱତ ଅଣୋରଣୀୟାନ୍ / ବହୁ ବିସ୍ତାରିତ ଆତ୍ମତତ୍ତ୍ୱ, ଉଡଂତା କପୋତ । (ପୃ-୧୬)*

ତଲ୍ଲୀନ କବି ଅନ୍ତସ୍ଥ ଭାବାବେଗକୁ ଶବ୍ଦରୂପ ଦେବାର ଚେଷ୍ଟା କରିଛନ୍ତି । ଭାବପୁଞ୍ଜ ଗୁଡ଼ିକ ଚେତନରୁ ଅବଚେତନକୁ ବ୍ୟାପିଛନ୍ତି । ସ୍ଥିତିସ୍ଥାପକତା ଧର୍ମ ନେଇ ବିସରିତ ହୋଇଛନ୍ତି । ଭାବର କୌଣସି ରଙ୍ଗ ନଥାଏ, ଆକାର ନଥାଏ । ଏଣୁ ଏକ ଏକ ଅନ୍ତରଙ୍ଗ ଅବସ୍ଥାକୁ ସମୟାନୁକ୍ରମେ ନକୁଳ ଚନ୍ଦ୍ର ଉପସ୍ଥାପିତ କରିଛନ୍ତି । 'ଏକ' ଠାରୁ 'ସତୁରୀ' ପର୍ଯ୍ୟନ୍ତ ସତୁରୀଟି ଭାବଗ୍ରସ୍ତ ଗ୍ରଥିତ ହୋଇଛନ୍ତି ପୁସ୍ତକରେ । କବିତା ଗୁଡ଼ିକରେ ଏକ ସୂକ୍ଷ୍ମ ଓ ଅପାର୍ଥିବ ଯୋଗସୂତ୍ର ରହିଛି । ଶବ୍ଦ ଗୁଡ଼ିକ ସରଳ, ଜଟିଳ, ନମନୀୟ ଏବଂ ସୂଚନାତ୍ମକ । ସୂଚନାତ୍ମକତା ଭିତରେ ଅଜସ୍ର ସଂଭାବନା ନିହିତ । ଏଣୁ ମୂଲ୍ୟାୟନ ପଦ୍ଧତିରେ ଏହା ଯେତିକି ତାତ୍ତ୍ୱିକ ସେତିକି ଆଧାତ୍ମିକ । ସର୍ଜନାର ଶେଷ ମୁହୂର୍ତ୍ତରେ ନକୁଳଚନ୍ଦ୍ର ଶବ୍ଦ ଓ ଶୈଳୀର ସ୍ୱତଃସ୍ଫୁର୍ତ୍ତ ଓ ସ୍ୱାଭାବିକ ଚଳନକୁ ବାଟ ଛାଡ଼ି ଦିଅନ୍ତି । ଶବ୍ଦ ଓ ଭାବ ହାତଧରାଧରି ହୋଇ ସୂକ୍ଷ୍ମରୁ ଚେତନୋତ୍ତର ପର୍ଯ୍ୟାୟକୁ ଉନ୍ନୀତ ହୁଅନ୍ତି । କେତେବେଳେ ଉର୍ଦ୍ଧ୍ୱାୟନର ଚିତ୍ର ଯେତିକି ବୈଚିତ୍ର୍ୟମୟ ସେତିକି ସ୍ୱପ୍ନାବିଷ୍ଟ ଲାଗେ । ବାୟୁ ମଣ୍ଡଳ ଉର୍ଦ୍ଧ୍ୱରେ ଏକ ସ୍ଥିର ନିଥର ସ୍ୱାୟାବିକ ଅବସ୍ଥାନ । ସେଠି ସବୁକିଛି ସମାନ ସିବୁକିଛି ଏକାକାର । ଭାବନାର ଏହି ସାମ୍ୟମନ୍ତ୍ର କବି ନକୁଳଙ୍କ କବିତାରେ ଉଚ୍ଚାରିତ ହୁଏ ହୃଦୟକୁ ଉଜାଟିତ କରେ ଏବଂ ଭାବ ବସାବାନ୍ଧେ ଚେତନାରେ । ଶବ୍ଦ ତାର ନିର୍ଦ୍ଦିଷ୍ଟ ଶକ୍ତି ଉର୍ଦ୍ଧ୍ୱରେ ସ୍ୱଷ୍ଟତାକୁ ବିଛାଡିଦିଏ । ଆତ୍ମାର ଉଚ୍ଚତାର ଅନୁଭୂତି, ଦୃଷ୍ଟିର ଗଭୀର ଓ ପ୍ରଶସ୍ତ ଭାବକୁ ଶବ୍ଦ ବେଶ୍ ସାବଲୀଳ ଭାବେ ରୂପ ଦିଏ । ପଦ୍ୟଛନ୍ଦରେ ଲିଖିତ ପ୍ରତିଟି ପଂକ୍ତି ଏକ ସରଳ, ତରଳ ସଂହତିରେ ବାନ୍ଧି ହୋଇଥାଏ । ପାଠକକୁ ବାନ୍ଧିରଖେ । ଏକ ମର୍ଯ୍ୟାଦାପୂର୍ଣ୍ଣ, ଭାବ ଗଂଭୀର ଶବ୍ଦସଜ୍ଜା ସ୍ୱଚ୍ଛ, ସମୁଜ୍ଜ୍ୱଳ ଏବଂ ମନୋଜ୍ଞ ଭାବରେ ଆବିଷ୍କକରେ ମନ ଓ ହୃଦୟକୁ । ମନରେ ଆନନ୍ଦଜାତ ହୁଏ । ହୃଦୟରେ ଏକ ସ୍ପଷ୍ଟ ଧାରଣା ସୃଷ୍ଟି ହୁଏ । ଆତ୍ମାରେ ସତ୍ୟର ପ୍ରକାଶ ହୁଏ ଯେମିତି ପ୍ରତିଟି କବିତା, ପ୍ରତିଟି ପଂକ୍ତି ଏକ ଏକ ମାନ୍ତ୍ରିକର ଉଚ୍ଚାରଣ ।

ନକୁଳ ଚନ୍ଦ୍ରଙ୍କ କବିତା ଉର୍ଦ୍ଧ୍ୱମୁଖୀ । ଚେତନା ସଚଳ । ହୃଦୟବୀଜ ଅସଂପୃକ୍ତ । ଢଳଢଳ ପ୍ରେମ ଓ ପ୍ରଣୟର ନିଃସ୍ୱାର୍ଥ ଶତଦଳ । ତାଙ୍କର ଆତ୍ମଦୃଷ୍ଟି ପ୍ରକୃତି ନିବଦ୍ଧ । ବହିଃଦୃଷ୍ଟି ପ୍ରଣୟମଗ୍ନ । ବକ୍ତବ୍ୟ ଜୀବନ, ପରବର୍ତ୍ତୀ ଜୀବନ ବା ତା ପରବର୍ତ୍ତୀ ଜୀବନ ଅନୁସନ୍ଧିତ୍ସା ବିଗତ ପ୍ରଣୟ । ଚିନ୍ତାନ୍ୱିତ ମନ ଆତ୍ମାର ସାଧନ । ସତ୍‌ଚିତ୍ ଆନନ୍ଦର ଅବଲମ୍ବନ ନକୁଳ ଚନ୍ଦ୍ରଙ୍କ କବିତା । ଏକ ଚିତ୍ରିତ କାନଭାସ । ଆକାଶର ପକ୍ଷୀ, ସମୁଦ୍ରର ଢେଉ, ଅଂଶୁପାର ସ୍ମୃତି, ସମୟର ପଦଚିହ୍ନ, ଇନ୍ଦ୍ରିୟଗ୍ରାହ୍ୟ ପ୍ରେମ, ଅତିମାନସ ଶାନ୍ତି, ତାନ୍ତ୍ରିକ ମାୟାଜାଲ, ଯୋଗତତ୍ତ୍ୱ, ଉପନିଷଦର ପଂକ୍ତି, ବୈଦିକ ଧୀଷଣା, ନିତ୍ୟରାସ, କାୟା ପ୍ରବେଶ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଏସ୍ଥେଟିକ ଫିଲିଂସ୍, ଇହଲୋକ ପରଲୋକର ଜଞ୍ଜାଳ ଦେଇ ତାଙ୍କର କବିତା ଗତିଶୀଳ । ଖୁବ୍ ସ୍ୱଚ୍ଛନ୍ଦରେ ଇଂରାଜୀ କାବ୍ୟତତ୍ତ୍ୱ, ଓଡ଼ିଶୀ ସଂସ୍କୃତି, ଆତ୍ମା ପରମାତ୍ମା ଜ୍ଞାନ, ତାନ୍ତ୍ରିକ ଯୋଗଚର୍ଯ୍ୟା ଆବୋରି ବସନ୍ତି କବିତାର ପାଖୁଡାମାନ । କବିତାର ପ୍ରତିଟି ଛତ୍ର ଆଧାତ୍ମିକ ତାତି, ଆତ୍ମଦୃଷ୍ଟି, ଜୀବନ ପ୍ରେମ, ବିଗତ ସ୍ମୃତିରେ ଉତ୍ତେଜନାକୁ ସୃଷ୍ଟି ଓ ପ୍ରଶମିତ କରନ୍ତି । ବୌଦ୍ଧିକତା ଥାଇ ନଥାଏ, ଆତ୍ମିକ ଧାରଣା ସ୍ୱଷ୍ଟତର ହୁଏ । କବିତାର ଅଭ୍ୟନ୍ତରୀଣ ଉପାଦାନ ଆତ୍ମିକ ସଂପର୍କରେ ଆଙ୍ଗିକକୁ ପରାସ୍ତକରେ । ଏମିତି ଏକ ଦ୍ୱାଦ୍ଧିକ ଦୋଳନ ଭିତରେ ଭାବ ଭାଷା କୋଳାକୋଳି ହୁଅନ୍ତି ପାର୍ବତୀ ପରମେଶ୍ୱର ପରି ବାକ୍‌ଅର୍ଥ ପରି । କୋଳାକୋଳି ଘେନାଘେନିର ପ୍ରାଚର୍ଯ୍ୟରୁ ରସାଣିତ ହୁଅନ୍ତି ଶବ୍ଦ ସମୂହ । ଭାବ ହୁଏ ଆତ୍ମ କୈନ୍ଦ୍ରିକ ।

*ଗଜକୁ ଧରିଚି ନକ୍ର, ଖାଦ୍ୟକୁ ଖାଦକ / ଅଜ୍ଞାନ ଜଡ଼ସତ୍ତା ଅନଭିଜ୍ଞ / 'ଅଛି'କୁ ଦେଖୁଛି ପ୍ରାଣସତ୍ତା, କୃପାର କବିତା / ଆପଣାର ସତ୍ୟ ଉର୍ଦ୍ଧ୍ୱକୁ କରୁଛି ଯାତ୍ରା । (ପୃ-୯୧)*

ପ୍ରେମ ଓ ପ୍ରଣୟ ଜୀବନନ୍ୟାସ ଦେବାରେ କବି ଧୂରୀଣ । ପାର୍ଥିବ ପଦାର୍ଥଠାରୁ ଅପାର୍ଥିବ ଦୃଶ୍ୟପଟ ପ୍ରତିଆସକ୍ତି ବଢ଼ିଛି କବିତାର ସୂର୍ଯ୍ୟଦଗ୍ଧ ପଂକ୍ତି । 'ପବନ କହିଲା ପତ୍ରରେ ଲେଖିଚି ମୁଁ ତୁମ ନାମ', 'ଓଲଟ ଦେବବାରୁ ବୃକ୍ଷର ପତ୍ରାଳୀ ମୁହଁଟା', 'ଦୁଃଖର ଚେର ପକ୍ୱ ବରଫଳ ଅନ୍ତର୍ଗତ ବିଂଦୁଏ ବୀଜ', 'ମୁଁ କହି ଚାଲିଛି ନଈପରି / ତୁମ ରଂଗର ସମଦ୍ର ଆଡ଼କୁ', 'ସମୟର କାନ୍ଥରେ ଆଙ୍କୁଛି ଝୋଟି', 'ଲହରୀ ମାନଙ୍କୁ ଶାଂତ କରିବ ଗୋଟିଏ ହଁ, 'ଆକାଶରେ ଗୁଡ଼ିପରି ଖାଲି ଆଲିଙ୍ଗନ ଉଡୁଛି', 'ସ୍ୱପ୍ରତିଷ୍ଠିତ ଦୁଃଖନଈର କୂଳେ ଚେତନାର ଚକ୍ରବାକୀ ଯେମିତି, ଏମିତି ଅଜସ୍ର ପ୍ରୟୋଗରେ ଆସକ୍ତିର ଇନ୍ଦ୍ରଜାଲ ମାଡିଛି । ଗୋଟିଏ ଗୋଟିଏ ପଂକ୍ତି ମଧୁକ୍ଷରା କବିତାର କୁହୁକ ମାଖିଛି ଯେମିତି ବିସ୍ମୟ ଗୋଟିଏ କଂଚା ବର୍ତ୍ତମାନ । ପ୍ରେମ ପକ୍ଷୀଟାକୁ ଭୋଜନ କରୁଛି, ଚାଖୁଛି । ନୀରବତା ଓ ପ୍ରଗଲ୍ଭତା, ମମତା ଓ ବିରାଗ, ପ୍ରେମ ଓ ପ୍ରତାରଣା ଭିତରେ ମଣିଷର ସଂଗ୍ରାମ ଅହର୍ନିଶି । ଜୀବନ ନା ମୃତ୍ୟୁ କାହାକୁ ବାଛିବ ଆଧୁନିକ ମଣିଷ । କାର୍ଯ୍ୟକାରଣ ଭିତରେ ଖୋଜୁଛି ନିତ୍ୟ ପରମକୁ । ବନ୍ଧନ ଭିତରେ ସ୍ୱାଧୀନତା, ଦାୟିତ୍ୱବୋଧର ଉଜାଣୀ ସୁଅରେ ସ୍ଥିର ନିଶ୍ଚିତ ବିଶ୍ୱସତ୍ତା ।

ନକୁଳ ଚନ୍ଦ୍ର ସେମିତି ଜାଗତିକରୁ ଚେତନକୁ ଖୋଜୁଛନ୍ତି ରହସ୍ୟ ଭିତରେ ନିର୍ଲିପ୍ତ ଭାବରେ

*ତେବେ ଅଛ କିଏ ? ସତ୍ୟ ? / ସତ୍ୟ ବିଶ୍ୱସତ୍ତାର ଅସ୍ତିତ୍ୱ, ସ୍ଥିର ନିଶ୍ଚିତ ! / ତୁମ ମନ ଅସ୍ଥିର କପୋତ / ତୁମ ପ୍ରାଣ ସମୁଦ୍ର ଭିତରୁ ଉଠି ଆସୁଥିବା ତରଙ୍ଗ / ଭାବରେ କ୍ରିୟାଶୀଳ ଭଂଗୁର ପବନ / ବିକ୍ଷିପ୍ତ ଜଳକଣାକୁ ଦେଇ ପାରିଲିନି ଅବଲଂବନ / ନିଗୂଢ଼ ରହସ୍ୟ ଭିତରେ ଦଂଡାୟମାନ ଅବଚେତନା / ପ୍ରଶ୍ନର ପ୍ରସୂନରେ ମହକୁଛି ଚେତନ ।"*

କବିଙ୍କ ଲକ୍ଷ୍ୟ ପରମାର୍ଥିକ । ଅବିଦ୍ୟା ଦ୍ୱାରା ମହୋଗ୍ରସ୍ତ ମଣିଷ ଜ୍ଞାନ ଦ୍ୱାରା ପ୍ରକୃତ ସ୍ୱାଧୀନ ଅବସ୍ଥାପ୍ରାପ୍ତ ହୁଏ । ଅବଚେତନର ଦେହଳୀ ଭିତରେ ଛକାପଂଝା ଲାଗିଥିବା ଅସହାୟ ମୁହୂର୍ତ୍ତ ସବୁ ଗତାୟୁ । ସ୍ମୃତିର ଫୁଲବନରେ ପୁଷ୍ପଟିଏ ଫୁଟିବା ଆଗରୁ ଝଡ଼ି ପଡୁଛି । ଚେତନାର ଅର୍ଗଳୀ ଭିତରେ ଦିଶିଯାଇଛି ଅତୀତର ମୁହଁ ଗତାୟୁ ପ୍ରେମ । ବ୍ୟକ୍ତିଗତ ଉପଲବ୍ଧି, ରୂପାନ୍ତରିତ ହେଉଛି–

*ମୁଁ ବହି ଚାଲିଛି ନଈପରି / ତୁମ ରଂଗର ସମୁଦ୍ର ଆଡ଼କୁ / ମୁଁ ପରମାର୍ଥିକ, ଅର୍ଥାତ୍ ଯାହା ଅଛି;*
*ମୁଁ ଅମୃତ ଅନୁଭବ, ସୃଷ୍ଟିର ଶୁଭଲାଭ,*
*ମୁଁ ଏମିତି ଏକ ସଂପଦ, ଯାହା ସ୍ୱପ୍ନବତ୍*
*ତୁମେ ତାକୁ ପାଇ ପାରିଲନି / ମୁଁ ଏମିତି ଏକ ଗୀତ / ତୁମେ ତାକୁ ଗାଇ ପାରିଲନି... ! (ପୃ-୭୬)*

ମଣିଷ ଜୀବନ ଓ ଜଗତ ବିଷୟରେ ହରଦମ ଜ୍ଞାନ ଆହରଣ କରେ । ଜଣେ ସୃଜନଶୀଳ ସ୍ରଷ୍ଟା ଜ୍ଞାନର ଆଲୋକରେ ସମୟକୁ ଓ ଈଶ୍ୱରଙ୍କୁ ଅସ୍ୱୀକାର କରେ । ଯିଦ୍‌ଖୋର ଈଶ୍ୱରଙ୍କ ଭାଗ୍ୟ ପରି ନିଜର ଅତୀତକୁ ଅନୁଭବ କରେ । ଅସ୍ୱୀକାରୋକ୍ତି ଭିତରେ ଗଢି ଉଠେ ସୃଷ୍ଟିର ପାର୍ବଣ । ଭାବ ସବୁବେଳେ ଉର୍ଦ୍ଧ୍ୱରେ ଥାଏ । ଭାଷାକୁ ବାଟ କଢାଏ । ଦୁହେଁ ଭିନ୍ନତା ଭିତରେ କୋଳାକୋଳି ହୁଅନ୍ତି । ଗଢି ଉଠେ କାବ୍ୟ କୃତି । ନକୁଳଚନ୍ଦ୍ର ଭାବ ପରାକାଷ୍ଠାକୁ ଭାଷାର ଅର୍ଗଳୀ ଭିତରେ ବନ୍ଦୀ କରି ନାହାଁନ୍ତି । କଠୋର ପହ୍ରୀଙ୍କ ପରି ଭାଷାର ଚୌହଦୀକୁ ବଜ୍ର କିଳିଣୀ ଦେଇ ନାହାଁନ୍ତି ବରଂ ଓଡ଼ିଆ ଭିତରେ ଇଂରାଜୀ, ହିନ୍ଦୀ ଭାଷା ପ୍ରୟୋଗ ସହିତ କାବ୍ୟ ବକ୍ତବ୍ୟକୁ ସ୍ୱଷ୍ଟ କରିଛନ୍ତି –

*କବିତା ଏକ ଅର୍ଥ, ତା' ଭିତରେ ଭର୍ତ୍ତି ସତ୍ୟ*
*କବିର ଏସ୍ଥେଟିକ୍ 'ଫିଲିଂସ୍', ଯାହା ଇମୋସ୍‌ନାଲ*
*ବୋଧ ଶକ୍ତି ସଂକ୍ରାଂତ ଏକ୍ସପେରିମେଣ୍ଟାଲ ଉପାଦାନ*
*ମୂଲ୍ୟ ନିରୂପାୟନ ଓ ସୃଜନୀ ଏହା ମୂଲ୍ୟ ।*
*ପ୍ରତ୍ୟାଶୀ ପ୍ରତିଫଳନ ପ୍ରତ୍ୟେକଟି ଘଟଣା ଦ୍ୱାରା ଅନିବାର୍ଯ୍ୟ, ପ୍ରକଟିତ କରାଏ ଏକ ଇପିଷ୍ଟେମୋଲଜିକାଲ ସ୍ତର ପ୍ରକୃତି ଓ ସାମାଜିକ ବାସ୍ତବତା ପ୍ରତିଫଳନ ପ୍ରତ୍ୟାଶୀ କବିତା ଅନୁଭବର ଅନୁଭୂତି ଏକ* opportunity । (ପୃ-୧୨୬)

ଇଂରାଜୀ ଓ ଓଡ଼ିଆ ଭାଷା ହାତ ଧରାଧରି ହୋଇ ଭାବକୁ ଚିତ୍ରିତ କରିଛନ୍ତି । ଇଂରାଜୀ ଭାବର ବାଧକ ହୋଇ ନାହିଁ ବରଂ ଉର୍ଜସ୍ୱଳ କରିଛି । କବିତା ଲଭିଛି ତାର ପରମାର୍ଥ । ଚରିତାର୍ଥ ହୋଇଛି ନକୁଳ ଚନ୍ଦ୍ରଙ୍କ ଆଭିମୁଖ୍ୟ । ଗଦ୍ୟଛନ୍ଦ ଭିତରେ କାବ୍ୟ ରସସିକ୍ତ ହୋଇଛି । ଅନ୍ତରିଣ ଧ୍ୱନି ପ୍ରବାହ ଗତିଶୀଳତାକୁ ସମୃଦ୍ଧ ଓ ମାଧୁର୍ଯ୍ୟ ମଣ୍ଡିତ କରିଛି । କାବ୍ୟଚିତ୍ର ପାଠକର ହୃଦୟରେ ସ୍ଥାୟୀ ଛାପ ଛାଡ଼ିଯାଏ । ସଂଗୀତର ଅନାହତ ସ୍ୱର ମନକୁ ଉଚ୍ଚାଟ କରେ । ଶବ୍ଦ ଓ ଅର୍ଥର ସୌକୁମାର୍ଯ୍ୟ ବିନ୍ୟାସ ସୌନ୍ଦର୍ଯ୍ୟ କବିତାକୁ କଳାତ୍ମକ ବ୍ୟାପ୍ତି ପ୍ରଦାନ କରିଥାଏ । କବିତାର ଅନ୍ତଃସ୍ଥିତ ଆହ୍ଲାଦକର ଫଲ୍‌ଗୁଧାରା ମହୁମୁହାଣକରେ । ବିଭୋର ହୁଏ ପ୍ରତିଟି ପଂକ୍ତି । ଅର୍ଥ ସହିତ ଶବ୍ଦ କେମିତି ସମ୍ମିଳିତ ହୋଇ ଭାବ ବୈଚିତ୍ର୍ୟ ଓ ଚିତ୍ରସୌନ୍ଦର୍ଯ୍ୟ ପ୍ରକାଶ କରେ ତାର ଏକ ଅନାଡମ୍ବର ଗୁଂଫନ ଉଦ୍ଧୃତ ପଂକ୍ତି–

*ହସ୍ତରେ ମୋ ତୁମ ଆଜ୍ଞାମାଳ / ହସ୍ତରେ ମୋ ତୁମ ଦତ୍ତ ଭଗ୍ନ ବରଡାଳ / ସ୍ୱଚ୍ଛନ୍ଦରେ ଇତିହାସ କଢାଉଛି ବାଟ / ଯିଏ ଯାଉଛି ସିଏ ଏକ ବର୍ତ୍ତମାନ, ଦୂରସ୍ଥ ନୈକଟ୍ୟ । (ପୃ-୧୨୮)*

ନକୁଳ ଚନ୍ଦ୍ରଙ୍କ କବିତାର ସମାଲୋଚନାତ୍ମକ ବିଶ୍ଳେଷଣ ଏକ ନିରୁତ୍ସାହଜନକ ବ୍ୟାପାର । ତାଙ୍କ କବିତାରେ ଜୀବନ୍ତ ଭାବରେ ଥାଏ ସଂସ୍କୃତ, ଇଂରାଜୀ ସାହିତ୍ୟର ବାକ୍ ଭଙ୍ଗୀ ଓ ସୂକ୍ତମାଳା, ନୀତିଶାସ୍ତ୍ର ଓ ଦର୍ଶନର ଅପୂର୍ବ ସମନ୍ୱୟ । ଗ୍ରାମ୍ୟଠୁ ସହରର ବର୍ଣ୍ଣନା, ପ୍ରୀତିଠୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ଅବସ୍ଥାର ମହୀୟାନ ଚିତ୍ରବିନ୍ୟାସ । ଲୋକସାହିତ୍ୟରୁ ଶିଷ୍ଟ ସାହିତ୍ୟ, ଦିବ୍ୟ ଭାଷାରୁ ଅଦିବ୍ୟ ଭାଷା ଖୁନ୍ଦାଖୁନ୍ଦି ହୋଇ ନିଜର ଆସନ ଅକ୍ତିଆର କରିଥାନ୍ତି । ବହୁଶାସ୍ତ୍ରଦର୍ଶୀ ଦୃଷ୍ଟିଭଙ୍ଗୀ ଗାମ୍ଭୀର୍ଯ୍ୟ ଓ ସରଳତାର ମୂର୍ତ୍ତମନ୍ତ ସଂଯୋଗ କାବ୍ୟରେ ଆଣିଦିଏ ଉଚ୍ଚମାନର ଉପଲବ୍ଧି ଏବଂ ସଂବେଦନଶୀଳ ଚେତନା ପ୍ରବାହ । ଏମିତି ଏକ ଅନୁଭୂତି ପୁଷ୍ଟ ଓ ଉପଲବ୍ଧି ନିର୍ଭର ଶବ୍ଦ ଯଜ୍ଞକୁ ବିଶ୍ଳେଷଣ କରିବା ଯେତିକି ଦୁରୂହ ସେତିକି କଷ୍ଟସାଧ୍ୟ । ବରଂ ତାଙ୍କ କବିତାକୁ ତଟସ୍ଥ ହୋଇ ପଢ଼ିବାରେ ଯେଉଁ ଆତ୍ମଲୀନ ଦିବ୍ୟଭାବ ସଂଚାରିତ ହୁଏ ତାକୁ ହିଁ କିଞ୍ଚିତ ଭାବରେ ପ୍ରକାଶ କରିବାର ଯତ୍ପୋରନାସ୍ତି ଚେଷ୍ଟା କରାଯାଇଛି । ତାଙ୍କ କବିତାର ଆତ୍ମିକ ବିଭା ଏତେ ସ୍ପଷ୍ଟ ଓ ପ୍ରଚ୍ଛନ୍ନ ଯେ ତାକୁ ବିଶ୍ଳେଷଣ କରିବା ଅପେକ୍ଷା ବାରଂବାର ପଢ଼ିବାକୁ ଇଚ୍ଛାହୁଏ । ମନର ନିଭୃତ କନ୍ଦରରେ ଗୁଣୁଗୁଣେଇବାକୁ ଆତ୍ମା ଡାକେ । ତାଙ୍କ କବିତାର ଚିରାୟତ୍ତ ଗୁଣହେଲା କବିତାଟିଏ ପଢିଲେ ଲାଗେ ଇଏ ଯେମିତି ନକୁଳ ଚନ୍ଦ୍ର । ତାଙ୍କ ହସ, ତାଙ୍କ ସ୍ମୃତି, ତାଙ୍କ ପ୍ରେମ, ତାଙ୍କ ଅନୁଭବର କଥା । ସବୁଠୁ ବଡ଼ କଥା ହେଲା କବିତା ଭିତରେ କବିଙ୍କୁ ଆବିଷ୍କାର କରିବା ଏହି ପ୍ରସଙ୍ଗରେ ବାକ୍‌ମୟୀ ସଂକଳନର ପ୍ରାରମ୍ଭରେ କବି ସ୍ୱୀକାର କରନ୍ତି –

*"କବିତା ଶବ୍ଦର ଅବତାର ଏବଂ ମୁହୂର୍ତ୍ତର ମୂର୍ତ୍ତି । କବିତା କବିଙ୍କ ବଂଚୁଥିବା ଜୀବନର ଉଚ୍ଚାରଣ । ତାହାର ଆଚାରଣ ଖାଲି ବାହ୍ୟିକ ନୁହେଁ, ବରଂ ମାନସିକ ଓ ପ୍ରାଣୀକ । ମାନସିକ ଓ ପ୍ରାଣୀକ ଚେତନାର ଚିତ୍ର କବିତା । କବିତା ମାନବ ଅଂତର୍ମନର ବାର୍ତ୍ତା ।*

*ମୋ କବିତା ମୋ ଆତ୍ମ-ଜୀବନୀ ବିଶେଷ / ମୋ କବିତା ମୋ ଅନୁଭୂତିର ଚିତ୍ର / କବିତା ମୋ ରୋଗ ବୈଭବର ବିଭୂତି ।" (ଶବ୍ଦ ଘରର ଭୂମି ଓ ଭିତ୍ତି)*

ସତୁରୀ ବର୍ଷ ବୟସ୍କ କବି ଓଡ଼ିଆ ପାଠକଙ୍କୁ ସତୁରୀଟି ନିଷ୍କଳଙ୍କ ଅନବଦ୍ୟ କବିତା ଭେଟି ଦେଇଛନ୍ତି । କବିତା ଯେମିତି ବୈଦିକ ସୂକ୍ତ, ଗୀତାର ବାଣୀ, ଭୀମଭୋଇଙ୍କ ଜଣାଣ, ଜଗନ୍ନାଥ ଦାସଙ୍କ ଭାଗବତ । ଯେମିତି ସାଲବେଗଙ୍କ ଆର୍ତ୍ତ ନଳିନୀ ବନକୁ ଦଳନ କରିବ । ଯେମିତି ନିଜେ ନର୍କଭୋଗୀ ସମାଜ ପାଇଁ ଅମୃତର ଆସ୍ୱାଦ ଆଣିଦେବ । ବିଷର ବିଲୋପ ସାଧନ ହୋଇ ପ୍ରତିଭୂମି ଓ ଭୂମାରେ ବର୍ଷିବ ଅମୃତ କେବଳ ଅମୃତ । 'ତଟସ୍ଥ ଅନ୍ତରଙ୍ଗ'ର ଶେଷତମ ପଂକ୍ତିକୁ ପାଠକେ ମୋ ସହିତ କଣ୍ଠ ମିଳାଇ ଉଦାତ୍ତ ଭାବେ ଉଚ୍ଚାରଣ କରନ୍ତୁ –

*ହେ ପୁଣ୍ୟ ଆଲୋକ ପବିତ୍ର ଆଧାତ୍ମିକ / ମୋ ପ୍ରାଣର କ୍ଷେତ / ତୁମ ପ୍ରେମ ଫସଲର ହେଉ ଏକ ତୀର୍ଥ / ଶବ୍ଦ ମୋର ବର୍ଷୁଥାଉ କାଳକୁ କାଳ ଅମୃତ ! ସଂସାରରେ ଭର୍ତ୍ତି ହେଉ ଦେବତ୍ୱ ଓ ଅତିମାନସ ! (ପୃ-୧୩୬)*

ଓଡ଼ିଆ ସାହିତ୍ୟରେ ଏକ ସମର୍ଥ ଓ ପ୍ରାଣବାନ କାବ୍ୟସ୍ୱର – ନକୁଳ ଚନ୍ଦ୍ର ସାହୁ । ତାଙ୍କର ପ୍ରଥମ କବିତା ସଂକଳନ 'ଏବଂ ପୁନରପି' ୧୯୮୦ରେ ପ୍ରକାଶ ପାଏ । ପ୍ରଗତିବାଦୀ ଓ ସ୍ଥିତିବାଦୀ ଦର୍ଶନରେ ଋଦ୍ଧିମନ୍ତ ଏହି ପ୍ରଥମ ସଂକଳନ । ବସ୍ତୁବାଦୀ ସଂସ୍କୃତିର ଜଡବାଦୀ ଚେତନାରୁ ମୁକୁଳି ଜୀବନରେ ପରମ ଐଶ୍ୱର୍ଯ୍ୟକୁ ବିମୁଗ୍ଧ ବାଙ୍ମୟତାରେ ପ୍ରସ୍ଫୁଟିତ କରିବାର ସାମର୍ଥ୍ୟ ହିଁ 'ଏବଂ ପୁନରପି' । ମୃତ୍ୟୁ ଚେତନାଠାରୁ ପ୍ରଣୟ ଚେତନାକୁ ଏକ ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ନେଇ କବି ଅନୁଭବିଛନ୍ତି । ୧୯୮୧ରେ କବିଙ୍କ ଦ୍ୱିତୀୟ ସାରସ୍ୱତ ଫସଲ 'କୂଶସ୍ଥ ଋତୁ ଓ ଗୋଟିଏ ମିନତି' କବିତା ସଂକଳନ । ଆତ୍ମଜିଜ୍ଞାସା ଭିତରେ ପ୍ରତିଫଳିତ ହୋଇଛି କାବ୍ୟପୁରୁଷର ଦ୍ୱୈତ ଚେତନା । ଆତ୍ମ ନିମଜ୍ଜମାନତା ଅଧିଭୌତିକ ଚେତନାର ସ୍ତରରେ ଅଭିଷିକ୍ତ ହୋଇ ନିଃସଂଗତାବୋଧକୁ ଜୀବନଚର୍ଯ୍ୟାରେ ରସାଣିତ କରିଛନ୍ତି । ୨୦୧୯ରେ କବିଙ୍କ ତୃତୀୟ କବିତା ସଂକଳନ 'ବାକ୍‌ମୟୀ' ଲୋକାର୍ପିତ ହୋଇଛି । ମହାଭାରତୀୟ ଆଧାତ୍ମିକ କୈବଲ୍ୟର ଅମୃତମୟୀ ପରିଣାମ 'ବାକ୍‌ମୟୀ' । ୨୦୨୦ରେ ନକୁଳ ଚନ୍ଦ୍ରଙ୍କ ଚତୁର୍ଥ କାବ୍ୟ ଅବଦାନ 'ଅଂଶୁପାର ପକ୍ଷୀ' । ଭାରତୀୟ ପ୍ରାଚୀନ ସଂସ୍କୃତିରେ ପକ୍ଷୀର ରୂପକକୁ ଅଂଶୁପାରେ ପ୍ରୟୋଗ କରିଛନ୍ତି କବି । କଳ୍ପନା ପ୍ରବଣତା, ପ୍ରକୃତିପ୍ରୀତି ଓ ପ୍ରକୃତିର ଇନ୍ଦ୍ରିୟ ଭୋଗ୍ୟ ବର୍ଣ୍ଣନାକୁ ଆଧାତ୍ମିକ ଦର୍ଶନରେ ସମାହିତ କରିବାର ସୌନ୍ଦର୍ଯ୍ୟମୁଗ୍ଧ ପରିବେଷଣ ହିଁ 'ଅଂଶୁପାର ପକ୍ଷୀ' । ଏହି ଧାରାର ପରମାର୍ଥିକ ଉତ୍ତରଣ ଓ ଶାବ୍ଦିକ ଶୀର୍ଷାରୋହଣ 'ତଟସ୍ଥ ଅନ୍ତରଂଗ' ।

ନକୁଳ ଚନ୍ଦ୍ରଙ୍କ ଜୀବନର ନଈ ସର୍ଜନଶୀଳ ଓ ଗତିମୁଖର । ପ୍ରାଣସତ୍ତାର ସୌନ୍ଦର୍ଯ୍ୟବୋଧକୁ ଏହା ସିକ୍ତ କରେ । ବ୍ୟକ୍ତିଗତ ଉପଲବ୍ଧି ଓ ଚିରନ୍ତନ ମାନବର ଚିନ୍ତା ଓ ଚେତନାର ସୁରଭିସିକ୍ତ ସଂଯୋଗ ତାଙ୍କର ମାର୍ଗକୁ କୁସୁମିତ କରେ । ତାଙ୍କର ଜୀବନ ନଉକାର ମଙ୍ଗ ହି ତଟସ୍ଥ ଅନ୍ତରଂଗ । ଅନ୍ତରଂଗ ଜୀବନର ସ୍ମୃତିକୋଷକୁ ଜାବୁଡ଼ି ସେ ଅଗ୍ରଗମନ ପାଇଁ ତୟାର । ଏହି ଚରୈବେତିର ଅଭିମନ୍ତ୍ର କେବଳ ନିଜର ନୁହେଁ ବରଂ ସକଳ ମାନବଙ୍କର କଲ୍ୟାଣ ବାଞ୍ଛା କରେ । ଜୀବନର ବୃହତ୍ତର ଦର୍ଶନର ଅନୁସନ୍ଧାନ ହିଁ ତାଙ୍କ ଯାତ୍ରାର ଆଭିମୁଖ୍ୟ । ଏହା ଜ୍ଞାନର ଅନୁସରଣ, ଭୋଗର ବୈରାଗୀ ଜୀବନ ଓ ଶୁଚିଶୁଭ୍ର ପବିତ୍ର ପର୍ଯ୍ୟାବରଣ । ଏଣୁ ତାଙ୍କ କବିତା ମଣିଷର ବ୍ୟଥା, ପ୍ରକୃତିର କଥା, ପ୍ରେମ ଓ ପ୍ରଣୟନିଅନ୍ତା, ଆଧାତ୍ମିକ ସାଧନର ଅପରୂପ କର୍ତ୍ତା । ତଟସ୍ଥ ଅନ୍ତରଂଗ ଜୀବନ ଚିନ୍ତାର ସାରନିର୍ଯ୍ୟାସ । ଜୀବନର ଅନବଦ୍ୟ ତାତ୍ପର୍ଯ୍ୟର ପୁନଃ ଆବିଷ୍କରଣ ।

୬୭, ସରସ୍ୱତୀ କୁଞ୍ଜ, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ – ୯୪୩୭୨୫୬୧୭୬



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

– ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ବମ୍ ତୁଲ୍ ବୁଖାରା

୪



ଦୀପକ ରଂଜନ ମିଶ୍ର

# ।। କ୍ରାନ୍ତିକାରୀଙ୍କ ଦ୍ରୋଣାଚାର୍ଯ୍ୟ ।।



ପଣ୍ଡିତ ଗେନ୍ଦାଲାଲ୍ ଦୀକ୍ଷିତ

କାନପୁର ନିକଟସ୍ଥ ଔରେୟା, ଡି. ଏ. ଭି. ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ପଣ୍ଡିତ ଗେନ୍ଦାଲାଲ ଦୀକ୍ଷିତ । ଭାରି ସ୍ୱାଧୀନଚେତା ମଣିଷ । ଇଂରେଜ୍‌ମାନଙ୍କ ଶାସନକାଳରେ ଦେଶବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ଯୋଗୁଁ ତାଙ୍କୁ ଖୁବ୍ କଷ୍ଟ ହେଉଥାଏ । ଏସବୁର କ'ଣ କେବେହେଲେ ଅନ୍ତ ନାହିଁ ? ଭାରତ କ'ଣ କେବେ ବି ପରାଧୀନତାର ଶୃଙ୍ଖଳ ଛିଣ୍ଡାଇ ପାରିବନି ? ଆମେ ଦେଶବାସୀ କେବେ ସଚେତନ ହେବା ? ଏମିତି ରାଶି ରାଶି ପ୍ରଶ୍ନ ତାଙ୍କୁ ଭିତରେ ଭିତରେ ଆନ୍ଦୋଳିତ କରୁଥାଏ । ସେତେବେଳେ ବଙ୍ଗଳାରେ ଅନୁଶୀଳନ ସମିତି ଓ ଯୁଗାନ୍ତର ଭଳି କ୍ରାନ୍ତିକାରୀ ସଂଗଠନ ତାଙ୍କ ଗତିବିଧି ଆରମ୍ଭ କରି ଦେଇଥାନ୍ତି ରାସବିହାରୀ ବୋଷ, ଅରବିନ୍ଦ ଘୋଷ ଇତ୍ୟାଦିଙ୍କ ନେତୃତ୍ୱରେ । ମହାରାଷ୍ଟ୍ରରେ ଲୋକମାନ୍ୟ ତିଲକ୍, ଚାପେକର ବନ୍ଧୁ ତଥା ସାଭ୍ରକର ଇତ୍ୟାଦି ଥାଆନ୍ତି କ୍ରାନ୍ତିର ଜ୍ୱଳନ୍ତ ମଶାଲ ଧାରଣକାରୀ । ସାନଫ୍ରାନ୍ସିସ୍କୋରେ ଲାଲା ହରଦୟାଲଙ୍କ ନେତୃତ୍ୱରେ ଗଢ଼ିଉଠିଥାଏ ଗଦର ପାର୍ଟି । ସମସ୍ତଙ୍କୁ ଏକାଠି କରି ରାଷ୍ଟ୍ରୀୟ ସ୍ତରରେ ୧୮୫୭ ଭଳି ପୁଣି ଏକ କ୍ରାନ୍ତି ସଂଗଠିତ କରିବାକୁ ଚେଷ୍ଟିତ ଥାଆନ୍ତି ରାସବିହାରୀ ବୋଷ । ଏସବୁ କ୍ରାନ୍ତିକାରୀ ଗତିବିଧି ଖୁବ୍ ପ୍ରଭାବିତ କରେ ଗେନ୍ଦାଲାଲ ଦୀକ୍ଷିତ୍‌ଙ୍କୁ । ସେ ବଙ୍ଗଳା ତଥା ମହାରାଷ୍ଟ୍ରର କ୍ରାନ୍ତିକାରୀମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟାକରି ବିଫଳ ହେବାପରେ ନିଜେ କିଛି କରିବାକୁ ସ୍ଥିର କରନ୍ତି ।

ଯେକୌଣସି ଏକ ସଂଗଠନ ପାଇଁ ଉଭୟ ଜନ ଓ ଧନଶକ୍ତିର ଆବଶ୍ୟକତା ରହିଛି । ତେବେ ଜନ ଆଡ଼କୁ ଦୃଷ୍ଟି ଦେବା ପୂର୍ବରୁ କିଛି ଧନ ସଂଗ୍ରହ କରାଯାଉ । ହାତରେ ଦୁଇପଇସା ହୋଇଗଲେ ଆଗକୁ ବଢ଼ିବା ସହଜ ହୋଇଯିବ ନିଶ୍ଚିତ । ଅନ୍ୟକୁ ମାଗିବା ପୂର୍ବରୁ ପ୍ରଥମେ ନିଜେ କିଛି ସେଇ ପାଣ୍ଠିକୁ ଦାନ କରିବାର ଚିନ୍ତା କରି ଆପଣା ସଞ୍ଚୟ କେତେ ଅଛି ତାହା ଦେଖନ୍ତି ଗେନ୍ଦାଲାଲ । ତାଙ୍କର ଜମାପୁଞ୍ଜି ଥାଏ ମୋଟ ସାତଟଙ୍କା ଚାରିଅଣା । ସେଥିରୁ ଚାରିଅଣା ନିଜ ପାଇଁ ରଖି ଅବଶିଷ୍ଟ ସାତଟଙ୍କାକୁ ଦେଶ ଉଦ୍ଦେଶ୍ୟରେ ଦାନ କରିଦେଇ ଔରେୟାର ବଡ଼ ବ୍ୟବସାୟୀ ସେଠ୍ ଭିକମ୍‌ଚନ୍ଦ୍ରଙ୍କ ପାଖକୁ ଯାଆନ୍ତି କିଛି ଧନ ସଂଗ୍ରହ ଉଦ୍ଦେଶ୍ୟରେ । ମାଷ୍ଟରଜୀଙ୍କ ଆସିବାର ଅଭିପ୍ରାୟ ବିଷୟରେ ଅବଗତ ହୋଇ ସେଠ୍‌ଜୀ ଖୁବ୍ ଆନନ୍ଦିତ । ପ୍ରକୃତରେ ଏହା ଏକ ସାଧୁ ଉଦ୍ୟମ । ପ୍ରତ୍ୟେକ ଦେଶବାସୀଙ୍କର ନିଜ ଦେଶ ତଥା ଜାତି ପ୍ରତି କିଛି ତ କର୍ତ୍ତବ୍ୟ ରହିଛି ନିଶ୍ଚିତ । ହେଲେ ସେଠ୍‌ଙ୍କ ଅଣ୍ଟିରୁ ବାହାରେ ମାତ୍ର ଟଙ୍କାଟିଏ । ପୁଣି ତାଲିକାରେ ତାଙ୍କ ନାଁ ଲେଖିବାକୁ ମନା ମଧ୍ୟ କରନ୍ତି । ପୋଲିସ୍‌ର ଧରପଗଡ଼ରେ କେତେବେଳେ ଫସିଗଲେ ଭାରି ଅସୁବିଧା । ଘରସଂସାରୀ ଲୋକେ ଯେ ! ଘରେ ପଶୁ ପଶୁ ମୁଣ୍ଡରେ ଚାଳ ବାଜିବାରୁ ପରେ କେତେବେଳେ ଆବଶ୍ୟକତା ପଡ଼ିଲେ ଆସି ଟଙ୍କାଟି ନେଇଯିବେ ବୋଲି କହି ସେଠାରୁ ଚାଲିଆସନ୍ତି ଗେନ୍ଦାଲାଲ । ତେବେ ଏତିକିରେ ନିରାଶ ହୋଇଗଲେ ସଂସ୍ଥା ଗଠନ କେମିତି ସମ୍ଭବ ହେବ ଭାବି ଆଉ ତିନି ଚାରିଜଣଙ୍କ ପାଖକୁ ସେ ଯାଆନ୍ତି ଅର୍ଥ ସଂଗ୍ରହ ଉଦ୍ଦେଶ୍ୟରେ । ସବୁଠି ସେଇ ସମାନ ବ୍ୟବହାର । ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଥିବା ବେଳେ ଅର୍ଥଦାନ କରିବାକୁ ପଛଘୁଞ୍ଚା । ଧନଶକ୍ତି ବଢ଼ାଇବାରେ ବିଫଳ ହେବାରୁ ସେ ଏଥର ଜନଶକ୍ତି ଆଡ଼କୁ ମନ ବଳାନ୍ତି । ଛତ୍ରପତି ଶିବାଜୀଙ୍କ ଆଦର୍ଶରେ ମୂଳରୁ ଅନୁପ୍ରାଣିତ ଥିବାରୁ ସଂଗଠନର ନାମକରଣ କରନ୍ତି 'ଶିବାଜୀ ସମିତି' । ସଦସ୍ୟ ବନାଇବା ଉଦ୍ଦେଶ୍ୟରେ ପରିଚିତ ଲୋକଙ୍କ ପାଖରେ ପହଞ୍ଚିବାରୁ ତାଙ୍କୁ ଗୁଡ଼ାଏ ଅବାନ୍ତର ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼େ । ଯେମିତି – ଏଇଟା ଆପଣଙ୍କର କ'ଣ ଗୋଟେ ରେଜିଷ୍ଟର୍ଡ଼ ସଂସ୍ଥା ? ଏହାର ସମ୍ବିଧାନ ଇଂରେଜ ଅଫିସରଙ୍କ ଦ୍ୱାରା ମାନ୍ୟତା ପାଇଛି ତ ? କିଏ କିଏ ଏହାର ସଦସ୍ୟତା ନେଇ ସାରିଛନ୍ତି ଏଯାଏଁ ? ଯା'ର ଫଣ୍ଡ୍ କେତେ ଅଛି ? ଏସବୁ ପ୍ରଶ୍ନ ଶୁଣି ଗେନ୍ଦାଲାଲଙ୍କ ମୁଣ୍ଡ ଘୂରାଇଦିଏ । କିଭଳି ଲୋକ ଏମାନେ ? ନିଜ ଦେଶ ପାଇଁ କିଛି ତ୍ୟାଗ କରିବାକୁ ମନରେ ତିଳେ ବି ଆଗ୍ରହ ନାହିଁ ! ସର୍ବଦା ଆପଣା ସ୍ୱାର୍ଥସାଧନରେ ବ୍ୟସ୍ତ । ଏମାନଙ୍କ ଠାରୁ ବରଂ ଡକାୟତମାନେ ଭଲ । ସେମାନେ ବଳପୂର୍ବକ ଯାହା ନେବାକଥା ଥରକରେ ନେଇଯାଆନ୍ତି । ଏମାନଙ୍କ ଭଳି ଭଦ୍ରମୁଖା ପିନ୍ଧି ସାରା ଜୀବନ ଅନ୍ୟକୁ ଶୋଷଣ କରନ୍ତି ନାହିଁ । ଚମ୍ବଲ ଉପତ୍ୟକାରେ ଦଳ ଦଳ ହୋଇ ଅନେକ ଡକାୟତ ଲୁଚିରହି ଲୁଣ୍ଠନ କାର୍ଯ୍ୟ କରୁଥାନ୍ତି । ସେମାନେ ବଡ଼ ସାହସୀ । ଅସ୍ତ୍ରଶସ୍ତ୍ର ପ୍ରୟୋଗରେ ମଧ୍ୟ ଧୁରନ୍ଧର । ସେମାନଙ୍କୁ ଯଦି ଦେଶସେବା ପାଇଁ ଉତ୍ସାହିତ କରାଇ ଏକ ଦଳଭୁକ୍ତ କରାଯାଏ ତେବେ ନିଶ୍ଚିତ ସଫଳତା ମିଳି ପାରିବ । ଅର୍ଥ ସେମାନଙ୍କ ପାଇଁ ଏକ ସମସ୍ୟା ଆଦୌ ନୁହେଁ କାରଣ ଆବଶ୍ୟକସ୍ଥଳେ ସେମାନେ ଡକାୟତି କରି ମୋଟା ଅଙ୍କର ଅର୍ଥ ବି ସଂଗ୍ରହ କରିପାରିବେ । ସେମାନଙ୍କ ଭିତରୁ ଲକ୍ଷ୍ମଣାନନ୍ଦ ବ୍ରହ୍ମଚାରୀ ନାମକ ଜଣେ ଡକାୟତଙ୍କ ସହ ଗେନ୍ଦାଲାଲଙ୍କ ଯୋଗାଯୋଗ ସ୍ଥାପିତ ହୁଏ । ସେ ତାଙ୍କ ଦଳ ସହିତ କ୍ରାନ୍ତିକାରୀ ଗତିବିଧିରେ ସାମିଲ ହେବାକୁ ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ ଆସ୍ତେ ଆସ୍ତେ ସେଥିରୁ ମଧ୍ୟ ନିରାଶ ହୁଅନ୍ତି ମାଷ୍ଟରଜୀ । ଏ କାମ ଯେତିକି ସହଜ ମନେ ହେଉଛି ପ୍ରକୃତରେ ସେତିକି ସହଜ କେବେ ନୁହେଁ । କିଛି ଡାକୁଙ୍କୁ ବାଲ୍ମୀକି ବନାଯାଇ ପାରେ କିନ୍ତୁ ସମସ୍ତେ ଦେଶଭକ୍ତ ହୋଇ ପାରିବେନି । ତାଙ୍କ ଭିତରେ ନୈତିକ ମୂଲ୍ୟ କି ମାନ୍ୟତା ଉତ୍ପନ୍ନ କରାଯାଇ ପାରିବନି । ଡାକୁମାନଙ୍କୁ ନେଇ ସଂଗଠନ କରିବା ସହ ଗେନ୍ଦାଲାଲ ତାଙ୍କର କିଛି ଛାତ୍ର ତଥା ଶିକ୍ଷିତ ବ୍ୟକ୍ତିମାନଙ୍କୁ ନେଇ ଆଉ ଏକ ସଂସ୍ଥା ଗଠନ କରିଥିଲେ । ତା'ର ନାମକରଣ କରାହୋଇଥିଲା – ମାତୃବେଦୀ । ଏଥିରେ ବହୁତ ଭଲ ଘରର ପିଲାମାନେ ମଧ୍ୟ ସାମିଲ ହୋଇଥିଲେ । ଏହାର ଜଣେ ପ୍ରମୁଖ ସଦସ୍ୟ ଥିଲେ ପଣ୍ଡିତ ରାମପ୍ରସାଦ 'ବିସ୍ମିଲ' ।

ଆସ୍ତେ ଆସ୍ତେ ଗେନ୍ଦାଲାଲଙ୍କ ଦୁଇ ସଂଗଠନରେ ସଭ୍ୟସଂଖ୍ୟା ବୃଦ୍ଧି ପାଇବାକୁ ଲାଗେ । ସ୍ଥାନେ ସ୍ଥାନେ ଶିବିର କରି ସେଠାରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା କରାଯାଏ । ଅର୍ଥର ଆବଶ୍ୟକତାକୁ ଦୂର କରିବା ପାଇଁ ବେଳେ ବେଳେ ଜମିଦାର ମାନଙ୍କ ଘର ଉପରେ ଚଢ଼ାଉ କରାଯାଏ । ବିଶେଷ କରି 'ମାତୃବେଦୀ'ର କ୍ରାନ୍ତିକାରୀ ଗତିବିଧିରେ ଅତିଷ୍ଠ ହୋଇ ପଡ଼ନ୍ତି ଇଂରେଜମାନେ । ଶେଷକୁ ହିନ୍ଦୁ ସିଂହ ନାମକ ଜଣେ ଡାକୁକୁ ହାତ କରି ତାକୁ ଏମାନଙ୍କ ଦଳରେ ମିଶାଇ ଦିଆଯାଏ । ଯା ଦ୍ୱାରା ଏମାନଙ୍କ ସବୁ ଗତିବିଧିର ଖବର ଇଂରେଜମାନଙ୍କ ପାଖରେ ପହଞ୍ଚେ । ଥରେ ଗୋଟେ ଦୂର ଗାଁକୁ ଲୁଟ୍ କରିବାକୁ ଯିବା ବେଳେ ଜଙ୍ଗଲ ମଝିରେ ସମସ୍ତେ ବିଶ୍ରାମ ନେଉଥିବା ବେଳେ ପାଖ ଗାଁରେ ତା'ର ସମ୍ପର୍କୀୟ ଲୋକ ରହୁଥିବାରୁ ସେଠାରୁ ଯାଇ ଖାଦ୍ୟ ନେଇ ଆସିବାର ପ୍ରସ୍ତାବ ଦିଏ ହିନ୍ଦୁ ସିଂହ । ସକାଳୁ ରାତି ପର୍ଯ୍ୟନ୍ତ କିଛି ବି ଖାଇବାକୁ ପାଇ ନଥିବାରୁ ସମସ୍ତେ ରାଜି ହୋଇଯାଆନ୍ତି । ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ସେମାନଙ୍କୁ ବିଷ ମିଶା ପୁରୀ ଓ ତରକାରୀ ଖାଇବାକୁ ଦିଆଯାଏ । ବ୍ରହ୍ମଚାରୀ ଖଣ୍ଡେ ପୁରୀ ଖାଉ ଖାଉ ତାଙ୍କ ଜିଭ ଟାଣିବା ଅନୁଭବ କରି ଖାଦ୍ୟରେ ବିଷ ମିଶିଥିବା ସନ୍ଦେହ କରି ଅନ୍ୟମାନଙ୍କୁ ତାହା ନଖାଇବା ପାଇଁ ସତର୍କ କରି ଦିଅନ୍ତି । ହିନ୍ଦୁ ସିଂହ ପାଣିର ବ୍ୟବସ୍ଥା କରିବା ବାହାନାରେ ଦୂରକୁ ଚାଲିଯାଉଥିବା ଦେଖି ବ୍ରହ୍ମଚାରୀ ତାକୁ ଲକ୍ଷ୍ୟକରି ଗୁଳି ଫୁଟାନ୍ତି । ହେଲେ ଗୁଳି ତା' ଦେହରେ ବାଜେନି । କିନ୍ତୁ ଗୁଳିର ଶବ୍ଦ ଶୁଣି ଦୂରରୁ ସେମାନଙ୍କୁ ଘେରି ରହିଥିବା ବ୍ରିଟିଶ୍ ଫୌଜ୍ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ବର୍ଷଣ କରିବାକୁ ଲାଗନ୍ତି । ବ୍ରହ୍ମଚାରୀଙ୍କ ସହ ୩୫ ଜଣ ସେଇଠି ହିଁ ମୃତ୍ୟୁବରଣ କରନ୍ତି । ଗେନ୍ଦାଲାଲ ଓ ଡାକୁ ସରଦାର ପଞ୍ଚମ ସିଂହଙ୍କୁ ଆହତ ଅବସ୍ଥାରେ ଗିରଫ୍ କରି ଗ୍ୱାଲିୟର ଜେଲ୍‌କୁ ଅଣାଯାଏ । ଏହାକୁ 'ମୈନ୍‌ପୁରୀ ଷଡ଼ଯନ୍ତ୍ର କେଶ' ନାମରେ ନାମିତ କରାଯାଇଛି । ଜେଲ୍ ଭିତରେ ଚିକିତ୍ସାର ଅଭାବ ତଥା ମାତ୍ରାଧିକ ଉତ୍ପୀଡ଼ନ ଯୋଗୁଁ ଗେନ୍ଦାଲାଲଙ୍କ ସ୍ୱାସ୍ଥ୍ୟର ଅବନତି ଘଟେ । ଶେଷକୁ କ୍ଷୟରୋଗର ଶିକାର ହୋଇଯାଆନ୍ତି । ମାତୃବେଦୀର କିଛି ସଦସ୍ୟ ଛଦ୍ମବେଶରେ ତାଙ୍କୁ ଭେଟିବାକୁ ଗ୍ୱାଲିୟର କିଲ୍ଲା ଭିତରକୁ ଆସନ୍ତି । ହେଲେ କୌଣସି ଉପାୟରେ ବି ସେଇଠୁ ତାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ପାରେନି । ବଞ୍ଚିବାର ଉପାୟ ନପାଇ ଗେନ୍ଦାଲାଲ ଶେଷକୁ ରାଜସାକ୍ଷୀ ବନିଯିବାର ଛଳନା କରନ୍ତି । କେବଳ ମାତୃବେଦୀ କି ଶିବାଜୀ ସମିତି ନୁହେଁ ବରଂ ମହାରାଷ୍ଟ୍ର ତଥା ବଙ୍ଗଳାର ଅନ୍ୟ କିଛି କ୍ରାନ୍ତିକାରୀ ସଂଗଠନଙ୍କ ସହ ତାଙ୍କର ଯୋଗାଯୋଗ ଥିବାରୁ ସେମାନଙ୍କୁ ମଧ୍ୟ ଧରେଇବାରେ ସେ ଇଂରେଜମାନଙ୍କୁ ସାହାଯ୍ୟ କରି ପାରିବା କଥା ଶୁଣି ପୋଲିସ୍‌ମାନେ ଖୁବ୍ ଖୁସି ହୋଇ ତାଙ୍କୁ କାରାଗାରରୁ ବାହାରକୁ ଆଣି ଆଉଜଣେ ରାଜସାକ୍ଷୀ ରାମନାରାୟଣ ପାଣ୍ଡେଙ୍କ ସହ ଗୋଟିଏ ଘରେ ନଜରବନ୍ଦ କରି ରଖନ୍ତି । ରାତ୍ରିର ଘନ ଅନ୍ଧକାରରେ ରାମନାରାୟଣଙ୍କ ସହ ଗେନ୍ଦାଲାଲ ଅଗଣାର କାନ୍ଥ ଡେଇଁ ଫେରାର ହୋଇଯାଆନ୍ତି । ଚାଲି ଚାଲି ଅନେକ ପଥ ଅତିକ୍ରମ କରିବା ପରେ ପୁଣି ଅସୁସ୍ଥ ହୋଇ ପଡ଼ନ୍ତି । ଆଉ ଆଗକୁ ଯିବା ସମ୍ଭବ ହୁଏନି । ତାଙ୍କ ହାତଲେଖା ଚିଠି ଖଣ୍ଡିଏ ନେଇ ରାମନାରାୟଣ ତାଙ୍କ ବଡ଼ଭାଇ ଭଗୀରଥ ପ୍ରସାଦ ଦୀକ୍ଷିତ୍‌ଙ୍କୁ ଭେଟନ୍ତି । ସାନ ଭାଇଟିର ପରିସ୍ଥିତି ବିଷୟରେ ଅବଗତ ହୋଇ ଉଭୟଙ୍କ ପାଇଁ ପୋଷାକ, ରାନ୍ଧି ଖାଇବା ପାଇଁ ବାସନ ସାଙ୍ଗକୁ ୨୦୧ ଟଙ୍କା ଦିଅନ୍ତି । ସେସବୁ ନେଇ ରାମନାରାୟଣ ଫେରିଲା ବେଳେ ଗେନ୍ଦାଲାଲ ଅଚେତ ଅବସ୍ଥାରେ ପଡ଼ିଥାନ୍ତି । ଏମିତିଆ ରୋଗୀଟିକୁ ସାଙ୍ଗରେ ନେଇ ଏଠୁ ସେତିକି ହୋଇ ପୋଲିସ୍‌ର ଆଖିରୁ ବର୍ତ୍ତିବା ଆଦୌ ସମ୍ଭବ ନୁହେଁ ଭାବି ରାମନାରାୟଣ ସେଇଦିନ ରାତିରେ ନିଦ୍ରିତାବସ୍ଥାରେ ତାଙ୍କୁ ଏକୁଟିଆ ଛାଡ଼ି ସବୁ ଜିନିଷପତ୍ର ତଥା ଟଙ୍କା ଧରି ଫେରାର ହୋଇଯାଆନ୍ତି ।

ସକାଳୁ ଉଠି ଗେନ୍ଦାଲାଲ ଦେଖନ୍ତି ପାଖରେ କେହି ନଥିବାର । ବାହାରପଟୁ ଶିକୁଳି ଲଗା ହୋଇଥାଏ କବାଟରେ । ସେମାନେ ଜନବସତି ଠାରୁ ଦୂରରେ ଏକ ନିର୍ଜନ ଭଙ୍ଗାଘରେ ଆଶ୍ରୟ ନେଇଥିବାରୁ କାହାକୁ ଡାକି କବାଟ ଖୋଲେଇବା ବି ସମ୍ଭବ ହୁଏନି । ଘୋର ଅସୁସ୍ଥ ଅବସ୍ଥାରେ ନଖାଇ ନପିଇ ଭୋକ ଓପାସରେ ସେଇ ଘର ଭିତରେ ପଡ଼ି ରହନ୍ତି ଗେନ୍ଦାଲାଲ । ତିନି ଦିନ ପରେ ସୌଭାଗ୍ୟକୁ କେହିଜଣେ ସେବାଟେ ଯାଉଥିବା ଦେଖି ତାକୁ କହିବାରୁ ସେ କବାଟ ଖୋଲିଦିଏ । ଗେନ୍ଦାଲାଲ ସେଇଠୁ ଚାଲି ଚାଲି ନିଜ ଘରକୁ ଆସନ୍ତି । ଘରେ ବାପାମା' ତଥା ଭାଇଭଉଣୀ ଯା'ଙ୍କୁ ଦେଖି ଖୁସି ହେବା ପରିବର୍ତ୍ତେ ଆତଙ୍କିତ ହୋଇଯାଆନ୍ତି । ପୋଲିସ୍‌ର ବାରମ୍ବାର ଖାନତଲାସି ତଥା ଜେରା ଯୋଗୁଁ ସେମାନେ ଅତିଷ୍ଠ ହୋଇପଡ଼ିଥାନ୍ତି । ଖୁବ୍ ଶୀଘ୍ର ସେ ଘର ଛାଡ଼ି ଚାଲିଯିବେ ବୋଲି କହିବାରୁ ଟିକିଏ ଆଶ୍ୱସ୍ତ ହୁଅନ୍ତି ସମସ୍ତେ । ଅଳ୍ପ କିଛି ପଇସା ସାଙ୍ଗରେ ନେଇ ସେ ଚାଲିଯାଆନ୍ତି ଆଗ୍ରା । ସେଠି ବି ରହିବା ସମ୍ଭବ ନହେବାରୁ ଆସନ୍ତି ଦିଲ୍ଲୀ । ପାହାଡ଼ଗଞ୍ଜର ମହାବୀର ମନ୍ଦିର ସାମ୍ନାରେ ଥିବା ଏକ ଜଳଛତ୍ରରେ ଲୋକଙ୍କୁ ପାଣି ଦେବାର କାମ କରନ୍ତି ସେଇଠି । ଏଣେ ରୋଗ ଭିତରେ ଭିତରେ ବଢ଼ି ଚାଲିଥାଏ । ତହିଁକୁ ପୁଣି ପୋଲିସ୍‌ର ଭୟ । ଘୋର ଅଭାବ ଯୋଗୁଁ କୋଉଠି ଚିକିତ୍ସା କରେଇବା ବି ସମ୍ଭବ ହୋଇ ପାରେନି । ଖୁବ୍ ଅସୁସ୍ଥ ହୋଇ ପଡ଼ିବାରୁ ଶେଷକୁ ତାଙ୍କ ଶଳା ରାଧାରମଣ ଦୁବେଙ୍କ ପାଖକୁ ଗୋଟେ ପତ୍ର ଲେଖନ୍ତି । ପତ୍ନୀ ଫୁଲମତୀ ଅନେକ ଦିନରୁ ଛୋଟ ଝିଅଟିକୁ ନେଇ ପିତ୍ରାଳୟରେ ରହୁଥାନ୍ତି । ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ଫୁଲମତୀକୁ ସାଙ୍ଗରେ ଧରି ରାଧାରମଣ ଦିଲ୍ଲୀ ଆସନ୍ତି । ମହାବୀର ମନ୍ଦିର ପାଖ ଏକ ଛୋଟ ପତ୍ରକୁଡ଼ିଆରେ ସେତେବେଳେ ରହୁଥାନ୍ତି ଗେନ୍ଦାଲାଲ । ସ୍ୱାମୀଙ୍କର ଏଭଳି ଅବସ୍ଥା ଦେଖି ଭାଙ୍ଗି ପଡ଼ନ୍ତି ଫୁଲମତୀ । ଦିନରାତି ଲାଗିପଡ଼ନ୍ତି ସେବା କରିବାରେ । କିନ୍ତୁ ଅବସ୍ଥା ଆହୁରି ବିଗିଡ଼ି ଚାଲିଥାଏ । କୌଣସି ସରକାରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରେଇଲେ ପୋଲିସ୍ ହାତରେ ଧରା ପଡ଼ିବାର ଭୟ । ରାଧାରମଣ ଭଉଣୀକୁ ଛାଡ଼ି ଘରକୁ ଫେରିଯାଆନ୍ତି । ତାଙ୍କ ପାଖରୁ ଖବର ପାଇ ଗେନ୍ଦାଲାଲଙ୍କ ସାନଭାଇ ଶିବଦୟାଲ ଆସନ୍ତି ଦିଲ୍ଲୀ । ଗୋଟେ ହୋମିଓପାଥି ଡାକ୍ତରଙ୍କୁ ଅନେକ ହାରି ଗୁହାରି କରିବାରୁ ସେ ଆସି ଗେନ୍ଦାଲାଲଙ୍କ ଚିକିତ୍ସା କରନ୍ତି । ରୋଗୀର ଦୟନୀୟ ପରିସ୍ଥିତି ଦେଖି ସେ ପଇସା ନେବାକୁ ମନା କରିବା ସହ ମାଗଣାରେ ଔଷଧ ମଧ୍ୟ ଦିଅନ୍ତି । କିନ୍ତୁ କିଛି ଫଳ ହୁଏନି । ଆହୁରି ପରିସ୍ଥିତି ଖରାପ ହେବାକୁ ଲାଗେ । ଅଧିକାଂଶ ସମୟ ଅଚେତ ହୋଇ ପଡ଼ିରହୁଥାନ୍ତି ଗେନ୍ଦାଲାଲ । ଚେତା ଆସିବାରୁ ଥରେ ପତ୍ନୀଙ୍କୁ ଲୁହ ଗଡ଼ାଉଥିବା ଦେଖି ସେ କାହିଁକି କାନ୍ଦୁଛନ୍ତି ବୋଲି ପଚାରନ୍ତି । ଅନେକ କଥା କହି ବୁଝାଇବାକୁ ଚେଷ୍ଟା କରନ୍ତି । ବାପା, ମା, ଭାଇ ସମସ୍ତେ ଥିବାରୁ ଫୁଲମତୀଙ୍କ କିଛି ଅସୁବିଧା ହେବନି । କିନ୍ତୁ ଢେର ଦୁଃଖ ରହିଗଲା ତାଙ୍କର । ସ୍ୱାର୍ଥୀ ମଣିଷମାନଙ୍କ ଭିଡ଼ ଭିତରେ ମାତୃଭୂମି ପାଇଁ କିଛି ବି କରି ପାରିଲେନି ସେ । ଝରଝର ହୋଇ ଲୁହ ଗଡ଼ିଗଲା ବେଳକୁ ପୁଣି ଅଚେତ ହୋଇଯାଆନ୍ତି ଗେନ୍ଦାଲାଲ । ଶିବଦୟାଲ ତାଙ୍କର ଜଣେ ବନ୍ଧୁଙ୍କ ସହ ବିଚାର କରନ୍ତି । କୌଣସି ପ୍ରକାରେ ପୋଲିସ୍ ସୁରାକ ପାଇଗଲେ ତାଙ୍କୁ ସାହାଯ୍ୟ କରୁଥିବା ଲୋକେ ବି ଗିରଫ୍ ହୋଇ ଜେଲ ଯିବେ । ଅନ୍ତିମ ବେଳା ତ ଖୁବ୍ ନିକଟ । ଶବଦାହ ପାଇଁ ସହର ଜାଗାରେ ଏତେ ପଇସା ବା କୋଉଠୁ ଆସିବ । ତେଣୁ ଭାଉଜ ସାଙ୍ଗରେ ଆଲୋଚନା କରି ସେମାନେ ସରକାରୀ ଡାକ୍ତରଖାନାରେ ଗେନ୍ଦାଲାଲଙ୍କ ନାଁ ବଦଳାଇ ଭର୍ତ୍ତି କରି ସେଇଠୁ ଚାଲିଯିବାକୁ ମନସ୍ଥ କରନ୍ତି । ଜଣେ ଭାଇ ଓ ଆଉଜଣେ ପତ୍ନୀ, ଏମାନଙ୍କ ପକ୍ଷରେ ଏଭଳି ନିଷ୍ପତ୍ତି ନେବା ଥିଲା ଖୁବ୍ କଷ୍ଟକର । କିନ୍ତୁ ସେମାନେ ବାଧ୍ୟ ହୋଇଥିଲେ ପରିସ୍ଥିତିର ତାଡ଼ନାରେ । ଛଦ୍ମନାମରେ ଡାକ୍ତରଖାନାରେ ଭର୍ତ୍ତି କରି ଚାଲିଯାଇଥିଲେ ଯିଏ ଯାହା ଜାଗାକୁ । କିଛିଦିନ ପରେ ଶିବଦୟାଲ ଦିଲ୍ଲୀ ଆସି ଡାକ୍ତରଖାନାରେ ବୁଝାବୁଝି କରିବାରୁ ସେଇ ତାରିଖରେ ଭର୍ତ୍ତି ହୋଇଥିବା ରୋଗୀଟିର ମୃତ୍ୟୁ କଥା ରେଜିଷ୍ଟରରେ ଲେଖା ହୋଇଥିବା ଦେଖନ୍ତି ।

'ଶିବାଜୀ ସମିତି' ଓ 'ମାତୃବେଦୀ' ଭଳି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସୁପ୍ରିମ୍ କମାଣ୍ଡର, ଅନେକ ଯୁବକ୍ରାନ୍ତିକାରୀଙ୍କ ଦୀକ୍ଷାଗୁରୁ, ମୈନପୁରୀ ଷଡ଼ଯନ୍ତ୍ରର ମୁଖ୍ୟ ଅଭିଯୁକ୍ତ, ପଣ୍ଡିତ ଗେନ୍ଦାଲାଲ ଦୀକ୍ଷିତ ଶେଷକୁ ଗୋଟେ ଲାୱାରିସ୍ ଲାସ ବନିଯାଆନ୍ତି ଡାକ୍ତରଖାନାରେ । ମୋଟ ସାତଟଙ୍କା ଚାରିଅଣା ଜମାପୁଞ୍ଜିରୁ ସାତଟଙ୍କା ଦେଶପାଇଁ ଦାନ କରୁଥିବା ଲୋକଟି ପାଖରେ ଶେଷ ବେଳକୁ ଚାରିଅଣା ପଇସା ବି ନଥାଏ । କାଠରେ କିରୋସିନ ଢାଳି ଅଗ୍ନି ସଂଯୋଗ ରୂପକ ବିଧି ନିର୍ବାହ କରି ଅର୍ଦ୍ଧଦଗ୍ଧ ଶବକୁ ଯମୁନାକୁ ଫିଙ୍ଗାଯାଏ ସରକାରୀ ଅର୍ଥରେ । ନିକଟ ସମ୍ବନ୍ଧୀୟଙ୍କ ଠାରୁ ଦେହାନ୍ତ ବିଷୟରେ ଅବଗତ ହୋଇ ତାଙ୍କ ପଟ୍ଟଶିଷ୍ୟ ପଣ୍ଡିତ ରାମପ୍ରସାଦ 'ବିସ୍ମିଲ', ୧୯୨୨ ମସିହାରେ ଗଣେଶ ଶଙ୍କର ବିଦ୍ୟାର୍ଥୀଙ୍କ ଦ୍ୱାରା ସମ୍ପାଦିତ 'ପ୍ରଭା' ନାମକ ଏକ ପତ୍ରିକାରେ, ଗୁରୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେଇ ଶେଷକୁ ଲେଖିଥିଲେ – "ଯେଉଁ ଦେଶ ପାଇଁ ସର୍ବସ୍ୱ ତ୍ୟାଗକରି, ଏତେ କଷ୍ଟ ସହି, ଶେଷକୁ ପ୍ରାଣ ମଧ୍ୟ ଦେଇ ଦିଅନ୍ତି, ସେଇ ଦେଶରେ କେହି ଏତିକି ବି ଜାଣି ପାରିଲେନି ଯେ ପଣ୍ଡିତ ଗେନ୍ଦାଲାଲ ଦୀକ୍ଷିତ କୋଉଠି ଉଭେଇଗଲେ ! କିନ୍ତୁ ସ୍ୱତନ୍ତ୍ର ଭାରତର ଇତିହାସ ଲେଖାଗଲା ବେଳେ, ଗୁରୁଜୀ, ଦେଶବାସୀ ଆପଣଙ୍କୁ ସ୍ମରଣ କରିବେ ନିଶ୍ଚିତ । ସେଇ ଇତିହାସର ପୃଷ୍ଠାରେ ଆପଣଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ।" (ବନ୍ଦେ ମାତରମ୍)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ଆଉଜା କବାଟ (୫୫)



# ନେତାଙ୍କ ମଜା : ଜନତାଙ୍କ ସଜା

ଡ. ରାଧାରଂଜନ ପଟ୍ଟନାୟକ

ଭାରତ ଭଳି ଏକ ବିରାଟ ଦେଶର କୌଣସି ମନ୍ତ୍ରାଳୟ ସମ୍ଭାଳିବା ସହଜ କଥା ନୁହେଁ। ଯେଉଁମାନେ ସମ୍ଭାଳିଥାନ୍ତି, ସେମାନେ ବାସ୍ତବରେ ସମ୍ମାନର ହକ୍‌ଦାର। ମାତ୍ର ସମ୍ମାନର ବ୍ୟବହାରିକ ଅର୍ଥ କ'ଣ ଗୁଲାମ? କୌଣସି ଗୁରୁତ୍ୱପୂର୍ଣ୍ଣ ପଦରେ ରହି କ୍ଷମତାର ଦୁରୁପଯୋଗ କରିବା କ'ଣ ଉଚିତ?

ମନେପଡୁଛି ସେଦିନର କଥା। ସମୟ ଅପରାହ୍ନ। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଟ୍ରାଫିକ୍ ଜାମ୍ ଥିଲା। ଏହି ରାସ୍ତାଟି ଏୟାରପୋର୍ଟ ରାସ୍ତାକୁ ସଂଯୋଗ କରୁଥିବା ଏକ ମହତ୍ତ୍ୱପୂର୍ଣ୍ଣ ରାସ୍ତା। ଏହି ଟ୍ରାଫିକ୍ ଭିଡ଼ରେ ଅଟକି ଥିବା ଅନ୍ୟମାନଙ୍କ ଭଳି ମୋର ବି ଫ୍ଲାଇଟ୍ ଧରିବାର ଥିଲା। ଯଦି ସାମାନ୍ୟ କୌଣସି ଦିନ ହୋଇଥାନ୍ତା, ତେବେ ଟର୍ମିନାଲ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ମାତ୍ର ୧୦ ମିନିଟ୍‌ରୁ ୨୦ ମିନିଟ୍ ଲାଗିଥାନ୍ତା। ମାତ୍ର ଆଜି ଟ୍ରାଫିକ୍ ବିଲ୍‌କୁଲ୍ ଜାମ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହୋଇ ଯାଇଥିଲେ ମଧ ଜନଗହଳି ଏକ ଇଞ୍ଚରୁ ଆଗକୁ ବଢୁ ନଥିଲା। ଏହା ସତ୍ୟ ଯେ, କୌଣସି ସଡ଼କ କାମ ହେଉନଥିଲା କିମ୍ବା କୌଣସି ଦୁର୍ଘଟଣା ଘଟିନଥିଲା। ମାତ୍ର କିଛି ପୋଲିସ୍ ବାଲା ଟ୍ରାଫିକ୍ ଅଟକାଇ ଥିଲେ। ମୁଁ କାରଣ ପଚାରିବାରୁ ଗୋଟିଏ ସଂକ୍ଷିପ୍ତ ଉତ୍ତର ଥିଲା ଭି.ଆଇ.ପି. ମୋଭ୍‌ମେଣ୍ଟ। (movement)

ଭିଡ଼ ଭିତରୁ କେହି ଜଣେ ସଜ୍ଜନ କହିଲେ ଭାଇ, ଆମକୁ ଯିବାକୁ ଦିଅ। ଆମର ଫ୍ଲାଇଟ୍ ଛାଡ଼ିଦେବ। ମାତ୍ର ପୋଲିସବାଲାର ନାଲି ଆଖି ଏବଂ ଧମକପୂର୍ଣ୍ଣ କଥା ଭିଡ଼କୁ ନୀରବ କରିଦେଲା। ଅନ୍ୟମାନେ ଆମକୁ ଦେଖି ହସୁଥିଲେ। ସେମାନେ ଭାବୁଥିଲେ କେମିତିକା ମୂର୍ଖ ଏମାନେ! ପୋଲିସ୍‌ବାଲାଠାରୁ ସାହାଯ୍ୟ ଆଶା କରୁଛନ୍ତି? ଠିକ୍ ଏହି ସମୟରେ ପଛକୁ ପଛ ଲମ୍ବା ଧାଡ଼ିରେ ଠିଆ ହୋଇଥିବା ବାଇକ୍, କାର, ବସ ଏବଂ ଅଟୋରିକ୍ସାରେ ବସିଥିବା ଲୋକମାନଙ୍କ ଚେହେରାକୁ ଲକ୍ଷ୍ୟ କଲି। ଶହ ଶହ ଲୋକ ଆଗକୁ ଯିବା ପାଇଁ ପ୍ରତୀକ୍ଷା କରୁଥିଲେ। ପ୍ରତ୍ୟେକଙ୍କୁ ସେମାନଙ୍କ ନିର୍ଦ୍ଦିଷ୍ଟ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବାର ଥିଲା। ମାତ୍ର ଏହି ଅସମ୍ଭବ ଭିଡ଼ ଜନିତ କାରଣରୁ ସେମାନଙ୍କର ବିଳମ୍ବ ହେଉଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ସଭିଏଁ ବିଚଳିତ ଥିଲେ; ମାତ୍ର ଉତ୍ତେଜିତ ନଥିଲେ। କାରଣ, ଏହା ଆମ ଭାରତୀୟ ଜୀବନର ଅତି ସାଧାରଣ କଥା।

> ରାଜତନ୍ତ୍ରର କବର ଉପରେ ଠିଆହୋଇଛି ଗଣତନ୍ତ୍ରର ବିରାଟ ସାମ୍ରାଜ୍ୟ। ସୁତରାଂ, ସେମାନେ ସାଂସଦ ହୁଅନ୍ତୁ ଅଥବା ମନ୍ତ୍ରୀ ସଭିଏଁ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧି। ଏହାକୁ ବି ଅସ୍ୱୀକାର କରାନଯାଇପାରେ, ଭାରତ ଭଳି ଏକ ବିଶାଳ ଦେଶର କୌଣସି ମନ୍ତ୍ରାଳୟ ସମ୍ଭାଳିବା ଛୋଟ ମୋଟ କାମ ନୁହେଁ। ଏଥିପାଇଁ ବାସ୍ତବରେ ସେମାନେ ସମ୍ମାନର ହକ୍‌ଦାର। ମାତ୍ର ଏହି ସମ୍ମାନର ଅର୍ଥ କ'ଣ ଗୋଲାମୀ? ଯଦିଓ ତାଙ୍କ ପାଖରେ ଶାସନର କ୍ଷମତା ଅଛି, ପଦ ଅଛି, ପଦବୀ ଅଛି ଆଜି ଆମକୁ କ'ଣ ତାଙ୍କର ନଖରା ସ୍ୱୀକାର କରିବାକୁ ହେବ??

ଯେତେବେଳେ କୌଣସି ଓଜନଦାର ନେତା ସେହି ରାସ୍ତା ଦେଇ ଯିବାର କାର୍ଯ୍ୟକ୍ରମ ଥାଏ, ସେମାନଙ୍କୁ ଏଇମିତି ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। ଯେମିତି ଏଗୁଡ଼ିକ ଘଷରା ଅଭ୍ୟାସରେ ପରିଣତ ହୋଇଗଲାଣି। ସେହି ଭିଡ଼ ଭିତରୁ ନିଜକୁ ଖୁବ୍ ସ୍ମାର୍ଟ ମନେକରି ଏୟାରଲାଇନ୍‌ସ ଷ୍ଟାଫ୍‌ଙ୍କୁ ଫୋନ୍ କଲି ଏବଂ ଯେନକେନ ପ୍ରକାରେଣ ବୋର୍ଡ଼ିଂ ପାଶ୍ ହାସଲ କଲି। ଯାହାହେଉ ମୋର ସୌଭାଗ୍ୟ ଯେ,ଏହି ଭିଡ଼ରୁ ମୁକ୍ତି ମିଳିବା ପରେ ଫ୍ଲାଇଟ୍ ଧରିବାରେ ସଫଳ ହେଲି।

ସବୁଠୁ ଉଲ୍ଲେଖନୀୟ ଯେ, ଏହି କାରଣରୁ ଦେଶର ଅନ୍ୟ ସ୍ଥାନରେ ମଧ ଫ୍ଲାଇଟ୍ ଉଡ଼ାଣର ବିଳମ୍ବ ହୋଇଥିଲା। ତଥାପିବି ଅନେକ ଲୋକ ଫ୍ଲାଇଟ୍ ଧରିପାରିଲେ ନାହିଁ। ସେମାନେ ରିବୁକିଂ କରି ମଧ ସଫଳ ହେଲେ ନାହିଁ। ବରଂ ଅର୍ଥ ଶ୍ରାଦ୍ଧ କଲେ।

ଏଇମିତି ଏକ ବ୍ୟସ୍ତବହୁଳ ଘଟଣା ଓ ଝାମେଲା ଭିତରେ ନେତାଜୀ ଭୁବନେଶ୍ୱର ପହଞ୍ଚି ସାରିଥିବେ। ସାଧାରଣ ଜନତାଙ୍କୁ ନମସ୍କାର ଜଣାଇଥିବେ। ନେତା ମଧ ଅତି ଚତୁରତାର ସହ ସ୍ମିତହସରେ ହାତ ହଲାଇ ଦର୍ଶକଙ୍କୁ ଅଭିନନ୍ଦନ ଜଣାଇଥିବେ। ସମ୍ଭବତଃ ନେତାଜଣକ କେଉଁଠି ଫିତା କାଟିବା ଅଥବା କୌଣସି ସଭାରେ ପହଞ୍ଚିବା ପର୍ଯ୍ୟନ୍ତ ରାଜପଥ ଉପରେ ହଜାର ହଜାର ଦର୍ଶକଙ୍କୁ ଦେଖିଥିବେ। ହୋଇପାରେ ତାଙ୍କର କାର୍ଯ୍ୟ ମହତ୍ତ୍ୱପୂର୍ଣ୍ଣ ହୋଇଥାଇପାରେ ମାତ୍ର ଜରୁରୀକାଳୀନ ନଥିବ। ଯଦି ତାଙ୍କ ଆଗମନ ନିମନ୍ତେ ଟ୍ରାଫିକ୍ ରୋକା ଯାଇନଥାନ୍ତା, ଅନ୍ୟ ସାଧାରଣ ମଣିଷଙ୍କ ପରି ମଧ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଯାଇ ପାରିଥାନ୍ତେ। ମାତ୍ର ତାଙ୍କର ସୁବିଧା ପାଇଁ ହଜାର ହଜାର ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା। କେବଳ ଏତିକି ନୁହେଁ, ଏୟାରଲାଇନ୍‌ସର କାର୍ଯ୍ୟ ନିର୍ଘଣ୍ଟ ବି ଏପଟ ସେପଟ ହୋଇଯାଇଥିବ। ଅତିକମ୍‌ରେ Event Plannerକୁ ପ୍ୟାନିକ୍ ଆଟେକ୍ ଆସି ଯାଇଥିବ।

ଏହି ଭି.ଆଇ.ପି. ଜଣକ କିଏ? ସେ ହେଉଛନ୍ତି ଏ ଦେଶର ଜଣେ ସାଂସଦ ଏବଂ ମନ୍ତ୍ରୀ। ସେତ ନା ଦେଶର ରାଜା ଥିଲେ ନା ଗୁଲାମ ଭାରତବର୍ଷର କୌଣସି ଶାସକ ଥିଲେ। ଏବେତ ସେ ସମୟ ନାହିଁ। ରାଜତନ୍ତ୍ରର କବର ଉପରେ ଠିଆହୋଇଛି ଗଣତନ୍ତ୍ରର ବିରାଟ ସାମ୍ରାଜ୍ୟ। ସୁତରାଂ, ସେମାନେ ସାଂସଦ ହୁଅନ୍ତୁ ଅଥବା ମନ୍ତ୍ରୀ ସଭିଏଁ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧି। ଏହାକୁ ବି ଅସ୍ୱୀକାର କରାନଯାଇପାରେ, ଭାରତ ଭଳି ଏକ ବିଶାଳ ଦେଶର କୌଣସି ମନ୍ତ୍ରାଳୟ ସମ୍ଭାଳିବା ଛୋଟ ମୋଟ କାମ ନୁହେଁ। ଏଥିପାଇଁ ବାସ୍ତବରେ ସେମାନେ ସମ୍ମାନର ହକ୍‌ଦାର। ମାତ୍ର ଏହି ସମ୍ମାନର ଅର୍ଥ କ'ଣ ଗୋଲାମୀ? ଯଦିଓ ତାଙ୍କ ପାଖରେ ଶାସନର କ୍ଷମତା ଅଛି, ପଦ ଅଛି, ପଦବୀ ଅଛି ଆଜି ଆମକୁ କ'ଣ ତାଙ୍କର ନଖରା ସ୍ୱୀକାର କରିବାକୁ ହେବ??

ତେବେ କାହିଁକି? ତାଙ୍କର ଶୁଭାଗମନ ପାଇଁ ଆମେ ଗୋଲାମ ହେବା। ଚାମଚାଗିରି କରିବା? ଏଭଳି ପ୍ରସଙ୍ଗ ଉପରେ ଜନସାଧାରଣଠାରୁ ଆରମ୍ଭ କରି ସର୍କାର ପର୍ଯ୍ୟନ୍ତ ଧ୍ୟାନ ଦେବା ଜରୁରୀ। ହଁ କେହି କେବେ ଚିନ୍ତା କରିଛନ୍ତି ଆମ ପାଖରେ କ'ଣ ବିକଳ୍ପ ଅଛି? କେଣସି ମନ୍ତ୍ରୀ ବା ଉଚ୍ଚପଦାଧିକାରୀ ଆସିଲେ ଟ୍ରାଫିକ୍ ଜାମ୍ କରିବା କ'ଣ ନିହାତି ଜରୁରୀ?

ଅପର ପକ୍ଷରେ ଆମ ଦ୍ୱାରା ନିର୍ବାଚିତ ପ୍ରତିନିଧି ନିଜକୁ ଛୋଟ ମୋଟ ରାଜାଠାରୁ କମ୍ ଭାବନ୍ତି ନାହିଁ। ଉଲ୍ଲେଖନୀୟ ଯେ ଆମର ରାଜନୀତିକ ବର୍ଗଙ୍କୁ ଇଂରେଜ ଔପନିବେଶିକ ବ୍ୟବସ୍ଥା ସୂତ୍ରରେ ମିଳିଥିଲା। ଏହି ବ୍ୟବସ୍ଥାରେ ଶାସିତ ପ୍ରତି କେହି ଉତ୍ତରଦାୟୀ ନଥିଲେ। ମାତ୍ର ଆମରି ନେତାଏ ଉତ୍ତରଦାୟୀ ରହିବା ପାଇଁ ଆଇନ୍‌ରେ ପରିବର୍ତ୍ତନ ଆଣିଲେ। ମାତ୍ର ଆଇନ୍ ଆଇନ୍ ଜାଗାରେ। ଗଣତନ୍ତ୍ରର ସମ୍ବିଧାନରେ କୌଣସି ଏକ ଅନୁଚ୍ଛେଦରେ ରହିଛି। ମାତ୍ର ଆମର ନେତାମାନେ ଆଜି ପର୍ଯ୍ୟନ୍ତ ବି ଉପନିବେଶକାଳୀନ ଶାସକ ଭଳି କାର୍ଯ୍ୟ କରିଚାଲିଛନ୍ତି।

ନେତାମାନଙ୍କର ମାନସିକତା ଏବଂ କାନୁନ୍‌ର ନୀତିଗତ ଧାରା ଭିତରେ ସଂଘର୍ଷ ଜାରି ରହିଛି। ଆଜିବି ଆମେ ସେମାନଙ୍କୁ ଆମର ରାଜା ମହାରାଜା ବୋଲି ଭାବିଥାଉ। ଫଳରେ ରାଜନେତାମାନେ ନିଜ ନିଜର ୩୬ ଇଞ୍ଚ ଛାତି ଦେଖାଇ ସଗର୍ବରେ ଆତଯାତ କରିଥାନ୍ତି। ଆମକୁ ବୁଝିବାକୁ ହେବ ସେମାନେ ନେତା ନୁହଁନ୍ତି ବରଂ ଜନ ସେବକ। ସେବା କରିବା ହିଁ ତାଙ୍କର ମୂଳ କର୍ତ୍ତବ୍ୟ।

ଯଦି ଆମେ ଏକ ବିକାଶଶୀଳ ତଥା ସୁନ୍ଦର ଭାରତ ବର୍ଷର ପରିକଳ୍ପନା ଚାହୁଁ, ତେବେ ନେତାଠାରୁ ଆରମ୍ଭ କରି ଜନସାଧାରଣ ପର୍ଯ୍ୟନ୍ତ ନିଜ ନିଜ ମାନସିକତାର ପରିବର୍ତ୍ତନ କରିବା ଆବଶ୍ୟକ। ଏଇ ମାଟିରୁ ରାଜା, ମହାରାଜା ଏବଂ ବିଦେଶୀ ଶାସକ ବିଦା ହୋଇ ସାରିଛନ୍ତି। ସାତ ଦଶକରୁ ଅଧିକ ସମୟ ହୋଇଗଲାଣି। ଏବେ ସମୟ ଆସିଛି, ସେମାନଙ୍କର ରାଜକୀୟ ଠାଣି ଏବଂ ନେତା ହେବାର ଅହମିକା ଧୀରେ ଧୀରେ ମାଟିରେ ମିଳାଇ ଯିବ। ସେ ସୁଦିନ ଖୁବ୍ ଶୀଘ୍ର ଆସୁଛି।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ: ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୧୯



# ୱାଶିଂଟନ୍ ଡିସି ଭ୍ରମଣ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୁନ୍ଦର ଫୁଲଟିଏ ଯେପରି ତାର ରଙ୍ଗ, ରୂପ, ମାଧୂର୍ଯ୍ୟ ଓ ସୁରଭିରେ ଚାରିଦିଗକୁ ମହକାଇ ଦିଏ, ଠିକ୍ ସେପରି ସଂପର୍କର ସୂକ୍ଷ୍ମ ସୁବାସ ବହୁଦିନଯାଏ ହୃଦୟ ଓ ମନକୁ ସୁଗନ୍ଧିତ କରି ରଖିଥାଏ। ୱାଶିଂଟନ ଡିସିରେ ଆମର ଅଳ୍ପ କିଛି ସମୟର ରହଣି ଓ ସେଥିରେ ନିହିତ ଥିବା ସବୁତକ ସରସ ସ୍ମୃତି ସତେଜ ଓ ଜୀବନ୍ତ ରହିଥିବ ଚିରକାଳ। ପ୍ରଣତି ଖୁବ୍ ଭଲ ଗୀତ ଗାଆନ୍ତି। ପିଲାଦିନୁଁ ପାଠପଢା ସହ ସେ ସଂଗୀତ ଶିକ୍ଷା କରୁଥିଲେ ଏବଂ ବିଭିନ୍ନ ଚାନେଲରେ ସଂଗୀତ ସଭାରେ ଗୀତ ଗାଉଥିଲେ। ତାଙ୍କ ସ୍ୱର ଭାରି ମିଠା ଏବଂ ସେ ଗୀତ ଗାଇବାର ଅଭ୍ୟାସ ଏବେ ମଧ୍ୟ ଜାରି ରଖିଛନ୍ତି। ସବୁ କାମ ସରିଲା ପରେ ସେ ହାରମୋନିୟମ ଧରି ବସିଯା'ନ୍ତି ଓ ଆମକୁ ଲଳିତ ସ୍ୱରରେ ଜଗନ୍ନାଥଙ୍କର ଭଜନ ଶୁଣାନ୍ତି। ତାଙ୍କ ଗଳାରେ ଭକ୍ତର ଅଭିମାନ ଭରା ଭକ୍ତିଗୀତ ଖୁବ୍ ଭାବପୂର୍ଣ୍ଣ ହୋଇଥାଏ ଏବଂ ସେଇ ସଙ୍ଗୀତ ହୃଦୟକୁ ସ୍ପର୍ଶ କରିଥାଏ। ଏହାଛଡା ହିନ୍ଦୀ ଗୀତ ଓ ଆଧୁନିକ ଗୀତ ମଧ୍ୟ ସେ ଖୁବ୍ ଭଲ ଭାବରେ ଗାଆନ୍ତି। ତାଙ୍କ ଘରେ ଥିବାବେଳେ ୱାଶିଂଟନର ଆଉ କିଛି ସ୍ଥାନ ବୁଲିବାର ପ୍ଲାନ କଲୁ।

ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଧାନ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରୁ ଅନ୍ୟତମ ସ୍ଥାନ ହେଉଛି ୟୁନାଇଟେଡ ଷ୍ଟେଟସ୍ କ୍ୟାପିଟଲ, ୨୦୯ ଏକର ପାର୍କ ଭିତରେ ଥିବା କ୍ୟାପିଟଲ ହଲ ଉପରେ ଏହା ଗଢା ହୋଇଛି, ଯାହାର ଉଚ୍ଚତା ହେଉଛି ୭୬ ଫୁଟ, ଓସାର ୩୫୦ଫୁଟ ଏବଂ ଏହା ଭିତରେ ରହିଛି ୫୪୦ଟି କୋଠରୀ। ଏହାର ସବା ଉପରେ ଥିବା ଗଂବୁଜ ଉପରେ ୧୯.୫ ଫୁଟ ଉଚ୍ଚ ଫ୍ରିଡମର ବ୍ରୋଂଜ ମୂର୍ତ୍ତିଟିଏ ଅଛି। ଏସବୁ ଏତେ ସୁନ୍ଦର ଦେଖିବାକୁ ଯେ, ଏହାର ତୁଳନା ନାହିଁ। ଭାରତର ପାର୍ଲିଆମେଣ୍ଟ ଭବନର ରାଜ୍ୟସଭା ଓ ଲୋକସଭା ଭଳି ଏହାର ଦୁଇଟି ଭାଗ ସିନେଟ ଓ କଂଗ୍ରେସ ଏବଂ ଏହାର ଉପର ମହଲାରେ ଆମେରିକାର ସମ୍ବିଧାନର କାଗଜ ପତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବ୍ରୋଂଜ ଓ ମାର୍ବଲର ପ୍ରତିମୂର୍ତ୍ତି ରହିଛି। କ୍ୟାପିଟଲ ସମ୍ମୁଖରେ ଲାଇବ୍ରେରୀ ଅଫ୍ କଂଗ୍ରେସ, ଯେଉଁଥିରେ ଅଛି ଜେଫରସନ୍ ବିଲଡିଂ, ଜନ୍ ଆଡାମସ୍ ବିଲଡିଂ ଓ ଜେମସ୍ ମ୍ୟାଡିସନ୍ ମେମୋରିଆଲ ବିଲଡିଂ। ଲାଇବ୍ରେରୀ ଅଫ୍ କଂଗ୍ରେସ ଡାହାଣ ପଟକୁ ରହିଛି ସୁପ୍ରିମକୋର୍ଟ ବିଲଡିଂ।

ତାପରର ଦର୍ଶନୀୟ ସ୍ଥାନ ହେଉଛି ଜେଫରସନ ମେମୋରିଆଲ୍ ଯାହାଙ୍କର ପ୍ରତିମୂର୍ତ୍ତି ଓ ପ୍ରସିଦ୍ଧ ଲେଖାର କିଛି ଅଂଶ କାନ୍ଥରେ ଖୋଦେଇ କରାଯାଇଛି। ତାପରେ ଗଲୁ ଲିଙ୍କନ ମେମୋରିଆଲ, ଯାହା ଆମେରିକାର ପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ସ୍ମୃତିରେ ତିଆରି ହୋଇଛି। ଏଠି ତାଙ୍କର ଖୁବ୍ ବଡ ପ୍ରତିମୂର୍ତ୍ତି ଅଛି। ଏହା ସହ କାନ୍ଥରେ "ଡେମୋକ୍ରାସି ଅଫ୍ ଦି ପିପଲ ଫର ଦି ପିପଲ" ଲେଖାହେବା ସହ ତାଙ୍କର ବହୁ ପ୍ରସିଦ୍ଧ ଭାଷଣର କିଛି ଅଂଶ ଖୋଦେଇ ମଧ୍ୟ କରାଯାଇଛି। ଏହି ମେମୋରିଆଲ୍ ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କରାଯାଇଛି ଯେଉଁଠାରୁ ୱାଶିଂଟନ ଡିସି ଖୁବ୍ ସୁନ୍ଦର ଲାଗେ। ଏହା ପାଖରେ ଅଛି ଭିଏତନାମ ଭେଟେରାନ ମେମୋରିଆଲ ଭିଏତନାମରେ ପ୍ରାଣବଳି ଦେଇଥିବା ସୈନ୍ୟମାନଙ୍କ ସ୍ମୃତିରେ ତିଆରି ଏଇ ମେମୋରିଆଲ। ଏହା ଚକ୍ ଚକ୍ କଳା ଗ୍ରାନାଇଟ୍‌ରେ ତିଆରି 'ଭି' ଭଳି କାନ୍ଥଟିଏ। ଆଶ୍ଚର୍ଯ୍ୟ କଥା ଏତେ ସୁନ୍ଦର ଗ୍ରାନାଇଟ୍ ପଥର ଭାରତ ବର୍ଷରୁହିଁ ନିଆଯାଇ ତିଆରି କରାଯାଇଥିଲା। ସେ ଗ୍ରାନାଇଟ୍‌ରେ ଖୋଦେଇ ହୋଇଥିଲା ଖୁବ୍ ଅଳ୍ପ ବୟସରେ ପ୍ରାଣବଳି ଦେଇଥିବା ଭିଏତନାମ ସୈନ୍ୟମାନଙ୍କ ନାଁ।

"ସ୍ମିଥ ସୋନିଆନ୍ ମ୍ୟୁଜିୟମ ବା ଇନ୍‌ଷ୍ଟିଚ୍ୟୁଟ" ବଡ ଆଶ୍ଚର୍ଯ୍ୟ ଭାବରେ ତିଆରି ହୋଇଥିଲା। ବ୍ରିଟିଶର ଧନୀ ବୈଜ୍ଞାନିକ "ସ୍ମିଥ୍ ସନ" ତାଙ୍କର ସମସ୍ତ ସମ୍ପତ୍ତି ଆମେରିକାକୁ ଦାନ କରି ତାଙ୍କ ଉଇଲରେ ଲେଖିଥିଲେ କି "ସ୍ମିଥ୍ ସୋନିଆନ୍ ଇନ୍‌ଷ୍ଟିଚ୍ୟୁଟ" ନାମରେ ୱାଶିଂଟନରେ ଏଭଳି ଏକ ଅନୁଷ୍ଠାନ ପ୍ରତିଷ୍ଠା କରାଯିବ, ଯାହାକି ଜ୍ଞାନ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଜେମସ୍ ସ୍ମିଥସନ୍ ନିଜର ଜୀବନ କାଳ ଭିତରେ ଆମେରିକାରେ ପାଦ ଦେଇପାରିନଥିଲେ, କିନ୍ତୁ ୧୯୦୪ ମସିହାରେ ଜେନେଭାର ଏକ ଅନାମଧେୟ ସ୍ଥାନରୁ ତାଙ୍କର କବର ଅଣାଯାଇ ସ୍ମିଥ ସୋନିଆନ୍ ଇନ୍‌ଷ୍ଟିଚ୍ୟୁଟ ବିଲଡିଂ ଭିତରେ ରଖାଯାଇଛି।

ସ୍ମିଥ୍ ସୋନିଆନ୍ ଇନ୍‌ଷ୍ଟିଚ୍ୟୁଟରେ ୧୩ଟି ମ୍ୟୁଜିୟମ ଓ ଚିଡିଆଘର ଅଛି। ଏଥିରୁ ୯ଟି ମ୍ୟୁଜିୟମ ନ୍ୟାସନାଲମଲର ଉଭୟ ପାର୍ଶ୍ୱରେ ଅବସ୍ଥିତ। ଏଗୁଡିକ ହେଲା- ସ୍ମିଥ୍ ସୋନିଆନ୍ ଇନ୍‌ଷ୍ଟିଚ୍ୟୁଟ ବିଲଡିଂ, ଫ୍ରିଅର ଗ୍ୟାଲେରୀ ଅଫ୍ ଆର୍ଟ, ସ୍କଲପ୍‌ଚର ଗାର୍ଡେନ, ଦି ନ୍ୟାସନାଲ ଏଆର ଏବଂ ସ୍ପେସ୍ ମ୍ୟୁଜିୟମ, ଆର୍ଥର ସାକ ଲର ଗ୍ୟାଲେରୀ, ନ୍ୟାସନାଲ ଗ୍ୟାଲେରୀ ଅଫ୍ ଆଫ୍ରୀକାନ୍ ଆର୍ଟ, ଦି ଆର୍ଟସ ଆଣ୍ଡ ଇଣ୍ଡଷ୍ଟ୍ରିଓ ବିଲଡିଂ, ନ୍ୟାସନାଲ ମ୍ୟୁଜିୟମ ଅଫ୍ ନ୍ୟାଚୁରାଲ ହିଷ୍ଟ୍ରି। ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମର ଗୋଟିଏ ହଲରେ ଖୁବ୍ ବଡ ଡାଇନୋସର ଓ ତାର ବିରାଟ କଙ୍କାଳ ଦେଖିଲୁ। ଉପର ହଲରେ ବହୁ ମୂଲ୍ୟବାନ୍ ପଥର ଭିତରେ ନୀଳରଙ୍ଗର ହୀରା ଯାହାର ନାଁ 'ହୋପ୍ ଡାଏମଣ୍ଡ' ତାକୁଦେଖିବାର ସୌଭାଗ୍ୟ ପାଇଲୁ।

ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ଆର୍ଟରେ ବିଭିନ୍ନ ଶିଳ୍ପୀଙ୍କର କଳାକୃତି ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଗଲୁ। ବିଶେଷ ଭାବରେ ପୃଥିବୀ ପ୍ରସିଦ୍ଧ ଚିତ୍ରକର ଲିଓନାର୍ଡୋ ଦି ଭିନ୍‌ସିଙ୍କର 'ମୋନାଲିସା' ର ପେଣ୍ଟିଂ ଆମକୁ ମୁଗ୍ଧ ଓ ଚକିତ କରି ଦେଇଥିଲା। ଏ କ'ଣ ସେଇ ପେଣ୍ଟିଂ ଯେଉଁଥିରେ ମୋନାଲିସାଙ୍କର ରହସ୍ୟମୟ ହସର ରହସ୍ୟ ଖୋଜୁ ଖୋଜୁ ଶହ ଶହ ବୈଜ୍ଞାନିକ ତାଙ୍କର ମୂଲ୍ୟବାନ୍ ସମୟକୁ ହଜାଇ ଦେଇଛନ୍ତି!! କୁହାଯାଏ ଏବେ ମଧ୍ୟ ଲିଓନାର୍ଡୋ ଦି ଭିନ୍‌ସିଙ୍କୁ ପୃଥିବୀର ଶ୍ରେଷ୍ଠ ନାଗରିକମାନଙ୍କ ମଧ୍ୟରୁ ଜଣେ ବୋଲି ଗଣନା କରାଯାଏ। ସେ ଏକାଧାରାରେ ଜଣେ ବୈଜ୍ଞାନିକ, ଲେଖକ, ଚିତ୍ରକର ଓ ଶରୀର ବିଦ୍ୟା ବିଶାରଦ ଥିଲେ, ଯିଏ ଏକାଥରକେ ଦୁଇହାତରେ ଲେଖିପାରୁଥିଲେ ଏବଂ ଗୋଟିଏ ହାତରେ ଲେଖୁଲେଖୁ ଆର ହାତରେ ଚିତ୍ର ମଧ୍ୟ ଆଙ୍କି ପାରୁଥିଲେ। ଶୁଣାଯାଏ ଯେ, ମୋନାଲିସାର ରହସ୍ୟମୟ ହସ ଆଙ୍କିବାକୁ ତାଙ୍କୁ ବାରବର୍ଷ ସମୟ ଲାଗିଥିଲା। ଏବେ ମଧ୍ୟ ମୋନାଲିସାଙ୍କର ଅତୁଳନୀୟ ସ୍ନିଗ୍ଧ ସୌନ୍ଦର୍ଯ୍ୟ ତଥା ଓଠର ଉପକୂଳରେ ଲାଖି ରହିଥିବା ସ୍ମିତ ହସ ତାଙ୍କୁ ବିଶ୍ୱର ସବୁଠାରୁ ଲାବଣ୍ୟମୟୀ ନାରୀ, ତଥା ତାଙ୍କର ଚିତ୍ର "ଶ୍ରେଷ୍ଠ ପେଣ୍ଟିଂ" ଭାବରେ ପରିଗଣିତ ହେଉଛି।

(କ୍ରମଶଃ)

## ସ୍ମରଣୀୟେଷୁ...

# ଜନ ଗଣ ମନର ସଙ୍ଗୀତକାର

ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହ ପ୍ରାୟ ସମସ୍ତେ ପରିଚିତ। ଏହାର ରଚୟିତା କବିଗୁରୁ ରବିନ୍ଦ୍ରନାଥ ଠାକୁର ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଯାହାର ସ୍ୱରର ଝଙ୍କାର ଏହି ସଂଗୀତଟିକୁ କୋଟି କୋଟି ଲୋକଙ୍କ ମନକୁ ବାନ୍ଧିରଖିଲା ସେହି ଅଳ୍ପ ପରିଚିତ, ଅଳ୍ପ ଆଲୋଚିତ ବ୍ୟକ୍ତିତ୍ୱ ହେଲେ କ୍ୟାପଟେନ ରାମସିଂହ ଠାକୁର। ୨୦୦୨ ପର୍ଯ୍ୟନ୍ତ ବଞ୍ଚିରହିଥିବା ଏହି ସଂଗୀତକାରଙ୍କୁ ଦେଶ ଯେତିକି ସମ୍ମାନ ଦେବା କଥା ତାହା ସମ୍ଭବ ହୋଇନାହିଁ। ଜନଗଣମନର ଗୀତିକାରଙ୍କୁ ଯେତେ ଲୋକେ ଜାଣନ୍ତି ଏହାର ସଂଗୀତକାରଙ୍କୁ ସେତିକି ଜାଣନ୍ତି ନାହିଁ। ଏହା ହେଉଛି ଅବହେଳିତ ପ୍ରତିଭାର ପ୍ରମାଣ।



ସଂଗୀତକାର କ୍ୟାପଟେନ ରାମସିଂହ ଠାକୁର

ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲା ଅନ୍ତର୍ଗତ ଧର୍ମଶାଳା ବ୍ଲକର ଖନିଆରା ଗ୍ରାମରେ ଦିଲିପ ସିଂହଙ୍କ ପୁତ୍ରଭାବେ ୧୫ ଅଗଷ୍ଟ ୧୯୧୪ରେ ତାଙ୍କର ଜନ୍ମ। ସେ ପ୍ରଥମେ ୨୧ଗୋର୍ଖା ରାଇଫଲ, ପରେ ଆଜାଦ ହିନ୍ଦ ଫୌଜ ଏବଂ ଶେଷରେ ଉତ୍ତର ପ୍ରଦେଶ ପୋଲିସ ବାହିନୀର ବ୍ୟାଣ୍ଡମାଷ୍ଟର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଜୀବନ ଥିଲା ରାଷ୍ଟ୍ରଭକ୍ତି ଗୀତ ପ୍ରତି ସମର୍ପିତ। ତାଙ୍କ ପିତା ଦିଲିପ ସିଂହ ଥିଲେ ଜଣେ ପୋଲିସ ହାବିଲଦାର। ୧୯୨୨ରେ ରାମସିଂହ ସ୍କୁଲ ଶିକ୍ଷା ପରେ ଧର୍ମଶାଳାସ୍ଥିତ କ୍ୟାଣ୍ଟନମେଣ୍ଟର ବ୍ୟାଣ୍ଡବାଦକ ଦଳରେ ଯୋଗ ଦେଇଥିଲେ। ତାଙ୍କ ପିତାମହ ଜମନୀ ଋନ୍ଦ ଏବଂ ଅଜା ନଥୁ ଋନ୍ଦଙ୍କ ଦ୍ୱାରା ସେ ଅଧିକ ପ୍ରଭାବିତ ଥିଲେ। ଏହି ଦୁଇଜଣ ତାଙ୍କୁ ସଂଗୀତ ପ୍ରତି ଆକୃଷ୍ଟ କରାଇଥିଲେ। ତାଙ୍କ ପିତାମହ ଯମନୀ ଋନ୍ଦ ଉତ୍ତରାଖଣ୍ଡର ପିଥୋରାଗଡ ଜିଲ୍ଲାର ମୁନାକୋଟ ଗ୍ରାମରୁ ହିମାଚଳ ପ୍ରଦେଶକୁ ପୂର୍ବରୁ ଋଲିଯାଇ ବସବାସ କରୁଥିଲେ। ସେ ପାଶ୍ଚାତ୍ୟ, ଶାସ୍ତ୍ରୀୟ ସଂଗୀତ ସମେତ ବାଲାଡ ମଧ ଶିକ୍ଷା କରିଥିଲେ। ବ୍ରିଟିସ୍ ବାଦ୍ୟକାର ହଡସନ ଏବଂ ଡାନିସଙ୍କ ଠାରୁ ସେ ବ୍ରାସ, ବ୍ୟାଣ୍ଡ ଏବଂ ନୃତ୍ୟଶିକ୍ଷା କରିଥିଲେ। କ୍ୟାପଟେନ ରୋଜ ତାଙ୍କୁ ଭାଓଲିନ ଶିଖାଇଥିଲେ। ଆଜିକାଲି ପାକିସ୍ଥାନରେ ଥିବା ଖାଇବର ପାଖତୁନଖ୍ୱାଠାରେ ୧୯୩୭-୩୯ରେ ଋଲିଥିବା ଯୁଦ୍ଧରେ ସେ ବୀରତ୍ୱର ପରିଚୟ ଦେଇଥିବା ହେତୁ ତାଙ୍କୁ କମ୍ପାନୀ ହାବିଲଦାରରୁ ମେଜର ପଦବୀକୁ ପଦୋନ୍ନତି ମିଳିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ୧୫ ଫେବୃଆରୀ ୧୯୪୨ରେ ବ୍ରିଟିସ ସେନା ଜାପାନୀ ଜେନେରାଲ ଫୁଜିଆରାଙ୍କ ଦ୍ୱାରା ପରାସ୍ତ ହୋଇ ଆତ୍ମସମର୍ପଣ କରିଥିଲେ। ସିଙ୍ଗାପୁରର ପତନ ପରେ ଏହି ୬୦୦୦ ଯୁଦ୍ଧବନ୍ଦୀଙ୍କୁ ୧୪ ପଞ୍ଜାବ ରେଜିମେଣ୍ଟର ଜେନେରାଲ ମୋହନ ସିଂହଙ୍କୁ ଫୁଜିଆରା ହସ୍ତାନ୍ତରିତ କରିଥିଲେ। ଏହି ସେନାମାନଙ୍କୁ ନେଇ ୨୧ ଅକ୍ଟୋବର ୧୯୪୩ରେ ଆଜାଦ ହିନ୍ଦ୍ ଫୌଜ ଗଠିତ ହୋଇଥିଲା। ତେବେ ୩ ଜୁଲାଇ ୧୯୪୩ରେ ନେତାଜୀ ଏହି ସେନାବାହିନୀର ଦାୟିତ୍ୱ ଗ୍ରହଣ କରିଥିଲେ। ନେତାଜୀଙ୍କ ନେତୃତ୍ୱରେ ଏହି ସେନାଙ୍କ ମଧ୍ୟରେ ରାମସିଂହ ରହିଥିଲେ। ନେତାଜୀ ରାମସିଂହଙ୍କ ପ୍ରତିଭାକୁ ଚିହ୍ନିପାରିଥିଲେ। ତେଣୁ ସେ ତାଙ୍କୁ ସଂଗୀତ ନିର୍ଦ୍ଦେଶନା ଦେବାକୁ ଉତ୍ସାହିତ କରିଥିଲେ। ନେତାଜୀଙ୍କ ଅନୁରୋଧ କ୍ରମେ ରାମସିଂହ ଆଜାଦ ହିନ୍ଦ ଫୌଜ ପାଇଁ "କଦମ୍ କଦମ୍ ବଢାୟେ ଯା" ପରି ପରେଡ ସଂଗୀତର ସୁର ଦେଇଥିଲେ। ଆଜାଦ ହିନ୍ଦର ରାଣୀ ଝାନ୍‌ସୀ ରେଜିମେଣ୍ଟର ପରେଡ ସଂଗୀତ "ହମ୍ ଭାରତ କୀ ଲଡକୀ ହେଁ" ଗୀତଟିକୁ ରାମସିଂହ ଲେଖିଥିଲେ। ଏହାପରେ ଆଜାଦ ହିନ୍ଦ୍‌ର ଜାତୀୟ ସଂଗୀତ "ଶୁଭ ସୁଖ ଚୈନ କେ" ଗୀତର ସ୍ୱର ଦେଇଥିଲେ। ୩୧ ଅକ୍ଟୋବର ୧୯୪୩ରେ ସିଙ୍ଗାପୁରର କ୍ୟାଥି ବିଲଡିଂଠାରେ ପ୍ରଥମକରି ଶୁଭସୁଖ ଚୈନ କେ ଗାଥା, ଭାରତ ଭାଗ୍ୟ ଜାଗା" ଗାନ କରାଯାଇଥିଲା। ରାମସିଂହଙ୍କ ରାଷ୍ଟ୍ରଭକ୍ତିମୂଳକ ସଂଗୀତ ଶୁଣି ନେତାଜୀ ଖୁବ୍ ପ୍ରଭାବିତ ହୋଇ ତାଙ୍କୁ ୧୯୪୪ରେ ସ୍ୱର୍ଣ୍ଣପଦକ ଦ୍ୱାରା ସମ୍ମାନିତ କରିଥିଲେ। ନେତାଜୀ ତାଙ୍କୁ ଏକ ଜର୍ମାନୀ ନିର୍ମିତ ଭାଓଲିନ ଏବଂ ସାକ୍ସୋଫୋନ ପ୍ରଦାନ କରିଥିଲେ। ୨୩ ଜାନୁଆରୀ ୧୯୪୮ରେ ଜେନେରାଲ ଲୋକାନନ୍ଦ ରେଙ୍ଗୁନଠାରେ ନେତାଜୀଙ୍କ ସ୍ୱର୍ଣ୍ଣ ପଦକଟିକୁ ଆନୁଷ୍ଠାନିକ ଭାବେ ରାମସିଂହଙ୍କୁ ପ୍ରଦାନ କରିଥିଲେ।

ତତ୍‌କାଳୀନ ବର୍ମାର ରେଙ୍ଗୁନଠାରେ ଆଜାଦ ହିନ୍ଦ୍ ଫୌଜ ବ୍ରିଟେନ ସେନାଙ୍କ ଦ୍ୱାରା ପରାସ୍ତ ହେବା ପରେ ଯବାନମାନଙ୍କୁ ଦିଲ୍ଲୀ କ୍ୟାଣ୍ଟନମେଣ୍ଟକୁ ଅଣାଯାଇ ବନ୍ଦୀ ଭାବେ ରଖାଯାଇଥିଲା। ପରେ ଲାଲକିଲ୍ଲାଠାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଉତ୍ସବରେ ଜାତୀୟ ସଂଗୀତ ପରିବେଷଣ ପାଇଁ ରାମସିଂହଙ୍କ ଦଳକୁ ନିମନ୍ତ୍ରଣ କରାଯାଇ ଥିଲା। ତେବେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିଲାବେଳେ କାବୁଲ ଲାଇନଠାରେ ମହାତ୍ମା ଗାନ୍ଧିଙ୍କ ଉପସ୍ଥିତିରେ ଆଜାଦ ହିନ୍ଦ ଫୌଜ ବାହିନୀ ସଂଗୀତ ପରିବେଷଣ କରିଥିଲେ। ୧୯୪୫ରେ କ୍ୟାପଟେନ ରାମସିଂହଙ୍କ ରଚିତ "କଦମ କଦମ୍ ବଢାଏ ଯା" ଗୀତକୁ ବ୍ରିଟିଶ ସରକାର ନିଷେଧ କରିବା ସହ କୋଲକାତାସ୍ଥିତ ବ୍ରିଟିଶ ଗ୍ରାମଫୋନ କମ୍ପାନୀରେ ଗୀତର ରେକର୍ଡିଂକୁ ନିଷେଧ କରିଥିଲେ। କିନ୍ତୁ ୨୯ଅଗଷ୍ଟ ୧୯୪୭ରେ ସ୍ୱାଧୀନତା ପରେ ନିଷେଧାଦେଶ ଉଠାଇ ନିଆଯାଇଥିଲା। ୧୬ଅଗଷ୍ଟ ୧୯୪୭ରେ ଲାଲକିଲ୍ଲାରେ ଆୟୋଜିତ ପତାକା ଉତ୍ତୋଳନ ଉତ୍ସବକୁ ରାମସିଂହଙ୍କୁ ନିମନ୍ତିତ କରାଯାଇଥିଲା। ସେଠାରେ ତାଙ୍କ ଦଳ ଆଜାଦ ହିନ୍ଦ ଫୌଜର ଗୀତ ପରିବେଷଣ କରିଥିଲେ। ପରବର୍ତ୍ତୀ ସମୟରେ କ୍ୟାପଟେନ ରାମସିଂହଙ୍କ ନେତୃତ୍ୱରେ ଏକ ବାଦ୍ୟଦଳ ଗଠିତ ହୋଇଥିଲା। ଯେଉଁଥିରେ ଗଣେଶ ବାହାଦୂର, ଗୁଲାବ ସିଂହ ଥାପା, ଅବତାର ସିଂହ, ରାମସରଣ, ନରବାହାଦୂର ଥାପା ପ୍ରମୁଖ ରହିଥିଲେ। ସର୍ଦ୍ଦାର ପଟେଲ ବାଦ୍ୟଯନ୍ତ୍ର କ୍ରୟ ପାଇଁ ରାମସିଂହଙ୍କୁ ପାଞ୍ଚହଜାର ଟଙ୍କା ପ୍ରଦାନ କରିଥିଲେ। ରାମସିଂହଙ୍କ ଦଳ ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ରାଷ୍ଟ୍ରଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଜନଗଣମନକୁ ଛାଡି "ସାରେ ଜହାଁସେ ଆଛା" ପରି ଗୀତର ସ୍ୱର ଦେବା ସହ ରାମ ସିଂହ ନିଜେ ୩୦ଟି ଗୀତ ରଚନା ମଧ କରିଥିଲେ। ବିମଳ ରାୟଙ୍କ ଚଳଚ୍ଚିତ୍ର "ସିପାହୀ କା ସପନା" ଏବଂ ଶ୍ୟାମ ବେନଗଲଙ୍କ "ଦି ଫରଗଟନ ହିରୋ"ରେ ତାଙ୍କର ସଙ୍ଗୀତ ରହିଛି। ଦୂରଦର୍ଶନ, ଅଲ ଇଣ୍ଡିଆ ରେଡିଓ (ଲକ୍ଷ୍ନୌ) ପାଇଁ ସେ ଅନେକ ସଙ୍ଗୀତ ପ୍ରସ୍ତୁତ କରିଥିଲେ। ନେତାଜୀଙ୍କ ଆଗ୍ରହ କ୍ରମେ ସେ ଏକ ସପ୍ତାହ ମଧ୍ୟରେ ଜନଗଣମନର ସହଜ ସରଳ ସଂଗୀତ ପ୍ରସ୍ତୁତ କରିଥିଲେ ଯାହା ଆଜିଯାଏ ସ୍ମରଣୀୟ ହୋଇ ରହିଛି। ଜନ-ଗଣ-ମନ ବ୍ୟତିରେକ ଆଓ ମିଲକର ଗାୟେ ଗୀତ, ଆଓ ଲହରାୟେଁ ତ୍ରିରଙ୍ଗା ପ୍ୟାରା, ଗୟି ରାତ ଆୟା ପ୍ରଭାତ, ନେତାଜୀ କୀ ୟାଦ୍, ଭାରତମାତା ତୁଝକୋ କରୋ ପ୍ରଣାମ, ଇନ୍ହେ ରାହ ଦୋ, ସବସେ ଉଞ୍ଚା ହେ, ହଁସତେ ହଁସତେ ଜୀନା, ନେତାଜୀ କା ଫରମାନ୍, ରାଣୀ ଝାନସୀ ବ୍ରିଗେଡ କେ ଗୀତ, ହମ ମୌତ କୋ ବଢକର ଚୁମେଙ୍ଗେ, ଐସେ ଚଲେଙ୍ଗେ, ଚଲୋ ଦିଲ୍ଲୀ ଚଲେ ଆୟେ ଭାଇ, ଇନ୍‌କିଲାବ ଜିନ୍ଦାବାଦ, ରହ ଜାୟେଗା ଫକଟ, କୌମୀ ତିରଙ୍ଗା ଝଣ୍ଡେ, ଜୀତେ ଦେଶ ହମାରା, ଶେରେ ହିନ୍ଦ, ଆଜାଦ ହି ଜୀୟେଙ୍ଗେ ଆଜାଦ ହି ମରେଙ୍ଗେ, ଦିଲ୍ଲୀ ଚଲୋ, ହିନ୍ଦ ସିପାହୀ, ନେତାଜୀ କା ସପନା, ଓ ସାନେ ହିନ୍ଦ ଆଗୟେଁ ଆଦିର ସଂଗୀତ ଦେଇଥିଲେ। ତେବେ ଏକଦା ଏକ ଅଦାଲତ ତାଙ୍କ ରାୟରେ ସେ ଜନ-ଗଣ-ମନର ସଙ୍ଗୀତକାର ନଥିଲେ ବୋଲି କହିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀ ନଥିବା ନେଇ ସରକାର କହିଥିଲେ। ପରେ ଉତ୍ତର ପ୍ରଦେଶ ସରକାର ତାଙ୍କ ପ୍ରାପ୍ୟ ଅର୍ଥକୁ ଅଟକାଇ ରଖିବା ପରେ ଅଦାଲତରେ ମାମଲା ଉଠିଥିଲା। ଆଲ୍ଲାବାଦ ହାଇକୋର୍ଟ ରାଜ୍ୟ ସରକାରଙ୍କ ଭୂମିକାକୁ ନାପସନ୍ଦ କରି ସମାଲୋଚନା କରିଥିଲେ। ୨୨ ମାର୍ଚ୍ଚ ୧୯୯୬ରେ ମାସିକ ହଜାରେ ଟଙ୍କା ହିସାବରେ ସରକାର ଦେୟ ପ୍ରଦାନ କରିବାକୁ କହିଥିଲେ।



ଗୀତିକାର ରବିନ୍ଦ୍ରନାଥ ଠାକୁର

ପରେ ତାହା କାର୍ଯ୍ୟକାରୀ ନହେବା ଯୋଗୁ ପୁନର୍ବାର ୧୯ ମଇ ୧୯୯୭ରେ ଅଦାଲତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଥିଲେ।

ରାମସିଂହ ୨୦୦୧ରେ ପକ୍ଷାଘାତ ଆକ୍ରାନ୍ତ ହୋଇଥିଲେ। ୧୫ ଏପ୍ରିଲ ୨୦୦୨ରେ ୮୭ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ଉତ୍ତର ପ୍ରଦେଶର ଭୈସାକୁଣ୍ଡଠାରେ ସମ୍ମାନର ସହ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ରାମସିଂହ ତାଙ୍କ ଦକ୍ଷତା ପାଇଁ ଷଷ୍ଠ ଜର୍ଜ ମେଡାଲ (୧୯୩୭), ନେତାଜୀ ସ୍ୱର୍ଣ୍ଣପଦକ (୧୯୪୩), ପ୍ରଥମ ରାଜ୍ୟପାଳ ସ୍ୱର୍ଣ୍ଣପଦକ (୧୯୫୬), ରାଷ୍ଟ୍ରପତି ପୋଲିସ ମେଡାଲ (୧୯୭୨), ଉତ୍ତର ପ୍ରଦେଶ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର (୧୯୭୯), ସିକିମ୍ ସରକାର ମିତ୍ରସେନ ପୁରସ୍କାର (୧୯୯୩), ପ୍ରଥମ ଆଜାଦ ହିନ୍ଦ୍ ଫୌଜ ପୁରସ୍କାର (୧୯୯୬) ଆଦି ଲାଭ କରିଥିଲେ। ୧୯୪୮ରେ ଉତ୍ତର ପ୍ରଦେଶ ସଶସ୍ତ୍ର ପୋଲିସ ସେବା ଦଳରେ ସେ ଜଣେ ଡିଏସପି ଭାବେ ଯୋଗଦେଇ ୧୯୭୪ରେ ଅବସର ନେଇଥିଲେ। ତାଙ୍କ ଜୀବନ ବ୍ୟାପି ସାଧନା ପାଇଁ ଉତ୍ତର ପ୍ରଦେଶ ସରକାର ତାଙ୍କୁ ପୁରସ୍କାର ଦେଇ ସମ୍ମାନିତ କରିଥିଲେ। ରମେଶ ଏବଂ ଉଦୟ ଶଙ୍କର ଠାକୁର ନାମରେ ତାଙ୍କର ଦୁଇପୁତ୍ର ଓ ପତ୍ନୀ ପ୍ରେମୁ ଠାକୁର ରହିଛନ୍ତି।

ଜନ-ଗଣ-ମନ ସଙ୍ଗୀତ ଗାନ ସମୟରେ କେଉଁଠି କେବେ ଗୀତିକାର ଓ ସଂଗୀତକାରଙ୍କ ବିଷୟରେ କେହି ଆଲୋଚନା କରନ୍ତି ନାହିଁ। ଜାତୀୟ ସଂଗୀତ ଘୋଷଣା ପରେ ଏହାକୁ ଯେମିତି ଜାତୀୟ ସଂପତ୍ତି ମନେକରି ଏହାର ଦୁଇ ସ୍ରଷ୍ଟାଙ୍କ ବିଷୟରେ ଆଲୋଚନା କରାଯାଉନାହିଁ ତାହା ନିରାଶାଜନକ। ଅନ୍ୟ ସମସ୍ତ ସଂଗୀତ ଗାନ ପରି ଜାତୀୟ ସଂଗୀତ ଗାନ ପୂର୍ବରୁ ଏହାର ଗୀତିକାର ଏବଂ ସଙ୍ଗୀତକାରଙ୍କ ସଂପର୍କରେ ସଂକ୍ଷେପରେ ଆଲୋଚନା ହେଲେ ତଥ୍ୟ ଓ ସତ୍ୟକୁ ଜାଣିବା ସମସ୍ତଙ୍କ ପାଇଁ ସୁବିଧାଜନକ ହେବ ବୋଲି ଆମର ମତ।

ଆଲେଖ୍ୟ: ସୌମେନ୍ଦ୍ର ଜେନା
♥ ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# ପ୍ରଥମାଷ୍ଟମୀରେ ଶ୍ରୀମନ୍ଦିରରେ ବିଶେଷ ନୀତି

ପୁରୀ,୨୭/୧୧ (ନି.ପ୍ର): ପାରମ୍ପରିକ ବିଧିବିଧାନ ଅନୁଯାୟୀ ଆଜି ପ୍ରଥମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ସଂପନ୍ନ ହୋଇଛି । ଆଜି ସକାଳ ୬ଟା୧୫ରେ ଶ୍ରୀମନ୍ଦିରର ଦ୍ୱାର ଫିଟିଥିଲା। ଭିତରଶୋଧ, ମଇଲମ୍, ତଡ଼ପଲାଗି ଆଦି ନୀତି ପରେ ସକାଳ ୭ଟା୪୫ରୁ ୮ଟା ୫ ମଧ୍ୟରେ ମହାପ୍ରଭୁଙ୍କର ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଅନ୍ୟ ପାରମ୍ପରିକ ନୀତି ପରେ ମହାପ୍ରଭୁଙ୍କ ସକାଳଧୂପ ୧୧ଟା ୩୫ ସୁଦ୍ଧା ଶେଷ ହୋଇଥିଲା। ଦିନ ଗୋଟାଏ ୫୦ରୁ ଅପରାହ୍ନ ୨ମଧ୍ୟରେ ଶେଷ ହୋଇଥିଲା ଭୋଗମଣ୍ଡପ। ଭୋଗମଣ୍ଡ ବଢିବା ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବେଶ ଆରମ୍ଭ ହୋଇଥିଲା। ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ଭୋଗମଣ୍ଡପ ଶେଷ ହେବା ପରେ ତିନିବାଡରେ ମଇଲମ କରାଯାଇଥିଲା । ପୂଜାପଣ୍ଡା ତିନିବାଡରେ ମହାସ୍ନାନ ବଢାଇଥିଲେ । ମହାସ୍ନାନ ପରେ ପୁଷ୍ପାଳକ ସେବକଙ୍କ ଦ୍ୱାରା ନୂଆଲୁଗା ଲାଗି କରାଯାଇଥିଲା । ପୂଜାପଣ୍ଡା, ପତି ଓ ମୁଦିରସ୍ତ ଘଟୁଆରୀ ଘରୁ ଚନ୍ଦନ ବିଜେ କରାଇ ଆଣି ତିନିବାଡରେ ଲାଗି କରିଥିଲେ । ଏହାପରେ ଠାକୁରମାନଙ୍କୁ ବେଶ କରାଯାଇ କର୍ପୁର ଲାଗି କରାଯାଇଥିଲା । ଶୁଦ୍ଧସୁଆର ପୂଜାଠା କରିବା ପରେ ପୂଜାପଣ୍ଡା, ପତି ଓ ମୁଦିରସ୍ତ ବରୁଣ ପୂଜା କରିଥିଲେ । ପ୍ରଥମାଷ୍ଟମୀ ଉପଲକ୍ଷେ ଠାକୁରମାନେ ତଢାଉଲାଗି ହୋଇଥିଲେ । ମଧ୍ୟାହ୍ନ ଧୂପ ଉଠିସାରିବା ପରେ ତିନିବାଡରେ ମଙ୍ଗଳାର୍ପଣ କରାଯିବା ସହ ଫୁଲ ପୁରିଆ ଖଦୀ ଓ ଛେଦା, ପ୍ରସାଦ ଲାଗି ଏବଂ ବନ୍ଦାପନା କରାଯାଇଥିଲା ।

# ଅବକାରୀ ବିଭାଗ ର ମିଳିତ ଚଢ଼ାଉ : ବିପୁଳ ପରିମାଣ ରେ ହୁଳୀ ମଦ ଓ ପଚ ଜବଦ



ନୀଳଗିରି, ୨୭/୧୧ (ନି.ପ୍ର): ନୀଳଗିରି ଓ ଖଇରା ଅବକାରୀ ବିଭାଗ ର ମିଳିତ ଚଢ଼ାଉ ରେ ବିପୁଳ ପରିମାଣର ମହୁଲି ମଦ ସହ ପଚ ଜବଦ ହୋଇଛି।ସୂଚନା ଅନୁଯାଇ ବରହମପୁର ଥାନା ଅଧିନସ୍ଥ ଛତ୍ରପୁର ପଞ୍ଚୟତ ର ବାର୍ହାଖେଦା ଜଙ୍ଗଲ ରେ ଚଢ଼ାଉ କରି ୩୫୦୦ ଲିଟର ପଚ ଏବଂ ୩୦୦ ଲିଟର ମହୁଲି ମଦ ଜବଦ କରିଥିବା ବେଳେ ଅଭିଯୁକ୍ତ ଜଣଙ୍କ ଘଟଣା ସ୍ଥଳରୁ ଫେରାର ହେବା ରେ ସକ୍ଷମ ହୋଇ ଥିବା ଜଣା ପଡ଼ିଛି। ସମସ୍ତ ପଚ ଘଟଣା ସ୍ଥଳ ରେ ନଷ୍ଟ କରାଯାଇଥିବା ବେଳେ ମଦ ରନ୍ଧା ସାମଗ୍ରୀ ସହିତ ବଡ ବଡ଼ ବେରେଲ କୁ ଅବକାରୀ ଜବଦ କରିଛି ।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷଭ ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା, ୨୭/୧୧ (ନି.ପ୍ର): ଅଦ୍ୟ ଜିଲ୍ଲାପାଳ ଅଫିସଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଟ୍ରେଡ଼ ୟୁନିୟନ ତରଫରୁ ୧୦ ଦଫା ଦାବୀ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି । ଏହି ଅବସରରେ ଜିଲ୍ଲା ସିଆଇଟିୟୁ ତରଫରୁ ଏକ ପଥପ୍ରାନ୍ତ ସଭା ଓ ବିକ୍ଷୋଭ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଟ୍ରେଡ଼ ୟୁନିୟନ ସଭ୍ୟ ସଭ୍ୟଙ୍କୁ ନେଇ ସନ୍ଧ୍ୟାରଣୀ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଦିଲ୍ଲୀ ଚାଷୀ ଆନ୍ଦୋଳୋନର ବର୍ଷେ ପୂର୍ତ୍ତି ଉପଲକ୍ଷେ ଆନ୍ଦୋଳୋନ କରୁଥିବା ଅବସ୍ଥାରେ ବୀରଗତି ପାଇଥିବା ୭୦୦ ଜଣ କୃଷକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ୧୦ ଦଫା ଦାବୀକୁ ସମର୍ଥନ କରି ଏନଡ଼ିଏ ସରକାରର ଜନବିରୋଧୀ ନୀତିର କୋଠର ସମାଲୋଚନା କରାଯାଇଥିଲା । ଶ୍ରମୀକ ନେତା ଅମଲ ଦେ, ମାଳତି ମହାନ୍ତ, ରଞ୍ଜିତା ରାଉତ, ପଦ୍ମିନୀ ବେହେରା, ରେବତୀ ପଣ୍ଡିତ, ସୁଭାସିନୀ ନାୟକ, ବିମଳା ମଙ୍ଗଳ, ସୁଲୋଚନା ମହାକୁଡ୍ଡ, ସବିତା ମାହାକୁଡ, ଅଲାଦୀ ହେମ୍ବ୍ରମ ପ୍ରମୁଖ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ବିଭିନ୍ନ ନିତି ଉପରେ ସବିଶେଷ ଆଲୋଚନା କରି ବକ୍ତବ୍ୟ ରଖିଥିଲେ ।

# କୋରେକ୍ସ ଜବତ ଓ ଅଭିଯୁକ୍ତ ଗିରଫ

ପୁରୀ,୨୭/୧୧ (ନି.ପ୍ର): ବଳିଆପଣ୍ଡା ଅଞ୍ଚଳରେ ବେଆଇନ୍‌ଭାବେ କୋରେକ୍ସ ବିକ୍ରି କରୁଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଶିବ ଶକ୍ତିସାହିର ମାଧବ ମଣ୍ଡଳ(୩୫)କୁ ପୁଲିସ ଗିରଫ କରିଛି। ମାଧବ ନିକଟରୁ ୧୯ ବୋତଲ କୋରେକ୍ସ ଜବତ କରାଯାଇଛି। ଜବତ କୋରେକ୍ସ ବୋତଲ ଗୁଡ଼ିକ ମଧ୍ୟରେ ୧୫ଟି (୧୦୦ମିଲିଗ୍ରାମ୍)ଓ ଅନ୍ୟ ୫ଟି ଖୋଲାବୋତଲ (ପ୍ରତ୍ୟେକରେ୫୦ମିଲିଗ୍ରାମ୍) ରହିଛି। ଗତକାଲି ରାତିରେ ବଳିଆପଣ୍ଡା ଥାନା ଏଏସ୍ଆଇ ରବିନ୍ଦ୍ର କୁମାର ପ୍ରଧାନ କୋରେକ୍ସ ବିକ୍ରି ହେଉଥିବା ସୂଚନା ପାଇ ଶିବଶକ୍ତିସାହିରେ ବିଭାଗୀୟ ଅଧିକାରୀଙ୍କ ସହିତ ସେଠାରେ ଚଢାଉ କରିଥିଲେ। ଚଢାଉ ସମୟରେ ମାଧବ ନିକଟରୁ ଏକ ଜରି ବ୍ୟାଗରେ ଥିବା ୧୯ ବୋତଲ କୋରେକ୍ସ ଜବତ କରାଯାଇଥିଲା। ଅଭିଯୁକ୍ତ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ବିଭିନ୍ନ ଧାରା ଓ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ଆକ୍ଟରେ ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ବଳିଆପଣ୍ଡାଥାନା ଆଇଆଇସି କହିଛନ୍ତି।

# ଏସସିବି ମେଡ଼ିକାଲ କଲେଜ ଏବଂ ହସପିଟାଲର ପ୍ଲାଟିନମ୍ ଜୁବୁଲି ପାଳନ




ଭୁବନେଶ୍ୱର, ୨୭/୧୧ (ନି.ପ୍ର): କଟକର ଶ୍ରୀରାମଚନ୍ଦ୍ର ଭ ମେଡ଼ିକାଲ କଲେଜ ଓ ହସପିଟାଲ ତାର ପ୍ଲାଟିନମ୍ ଜୁବୁଲି ପାଳନ କରୁଛି। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି କେ ମିଶ୍ର ଭର୍ଚୁଆଲ ମୋଡ଼ରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ଆୟୋଜିତ ସମାବେଶକୁ ସମ୍ବୋଧିତ କରି ଡକ୍ଟର ମିଶ୍ର କହିଲେ ଯେ ଏସସିବି ମେଡ଼ିକାଲ କଲେଜ ଏଭଳି ଏକ ସମୟରେ ତା'ର ପ୍ଲାଟିନମ୍ ଜୁବୁଲି ପାଳନ କରୁଛି ଯେତେବେଳେ ଭାରତ ତା'ର ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତିକୁ 'ଆଜାଦୀ କା ଅମୃତ ମହୋତ୍ସବ' ଭାବେ ମନାଉଛି। 'ଆମର ପ୍ରଧାନମନ୍ତ୍ରୀ ଆଗାମୀ ୨୫ ବର୍ଷ ପାଇଁ କଠିନ ପରିଶ୍ରମ କରିବା ସକାଶେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଏହା ହେଉଛି ଅମୃତ କାଳ। ଏହା ଫଳରେ ୨୦୪୭ ମସିହା ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରାଯାଇପାରିବ ବୋଲି ସେ କହିଛନ୍ତି। ଡକ୍ଟର ମିଶ୍ର ଆହୁରି କହିଲେ ଯେ କୋଭିଡ଼- ୧୯ ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଛି ଏବଂ ସମ୍ଭବତଃ ଏହାର ବ୍ୟାପକ ମାତ୍ରା ଏବଂ ବ୍ୟାପ୍ତି ଯୋଗୁ ଆମ ସମସ୍ତଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନୀତି ତଥା ଅର୍ଥନୀତି ନିମନ୍ତେ ଏକ ବିରାଟ ଚାଲେ ସୃଷ୍ଟି କରିଛି। 'ଏହା ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସକଳ ପ୍ରକାର ନୀତିର କେନ୍ଦ୍ରବିନ୍ଦୁରେ ପରିଣତ କରିଛି' ବୋଲି ସେ କହିଛନ୍ତି। ଡକ୍ଟର ମିଶ୍ର ଏହି ପ୍ରସଙ୍ଗକୁ ଆହୁରି ବ୍ୟାଖ୍ୟା କରି କହିଲେ ଯେ କୋଭିଡ଼ ମହାମାରୀ କାଳରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥା ଉପରେ ସରକାର ଗୁରୁତ୍ୱ ଆରୋପ କରିଛନ୍ତି। ସେଗୁଡିକ ହେଉଛି ଗବେଷଣା ସମେତ ଏକାଧିକ ବିଷୟ ସମ୍ପର୍କିତ କ୍ଷମତାର ପୁନଃ ଉପଯୋଗିତା ନିରୂପଣ , ରୋଗ ନିଦାନ ଓ ଚିକିତ୍ସା ସୁବିଧା ବୃଦ୍ଧି ପାଇଁ ଏକ ପ୍ରସଙ୍ଗଭିତ୍ତିକ ଓ ଉଚିତ ଦୃଷ୍ଟିଭଙ୍ଗୀ, ଏକ ସମ୍ପୂର୍ଣ୍ଣ ସରକାର ଦୃଷ୍ଟିକୋଣ, ସମ୍ପୂର୍ଣ୍ଣ ସମାଜ ଦୃଷ୍ଟିକୋଣ ଏବଂ ପ୍ରଯୁକ୍ତିର ଯଥାର୍ଥ ଉପଯୋଗ। ଡକ୍ଟର ମିଶ୍ର କହିଲେ ଯେ କୋଭିଡ଼ ପରବର୍ତ୍ତୀ ବିଶ୍ୱରେ ଆମେ ନୀତି ଠାରୁ ନେଇ ପ୍ରଯୁକ୍ତିର ଉପଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରିପାରିବା। "ଏହା ଏକ ସୁଯୋଗର ଅବସର ଯେତେବେଳେ କି ଆମେ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ପୂର୍ବାପେକ୍ଷା ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ। ଏଥିପାଇଁ ଅଧିକ ପୁଂଜିନିବେଶ ଏକା ଜରୁର" ବୋଲି ସେ ମତ ପୋଷଣ କରିଥିଲେ। ଡକ୍ଟର ମିଶ୍ର ଭାରତ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିବିଧ କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରି କହିଲେ ଯେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ରାଷ୍ଟ୍ରୀୟ ଡିଜିଟାଲ ମିଶନ, ଆୟୁଷ୍ମାନ ଭାରତ ଭିତ୍ତିଭୂମି ମିଶନ ଏବଂ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାକୁ ଫାର୍ମାସିଉଟିକାଲ ଏବଂ ତତ୍ ସଂପର୍କୀତ କ୍ଷେତ୍ରମାନଙ୍କରେ ପ୍ରବର୍ତ୍ତନ କରାଯାଇଛି। "ସ୍ୱାଧୀନତାର ୭୫ତମ ବର୍ଷକୁ ଆଜାଦୀ କା ଅମୃତ ମହୋତ୍ସବ ଭାବେ ପାଳନ କରାଯିବା ହେଉଛି ଏପରି ଏକ ଅବସର ଯେତେବେଳେ ଆମେମାନେ ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଆଗକୁ ଅବଲୋକନ କରିପାରିବା। ଯେଉଁମାନେ ଏହି ମହାନ ଅନୁଷ୍ଠାନ ସହିତ ସଂପୃକ୍ତ ସେମାନେ ଏହା ଚିନ୍ତା କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଜଣାଇଥିଲେ। କାରଣ ଭବିଷ୍ୟତ ଆମମାନଙ୍କ ନିମନ୍ତେ ବିପୁଳ ସମ୍ଭାବନା ଓ ସୁଯୋଗ ମହଜୁଦ କରି ରଖିଛି ଏବଂ ସେସବୁର ଉପଯୋଗ କରି ଆମେ ସ୍ୱାସ୍ଥ୍ୟ କ୍ଷେତ୍ର ତଥା ସମଗ୍ର ରାଷ୍ଟ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିବା" ବୋଲି ଡକ୍ଟର ମିଶ୍ର କହିଥିଲେ।

# ଆଗରପଡ଼ାରେ ପ୍ରଧାନଶିକ୍ଷକ ନିଲମ୍ବିତ

ଭଦ୍ରକ, ୨୭/୧୧ (ନି.ପ୍ର): ଏହି ଜିଲାର ଆଗରପଡ଼ାସ୍ଥିତ ନରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁପଦ ଜେନା କର୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ ହୋଇଥିବାର ଜଣାପଡ଼ିଛି । ଶ୍ରୀ ଜେନା ଗଣ ଶିକ୍ଷକ ଭାବେ ଚାକିରୀ ଆରମ୍ଭ କରି ଗତ ୨୦୧୭ ମସିହାରେ ନିୟମିତ ଶିକ୍ଷକ ଭାବେ ପଦୋନ୍ନତି ପାଇଥିଲେ ଓ ୨୦୨୦ ମସିହାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ୨୦୨୦-୨୧ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପୋଷାକ ବାବଦକୁ ଆସିଥିବା ଅର୍ଥକୁ ବ୍ୟାଙ୍କରୁ ଉଠାଇ ସାରିଥିଲେ ସୁଦ୍ଧା ପୋଷାକ ବଂଟନ କରି ନଥିଲେ । ସରକାରୀ ସୂଚୀ ଅନୁସାରେ ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀମାନଙ୍କୁ ନ ଦେବା ସହ ପାଠପଢାରେ ଅବହେଳା କରିବା ସଂପର୍କରେ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାର ତଦନ୍ତ ପରେ ତାଙ୍କୁ ନିଲମ୍ବନ କରାଯାଇଥିବାର ଜଣାପଡ଼ିଛି ।

# ବାଲୁଗାଁ ପିକ୍ ନିକ୍ ଗାଡି ଦୁର୍ଘଟଣା ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଗଞ୍ଜାମରୁ ପିକନିକ ଯାଉଥିବା ଏକ ଗାଡ଼ି ବାଲୁଗାଁ ଠାରେ ଦୁର୍ଘଟଣା ଗ୍ରସ୍ତ ହେଇଥିବା ଏବଂ ଏଥିରେ ରଙ୍ଗେଇଲୁଣ୍ଡା ଅଂଚଳର ତିନି ଜଣ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାର ମାନଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତକ ଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହା ସହିତ ଦୁର୍ଘଟଣାରେ ଆହତ ଛାତ୍ର ମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଅନ୍ତମହାବିଦ୍ୟାଳୟ ସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ଜିତିଲା ରନର୍ସ ଅପ୍



ବାରିପଦା,୨୭/୧୧ (ନି.ପ୍ର): ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ମହାବିଦ୍ୟାଳୟମାନଙ୍କୁ ନେଇ ମହିଳା ଅନ୍ତ ମହାବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଓ ବାରିପଦାର ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଫାଇନାଲ ମ୍ୟାଚରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ଖୁଣ୍ଟା ମହାବିଦ୍ୟାଳୟଠାରୁ ୧/୦ ଗୋଲରେ ହାରିଯାଇଥିଲା । ତେଣୁ ଖୁଣ୍ଟା ମହାବିଦ୍ୟାଳୟ ଚମ୍ପିୟାନ ହୋଇଥିବା ବେଳେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟକୁ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ଉଭୟ ଦଳକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ କୁଳ ସଚିବ ସହଦେବ ସମାଧିଆ ଓ ବିତ୍ତ ନିୟନ୍ତ୍ରକ ସୁକୁଦେବ ତରାଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ଏବଂ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ ତ୍ରିପାଠୀ ଓ ବିଶ୍ୱବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରଦୀପ୍ତ ରଂଜନ ଦାସ, ନଳିନୀ ରଂଜନ ଦାସ, ଉଜିତ ଦାସ ଓ ଅନ୍ୟମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ତମହାବିଦ୍ୟାଳୟସ୍ତରୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରୀମାନେ ରନର୍ସ ଅପ୍ ଜିତି ଥିବାରୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ, ଉପାଧକ୍ଷା ସଂଘମିତ୍ରା ରାଉତ, ଅଧାପକ ମଦନ ମୋହନ ସାହୁ, ସାଗରୀକା ପଣ୍ଡା, ତୃପ୍ତି ଦାସ, ସବିତାରାଣୀ ଦାସ, ବାଘେ ସରେନ ଖେଳାଳି ମାନଙ୍କୁ ସ୍ୱାଗତ କରିଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରୀ ସସ୍ମିତା ହାଁସଦା (କ୍ୟାପଟେନ ) ଚନ୍ଦ୍ରିକା ମାରାଣ୍ଡି, ରଶ୍ମିତା ମହାନ୍ତ, ଏଲିନା ନାୟକ, ସୁମିତ୍ରା ମୁର୍ମୁ, ରେଖା ସିଂ, କୁନି ନାଏକ, ସୁଭସ୍ମିତା ଦଳ ବେହେରା, ସୁନୀତା ସରେନ, ଚିତ୍ତ ମାରାଣ୍ଡି, ଦେଉଳା ହେମ୍ବ୍ରମ, ପ୍ରତୀମା ମହାନ୍ତ, ମମତା ହାଁସଦା ଓ ବାସନ୍ତୀ ମୁର୍ମୁ ଖେଳରେ ଅଂଶ ଗ୍ରହଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସଂସଦ ଅଭିମୁଖେ ଟ୍ରାକ୍ଟର ରାଲି ....

ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଆଜି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବୈଠକ ହୋଇଥିଲା। ବୈଠକ ବେଳେ ସୋମାବାର ସଂସଦ ଅଭିମୁଖେ ଯିବାକୁ ଥିବା ଟ୍ରାକ୍ଟର ରାଲି ପ୍ରସଙ୍ଗ ଉଠିଥିଲା। ତେବେ ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ କେନ୍ଦ୍ର ସରକାର ୩ଟି ଯାକ କୃଷି ଆଇନ ପ୍ରତ୍ୟାହାର କରିବାକୁ ସ୍ୱତନ୍ତ୍ର ବିଲ୍ ଆଣିବେ। ତେଣୁ ସେହିଦିନ ସଂସଦ ଅଭିମୁଖେ ଟ୍ରାକ୍ଟର ରାଲି କରିବାର ଆବଶ୍ୟକ ନାହିଁ ବୋଲି ଅନେକ ଚାଷୀ ନେତା ମତ ଦେଇଥିଲେ। ଏହାପରେ ସର୍ବସମ୍ମତିକ୍ରମେ ଟ୍ରାକ୍ଟର ରାଲି ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏ ସମ୍ପର୍କରେ ଚାଷୀ ନେତା ଦର୍ଶନ ପାଲ ସିଂହ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂଯୁକ୍ତ କିଷାନ ମୋର୍ଚ୍ଚାର ବୈଠକ ପରେ ୨୯ ତାରିଖରେ ହେବାକୁ ଥିବା ଟ୍ରାକ୍ଟର ରାଲିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ଏମଏସ୍‌ପି ଓ ଅନ୍ୟାନ୍ୟ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ। ଆମେ ଗୋଟିଏ ଚିଠି ଜରିଆରେ ଆମ ଦାବି ଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛୁ। ଆସନ୍ତା ୪ ତାରିଖ ଯାଏ ଆମେ ଏହି ଚିଠିର ଉତ୍ତରକୁ ଅପେକ୍ଷା କରିବୁ। ଯଦି କୌଣସି ସୁଫଳ ନ ମିଳିଲା, ତା'ହେଲେ ଆନ୍ଦୋଳନର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ....

ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପାଇଁ ନାକ୍ ଏ+ ମାନ୍ୟତା ପ୍ରାପ୍ତ ଏହି ଶିକ୍ଷାନୁଷ୍ଠାନ ମେଂଟର ହିସାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଓଡ଼ିଶାର ପୁଞ୍ଜି ହେଉଛି ଏହାର ବୌଦ୍ଧିକ କ୍ଷମତା। ଅର୍ଥାତ୍ ପଢ଼ିବା, ପଢ଼ାଇବା ଏବଂ ବୁଝାଇବା ଓଡିଆଙ୍କ ଧମନୀରେ ରହିଛି । ସେଭଳି ଜଣେ ଅନନ୍ୟ ବ୍ୟକ୍ତିତ୍ୱ ହେଲେ ଡ଼ା. ରଜତ କୁମାର କର । ପଦ୍ମଶ୍ରୀ ଡ଼ା. କରଙ୍କ ଶିକ୍ଷାଦାନର ପଦ୍ଧତି ଚକ୍ ଏବଂ ଟକ୍ ଥିଓରି ଅନେକ ଛାତ୍ରଛାତ୍ରୀଙ୍କ ସହ ମୋତେ ପ୍ରଭାବିତ କରିଛି। ଡ଼ା.କରଙ୍କ କହିବାନୁସାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବାର ଦୁଇଟି ମୂଳ କାମ ହେଲା ଚକ୍ ଏବଂ ଟକ୍। ତେବେ ବର୍ତ୍ତମାନ ଶିକ୍ଷାର ପରିବର୍ତ୍ତିତ ଦୃଶ୍ୟପଟ୍ଟ ତଥା ଡ଼ିଜିଟାଲ ୱାର୍ଲଡରେ ପିଲାମାନଙ୍କ ପାଇଁ ସେତେବେଳର ଚକ୍ ଆଜି ଡ଼ିଜିଟାଲ୍ ପେନସିଲ୍ ହୋଇଛି ବୋଲି ଶ୍ରୀ ପ୍ରଧାନ ଅଭିଭାଷଣରେ କହିଛନ୍ତି । ମହାମାରୀ ଦ୍ୱାରା ଅନେକ ରାଷ୍ଟ୍ର ପ୍ରଭାବିତ ହୋଇଥିବା ବେଳେ ଏବେ ବି ଅନେକ ଚ୍ୟାଲେଞ୍ଜ ରହିଛି। ଏପରି ସ୍ଥିତିରେ ଆଗାମୀ ଦିନର ଚାଲିଚଳଣୀ, ସାମାଜିକ ଜୀବନ, ପାଠପଢ଼ା କିପରି ହେବ, ତାହାର ନିଷ୍ପତି ବିଶ୍ୱବିଦ୍ୟାଳୟମାନେ ନେବା ଦରକାର। ପାଠପଢ଼ା ସମେତ ମାନବ ସମସ୍ୟାର ସମାଧାନର ସୂତ୍ର ବାହାର କରିବାକୁ ବିଶ୍ୱବିଦ୍ୟାଳୟମାନଙ୍କୁ ଦାୟିତ୍ୱ ନେବାକୁ ପଡ଼ିବ। ଏତଦବ୍ୟତିତ ବିଦ୍ୟାଞ୍ଜଳିରେ ବିଶ୍ୱବିଦ୍ୟାଳୟକୁ ସାମିଲ କରିବା ଏବଂ ଏଥିରେ ଯୋଡିବା ପାଇଁ ଏବେର ଛାତ୍ରଛାତ୍ରୀଙ୍କ ସହ ଆଲୁମିନି ବା ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରୟାସ ରହିବା ମଧ୍ୟ ଜରୁରୀ । ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ସେ କହିଛନ୍ତି ଯେ କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟର ପ୍ରଗତି ପାଇଁ ଶିକ୍ଷାନୁଷ୍ଠାନର ସ୍ୱତନ୍ତ୍ରତା ରହିବା ଦରକାର । ବିଶ୍ୱବିଦ୍ୟାଳୟର ଅଧିକାରକୁ ସଙ୍କୁଚିତ କରିବା କଥା ନୁହେଁ । ଏହାର ବୌଦ୍ଧିକ ପରିପ୍ରକାଶରେ ଅଙ୍କୁଶ ଲଗାଇବା ମଧ୍ୟ ଅନୁଚିତ। ତେବେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉପରେ ଭଲ ଭାବରେ ପୁନର୍ବାର ଅନୁଧ୍ୟାନ ଓ ବିଚାବିମର୍ଷ କରନ୍ତୁ ବୋଲି ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ପୋଲାଣ୍ଡକୁ ହରାଇ ଜୁନିୟର ବିଶ୍ୱକପ....

କରିଥିଲେ। ଏହି କ୍ୱାର୍ଟରରେ ପୋଲାଣ୍ଡକୁ ଏକ ପେନାଲ୍ଟି କର୍ଣ୍ଣରର ସୁଯୋଗ ମିଳିଥିଲେ ସୁଦ୍ଧା ଭାରତୀୟ ଗୋଲ କିପର ପ୍ରଶାନ୍ତ ଚୌହାନ ହାତରେ ବଲକୁ ଠେଲି ବାହାରକୁ ପଠାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ ଭାରତ ଆକ୍ରମଣ ଜାରି ରଖିଥିଲା। ମାତ୍ର ଗୋଟିଏ ଗୋଲ ହୋଇଥିଲା। ଓଡ଼ିଆ ହକି ତାରକା ସୁଦୀପ ଚିରମାକୋ ପୋଲାଣ୍ଡର ଡିଫେଣ୍ଡରଙ୍କୁ ଅତିକ୍ରମ କରି ସୁନ୍ଦର ଭାବେ ଫିଲ୍ଡ ଗୋଲ କରି ହାଫ ଟାଇମ ଶେଷ ସୁଦ୍ଧା ଦଳୀୟ ସ୍କୋରକୁ ୩-୦ କରି ଦେଇଥିଲେ। ତୃତୀୟ କ୍ୱାର୍ଟରରେ ବି ପୋଲାଣ୍ଡକୁ ବିଶ୍ରାମ ଦେଇନଥିଲା ଭାରତ। ଏହି କ୍ୱାର୍ଟରରେ ବି ୩ଟି ଗୋଲ ସ୍କୋର କରିଥିଲା ଭାରତ। ୩୪ ମିନିଟରେ ଉତ୍ତମ ସିଂହ ଗୋଲ ଦେଇଥିବା ବେଳେ ତିୱାରୀ ଶରଦାନନ୍ଦ ୩୮ ମିନିଟରେ ପାଇଥିବା ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଦଳୀୟ ସ୍କୋର କୁ ୫-୦ରେ ପହଞ୍ଚାଇଥିଲେ। ୪୧ ମିନିଟରେ ଓଡ଼ିଶା ହକିର ସମ୍ଭାବନା ସୁଦୀପ ଆଉ ଏକ ଫିଲ୍ଡ ଗୋଲ ଜରିଆରେ ଭାରତର ଦଳୀୟ ସ୍କୋରକୁ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ୬-୦କୁ ନେଇଥିଲେ। ଏଥିସହ ସେ ଏହି ମ୍ୟାଚ୍ ?ରେ ନିଜର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ପୋଲାଣ୍ଡ ଘନ ଘନ ଆକ୍ରମଣ କରି ଅନେକ ପେନାଲ୍ଟି କର୍ଣ୍ଣର ପାଇଥିଲେ ସୁଦ୍ଧା ଗୋଟିଏ ମାତ୍ର ଗୋଲରେ ପରିଣତ କରିପାରିଥିଲା। ୫୦ତମ ମିନିଟରେ ରୁତକୋସ୍କି ଗୋଲ କରିବାକୁ ସକ୍ଷମ ହୋଇଥିଲେ। ପୁଣି ୫୩ ମିନିଟରେ ରୋବର୍ଟ ପବ୍ଲକ ଅତି ସୁନ୍ଦର ଭାବେ ଫିଲ୍ଡ ଗୋଲ ଦେଇ ଦଳୀୟ ସ୍କୋର କୁ ୨-୬ରେ ପହଞ୍ଚାଇ ଥିଲେ। ତେବେ ଭାରତ ପୁଣି ପାଲଟା ଆକ୍ରମଣ କରି ୫୮ ମିନିଟରେ ଆଉ ଏକ ଗୋଲ ଦେଇଥିଲା। ସଞ୍ଜୟ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିବା ବେଳେ ଭାରତର ଏହା ଥିଲା ସପ୍ତମ ଗୋଲ। ମ୍ୟାଚ ଶେଷ ହେବାକୁ କେହି ସେକେଣ୍ଡ ବାକିଥିବା ବେଳେ ହୁଣ୍ଡାଲ ଅରାଇଜିତ ସିଂହ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୮-୨ଗୋଲରେ ପୋଲାଣ୍ଡ ବିପକ୍ଷରେ ଜିତାଇ ଥିଲେ। ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ ପାଇଁ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆସନ୍ତା ଏକ ତାରିଖରେ ସମସ୍ତ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ।

## କଡ଼ା ସୁରକ୍ଷା ମଧ୍ୟରେ ଅପରାଜିତାଙ୍କ ....

ପଚାରିଲେ ପ୍ରଶ୍ନ । ରାଜଧାନୀର ୬୧ ନମ୍ବର ୱାର୍ଡରେ ସାଂସଦ ପଦଯାତ୍ରା କରୁଥିବା ବେଳେ ମୁହାଁମୁହିଁ ହେଲେ ବିଜେପି ଓ ବିଜେଡି କର୍ମୀ । ପରେ ପୁଲିସର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ହେଲେ ଆଗକୁ ମଧ ଏଭଳି ବିରୋଧ ଜାରି ରହିବ ବୋଲି କହିଛନ୍ତି ବିଜେଡି କର୍ମୀ । ଗତ ଦୁଇ ଦିନ ତଳେ ଆଚାର୍ଯ୍ୟ ବିହାର ଅଞ୍ଚଳରେ ବରିଷ୍ଠ ନାଗରିକଙ୍କ ଏକ ବୈଠକରେ ଯୋଗ ଦେଇଥିବା ବେଳେ ମଧ ସାଂସଦ ଅପରାଜିତାଙ୍କୁ ଘେରି ହଟହଟା କରିଥିଲେ ବିଜେଡି ସମର୍ଥକ । ବିବାଦ ପରେ ନିଜକୁ ଅସୁରକ୍ଷିତ ବୋଲି କହିଥିବା ଅପରାଜିତାଙ୍କ ପଦଯାତ୍ରାରେ କିନ୍ତୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲା ପୁଲିସ । ହେଲେ ରାଜ୍ୟରେ ନାରୀ ସୁରକ୍ଷାକୁ ନେଇ ଏବେ ମଧ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଉଭୟ ବିଜେପି ଏବଂ କଂଗ୍ରେସ । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଜୋର ଧରିଥିବା ବେଳେ ଏବେ ଠାରୁ ପ୍ରମୁଖ ରାଜନୈତିକ ଦଳ ମାନଙ୍କ ଭିତରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଲାଣି ।

## କରୋନାର ନୂଆ ଭାରିଏଣ୍ଟକୁ ନେଇ ....

ବିପଦଜନକ ତାଲିକାରେ ଥିବା ଦେଶଗୁଡ଼ିକରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବା ଓ ସେମାନଙ୍କର ଟେଷ୍ଟିଂ ଉପରେ ଫୋକସ କରିବାକୁ ବୈଠକରେ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଭାରତରେ ଚାଲିଥିବା ଜେନୋମ ସିକ୍ୱେନ୍ସିଂ ଓ ଚିହ୍ନଟ ହୋଇଥିବା ଚିନ୍ତାଜନ କରୋନା ଭାରିଏଣ୍ଟ ସମ୍ପର୍କରେ କହିଥିଲେ। ଏହାପରେ ମୋଦି ବିଦେଶରୁ ଆସୁଥିବା ସବୁ ପଜିଟିଭ ଲୋକଙ୍କ ନମୁନା ଜେନୋମ ସିକ୍ୱେନ୍ସିଂ ପାଇଁ ପଠାଇବା ସହ ଏହାକୁ ବ୍ୟାପକ କରିବାର ବ୍ୟବସ୍ଥା କରିବାକୁ କହିଛନ୍ତି। ମୋଦି ଆହୁରି କହିଛନ୍ତି, ଦେଶରେ ଟିକାକରଣ କାର୍ଯ୍ୟକ୍ରମକୁ ଆହୁରି ଜୋରଦାର କରିବାକୁ ହେବ। ସେହିପରି ଯେଉଁ ସବୁ ଅଞ୍ଚଳରୁ ଅଧିକ ମାମଲା ଚିହ୍ନଟ ହେଉଛି, ସେଠାରେ କଣ୍ଟେନମେଣ୍ଟ ଓ ଆକ୍ଟିଭ ସର୍ଭେଲାନ୍ସ କରାଯିବା ଦରକାର। ଉକ୍ତ ଅଞ୍ଚଳକୁ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ମଧ ମୋଦି କହିଛନ୍ତି।

## ଭୁବନେଶ୍ୱରରେ ଅସୁରକ୍ଷିତ....

ନିତି ଆୟୋଗଙ୍କ ଅର୍ବାନ ଇଣ୍ଡେକ୍ସ ରିପୋର୍ଟରୁ ଏପରି ଖୋଲାସା ହେବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ନିତି ଆୟୋଗର ଅର୍ବାନ ଇଣ୍ଡେକ୍ସ ରିପୋର୍ଟ ୨୦୨୧-୨୨ ଅନୁଯାୟୀ ଭୁବନେଶ୍ୱରରେ ଅସୁରକ୍ଷିତ ନାବାଳିକା ଓ ମହିଳା। ରାଜଧାନୀରେ ପ୍ରତି ଲକ୍ଷେରେ ୧୭୦ରୁ ଅଧିକ ମହିଳା ବିରୋଧୀ ଅପରାଧ ଘଟୁଥିବା ବେଳେ ୫୫ ନାବାଳିକା ଯୌନ ଅପରାଧର ଶିକାର ହେଉଛନ୍ତି। ପ୍ରତି ଲକ୍ଷେରେ ଘରୋଇ ହିଂସାର ଶିକାର ହେଉଛନ୍ତି ୨୩ ଜଣ। ସେହିପରି ୧୦ ହଜାର ଶିଶୁଙ୍କ ମଧ୍ୟରେ ୯ରୁ ଅଧିକ ଶିଶୁ ନିଖୋଜ ହେଉଥିବା ବେଳେ ପ୍ରତି ଲକ୍ଷେରେ ୧୪ ଜଣ ସାଇବର ଅପରାଧର ଶିକାର ହେଉଛନ୍ତି। ଅର୍ଥନୈତିକ ଅପରାଧ ମଧ କିଛି କମ ନୁହେଁ। ଲକ୍ଷେ ଜନ ସଂଖ୍ୟାରେ ୭୩ରୁ ଅଧିକ ଅର୍ଥନୈତିକ ଅପରାଧର ଶିକାର ହେଉଥିବା ବେଳେ ଦୁର୍ନୀତି ବିରୋଧରେ ଲକ୍ଷେ ଜନସଂଖ୍ୟାରେ ୩ ରୁ ଅଧିକ ମାମଲା ରୁଜୁ ହେଉଛି।

# ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ନାମାଙ୍କନ ଦାଖଲ କାର୍ଯ୍ୟସୂଚୀରେ ଆଂଶିକ ପରିବର୍ତ୍ତନ

ବାରିପଦା,୨୭/୧୧ (ନି.ପ୍ର): ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ନିର୍ବାଚନ ପାଇଁ ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ, କାଉଁନସିଲ ସଦସ୍ୟ ପଦବୀ ପାଇଁ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୧୮୬ ତା ୧୬/୧୧/୨୦୨୧ ରିଖ ମୂଳେ ନିର୍ବାଚନ ସଂକ୍ରାନ୍ତିୟ ବିଧିବଦ୍ଧ ବିଜ୍ଞପ୍ତି ଜାରୀ ହୋଇଥିବା ବେଳେ, ନଭେମ୍ବର ୨୯ ତାରିଖରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ଦିଆଯାଇଥିବା ମୟୂରଭଞ୍ଜ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ନାମାଙ୍କନ ଦାଖଲ କାର୍ଯ୍ୟସୂଚୀରେ ଆଂଶିକ ପରିବର୍ତନ କରାଯାଇଛି । ଏବାବଦରେ ମୟୂରଭଞ୍ଜ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୨୦୬ ତା ୨୬/୧୧/୨୦୨୧ ରିଖ ମୂଳେ ସାନି ବିଜ୍ଞପ୍ତି ପ୍ରକାଶ ଅନୁଯାୟୀ ଆସନ୍ତା ତା ୨୯/୧୧/୨୧ ରିଖ ଓ ତା ୩୦/୧୧/ ୨୦୨୧ ରିଖ ଉଭୟ ଦିନରେ ସକାଳ ୭.୩୦ ମିନିଟ ସମୟରୁ ଦିବା ୧ ଘଟିକା ପର୍ଯ୍ୟନ୍ତ ନାମାଙ୍କନ ପ୍ରର୍ଥୀପତ୍ର ଦାଖଲ କରାଯିବ । ସେହି ୩୦ ତାରିଖ ଦିନ ଅପରାହ୍ନ ୪ଟା ପରେ ପ୍ରାର୍ଥୀ ପତ୍ର ଯାଂଚ କରାଯାଇ କାଏମ ରହିଥିବା ପ୍ରାର୍ଥୀପତ୍ର ତାଲିକା ପ୍ରକାଶ ପାଇବ । ତା୦୧/୧୨/୨୧ ରିଖ ପୂର୍ବାହ୍ନ ୭.୩୦ ମିନିଟରୁ ଅପରାହ୍ନ ୧ଘଟିକା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ, ସେହି ୧ ତାରିଖ ଦିନ ଅପରାହ୍ନ ୪ ଘଟିକା ସମୟରେ ପ୍ରତିଦ୍ୱନ୍ଦିତା କରିବାକୁ ଥିବା ପ୍ରାର୍ଥୀଙ୍କର ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଏହି ପ୍ରକ୍ରିୟା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମୟୂରଭଞ୍ଜ ତଥା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ । ଆସନ୍ତା ଡିସେମ୍ବର ୫ ତାରିଖରେ ସକାଳ ୭.୩୦ ମିନିଟରୁ ଅପରାହ୍ନ ୧ଟା ମଧ୍ୟରେ ଭୋଟ ଦାନ ଓ ସେହିଦିନ ୨ଟା ପରେ ଫଳାଫଳ ଘୋଷଣା କରାଯିବାର କାର୍ଯ୍ୟସୂଚୀ ରହିଛି । ନିର୍ବାଚନ ସଂକ୍ରାନ୍ତିୟ ଅନ୍ୟାନ୍ୟ କାର୍ଯସୂଚୀ ପୂର୍ବ ବିଜ୍ଞପ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଅପରିବର୍ତ୍ତିତ ରହିଛି ।

ବାଲେଶ୍ୱର, ରବିବାର, ୨୮ ନଭେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



# ଧାମନଗରରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ଼ ସାଂସଦଙ୍କ ଦ୍ୱାରା ବଂଟନର ଶୁଭାରମ୍ଭ

ଭଦ୍ରକ,୨୭/୧୧ (ନି.ପ୍ର): ଆଜି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଧାମନଗର ସ୍ଥିତ ସାଇକଲ୍ୟାଣ ମଣ୍ଡପ ଠାରେ ସ୍ମାର୍ଟକାର୍ଡ଼ ବଂଟନର ଶୁଭାରମ୍ଭ କରିଛନ୍ତି। ଶନିବାର ପୂର୍ବାହ୍ନରେ ଧାମନଗର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିବା ସ୍ମାର୍ଟକାର୍ଡ଼ ବଂଟନ କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ସଭା ସଂଚାଳନା କରିଥିବାବେଳେ ମାନନୀୟା ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ ସରକାରଙ୍କ ଦ୍ୱାରା ବଂଟନ କରାଯାଉଥିବା ସ୍ୱାସ୍ଥ୍ୟବୀମା କାର୍ଡ଼ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରେ ହିତାଧିକାରୀଙ୍କୁ କାର୍ଡ଼ ବଂଟନ କରାଯାଇଥିଲା। ସେହିପରି ରାଧାବଲ୍ଲଭପୁର ପଂଚାୟତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ସ୍ମାର୍ଟକାର୍ଡ଼ ବଂଟନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ନାୟକ ସଭାପତିତ୍ୱ କରିଥିବାବେଳେ କଲ୍ୟାଣୀ ପଂଚାୟତ ସ୍ଥିତ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ସମିତି ସଭ୍ୟ ହରେକୃଷ୍ଣ ପାଢୀ ସଭାପତିତ୍ୱ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଧାମନଗର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, ରାଧାବଲ୍ଲଭପୁର ସରପଂଚ ଟୁନିବାଳା ବିଶ୍ୱାଳ, ସମିତିସଭ୍ୟ ରଣଜିତ୍ ଜେନା, କଲ୍ୟାଣୀ ସମିତିସଭ୍ୟ ଅକ୍ଷୟ ଦତ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ମାଧୁରି ପଲାଇ, ସରପଂଚ ମଞ୍ଜୁଲତା ନାୟକ, ଗୋପାଳ ବେହେରା, ଶିବବ୍ରତ ଦାସଙ୍କ ସମେତ ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ଯୁବସଭାପତି ଭାରତବିଜୟ ଦଳାଇ, ଛାତ୍ର ସଭାପତି ତୁସାରକାନ୍ତ ମହାପାତ୍ର, ନଗରସଭାପତି ସୁଶାନ୍ତ କୁମାର ରାଉତ, ନଗର ଯୁବସଭାପତି ସେକ୍ ସୟଫୁଦ୍ଦିନ୍, ନଗର ମହିଳା ସଭାନେତ୍ରୀ ନିବେଦିତା ଜେନା, ସାଂସଦ ପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ପୂର୍ବତନ ସମିତିସଭ୍ୟ ବିଦ୍ୟାଧର ରାଉତ, ସମାଜସେବୀ ସୀତାକାନ୍ତ ମିଶ୍ର, ଅକ୍ଷୟ ନାୟକ, ସନ୍ଦୀପ ଶେଖର ସ୍ୱାଇଁ, ରାଜେନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# କୋଷ୍ଟ କେନାଲ ପୁନରୁଦ୍ଧାର ଦାବି ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୭/୧୧ (ନି.ପ୍ର): ଐତିହାସିକ କୋଷ୍ଟ କେନାଲର ଦାବିରେ ଭୋଗରାଇରୁ ବାହାରିଥିବା 'ଓଡ଼ିଶା କୋଷ୍ଟ କେନାଲ ପୁନରୁଦ୍ଧାର ମଞ୍ଚ'ର ମୋଟର ସାଇକଲ ଶୋଭାଯାତ୍ରା ଅଭିଯାତ୍ରୀଙ୍କୁ ବାଲେଶ୍ୱରରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସଂଧ୍ୟାରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସମ୍ମୁଖରେ ଆୟୋଜିତ ସାଧାରଣ ସଭାରେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିବା ସହିତ ଓଡ଼ିଶା ପାଇଁ କୋଷ୍ଟ କେନାଲ ପୁନରୁଦ୍ଧାରର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ଇଂ.ବନମାଳି ନାୟକ, ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ମମତା ମହାପାତ୍ର, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, 'ମୋନା'ର ଜିଲା ସଭାପତି ପ୍ରଭାକର ସାହୁ, ଶ୍ରମିକନେତା ପ୍ରେମରଞ୍ଜନ ପାତ୍ର, ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ସଭାପତି ଇଂ. ସୁରେନ୍ଦ୍ରନାଥ ଦାସ ଓ କୃଷକ ନେତା ଅରୁଣ ଜେନା ପ୍ରମୁଖ ଏଥିରେ ଯୋଗଦେଇ ଅବିଭକ୍ତ ବାଲେଶ୍ୱର ଜିଲାର କୃଷିର ବିକାଶ ପାଇଁ କେନାଲର ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। କେନାଲ ପୁନରୁଦ୍ଧାର ଜଳସେଚନ, ଜଳପଥରେ ମାଲ ପରିବହନ, ମତ୍ସ୍ୟଚାଷ, ପରିବେଶ ସୁରକ୍ଷା ଓ ଭୂତଳ ମଧୁରଜଳ ସ୍ତର ବୃଦ୍ଧିରେ ଏହା ସହାୟକ ହୋଇ ପାରିବ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। କୋଷ୍ଟକେନାଲକୁ ୫ନମ୍ବର ଜାତୀୟ ଜଳପଥ ଯୋଜନାରେ ସଂଯୋଗ କରିବାର ଏହି ଦାବିକୁ ଏକ ଜନଦାବିରେ ପରିଣତ କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ବକ୍ତାମାନେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଭିଯାତ୍ରୀ ଦଳର ନେତୃତ୍ୱ ନେଇ ଅଭ୍ୟର୍ଥନା ସଭାରେ ପହଞ୍ଚିଥିବା ଡ. ଅଦ୍ୱୈତ ପ୍ରସାଦ ପାତ୍ର, ସଂଗଠନର ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ, ଆବାହକ ଶୁଭଙ୍କର ମହାପାତ୍ର, ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ଦଳାଇ, ଶିଳ୍ପୀ କେଶୁଦାସ, ବିଜୟ କୁମାର ଦାସଅଧିକାରୀ ପ୍ରମୁଖଙ୍କ ସମେତ ଅଭିଯାତ୍ରୀ ଦଳଙ୍କୁ ପରିକ୍ରମା ଅଞ୍ଚଳରେ ଜନସାଧାରଣ ବିପୁଳ ସଂଖ୍ୟାରେ ସ୍ୱାଗତ କରି ଥିଲେ। ସବୁଠି କୋଷ୍ଟ କେନାଲ ପୁନଃ ଉଦ୍ଧାର ଦାବିକୁ ସମର୍ଥନ ମିଳିଥିଲା। ବାଲେଶ୍ୱରର ବିଭିନ୍ନ ଗଣସଂଗଠନ ପକ୍ଷରୁ ଦିଆଯାଇଥିବା ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଅଭିଯାତ୍ରୀମାନେ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଆସନ୍ତାକାଲି ପ୍ରଭାତରୁ ଅଭିଯାତ୍ରୀମାନେ ଭଦ୍ରକ ଜିଲାର ମନ୍ତେଇ ନଦୀ ଓ ଚାରିବାଟିଆ ଅଭିମୁଖେ ଯାତ୍ରା କରିବେ ବୋଲି ସେମାନେ ପ୍ରକାଶ କରିଥିଲେ।

# ପଞ୍ଚାୟତ ନର୍ବାଚନ ପାରି ହେବାକୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ଆୟୁଧ : ଜିଲ୍ଲା କଂଗ୍ରେସ

ବାଲେଶ୍ୱର,୨୭/୧୧ (ନି.ପ୍ର): ସାଧାରଣ ନିର୍ବାଚନର ପୂର୍ବରୁ ୨୦୧୯ ମସିହାରେ ଚାଷୀଙ୍କ ସମର୍ଥନ ପାଇଁ 'କାଳିଆ' ଯୋଜନା କାର୍ଯ୍ୟକାରୀ କରିବା ଭଳି ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ସମେତ ଶାସକ ଦଳର ନେତା ମନ୍ତ୍ରୀ ଦଳଦଳ ହୋଇ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ଼ ବାଣ୍ଟିବା କେତେ ଯଥାର୍ଥ ବୋଲି ପ୍ରଶ୍ନ ଉଠାଇଛି ବାଲେଶ୍ୱର ଜିଲା କଂଗ୍ରେସ କମିଟି। ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ ଗିରି, ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରତମ ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବାଣ୍ଟିବା ପ୍ରକୃତରେ କହା ସ୍ୱାର୍ଥରେ ବୋଲି କହିଥିଲେ। ତେବେ ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବରୁ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏହି ସ୍ମାର୍ଟକାର୍ଡ଼ ଜନସାଧାରଣଙ୍କୁ ଚିକିତ୍ସା ସେବା ପ୍ରଦାନରେ କେତେ ସହାୟକ ହେବ, ତାହାକୁ ନେଇ ବାଲେଶ୍ୱରବାସୀଙ୍କ ପକ୍ଷରୁ କଂଗ୍ରେସ ନେତାମାନେ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସ୍ମାର୍ଟକାଡ଼ ବଣ୍ଟନ ସାଙ୍ଗକୁ ଗଣମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କାର ବିଜ୍ଞାପନ ମାଧ୍ୟମରେ ସରକାର ଜଣେଇ ଦେଲେ ଯେ ଏଣିକି ଚିକିତ୍ସା ପାଇଁ କୌଣସି ପରିବାରକୁ ଜମି, ସୁନାଗହଣା ବିକ୍ରି କରିବାକୁ ପଡ଼ିବ ନାହିଁ। ଏହାର ଅର୍ଥ ଯେ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ପୂର୍ବରୁ ବିଜେଡିର ୨୨ବର୍ଷ ଶାସନ କାଳରେ ରାଜ୍ୟବାସୀ ଚିକିତ୍ସା ପାଇଁ ଏହିଭଳି ଜମି ଓ ସୁନାଗହଣା ବିକ୍ରି କରି ସର୍ବସ୍ୱାନ୍ତ ହୋଇଛନ୍ତି। ସେହିଭଳି ମୁଖ୍ୟ ଡାକ୍ତରଖାନା ସମେତ ବାଲେଶ୍ୱର ଜିଲାର ବିଭିନ୍ନ ହସପିଟାଲରେ ଅଦ୍ୟାବଧି ୧୫୯ ଡାକ୍ତର ପଦ ଖାଲି ପଡ଼ିଛି, ଏଭଳି ସ୍ଥିତିରେ ଲୋକେ ସ୍ମାର୍ଟକାର୍ଡ଼ ଧରି ଲୋକେ କଟକ ଭୁବନେଶ୍ୱରର ଘରୋଇ ଡାକ୍ତରଖାନାକୁ ଦୌଡ଼ିବେ କି। ବାଲେଶ୍ୱର ସଦର ଡାକ୍ତରଖାନାରେ ପ୍ରତି ମାସରେ ପ୍ରାୟ ଭେଷଜ ବିଭାଗରେ ୨ ଜଣ, ଶିଶୁ ବିଭାଗରେ ୪ ଜଣ, ପ୍ରସୂତି ବିଭାଗରେ ୫ ଜଣ , ଅସ୍ତ୍ରୋପଚାର ବେଳେ ୨ ଜଣ, ଯକ୍ଷ୍ମା ବିଭାଗରେ ୨ ଜଣ, ଗ୍ୟାସଟ୍ରୋଲୋଜି ୨ ଜଣ, ନେଫ୍ରୋଲୋଜିରେ ୨ ଜଣ , ନ୍ୟୁରୋଲୋଜିରେ ଜଣେ ରୋଗୀ ମୃତ୍ୟୁବରଣ କରୁଛନ୍ତି। ଏହାର ନିରାକରଣ ପାଇଁ ସରକାରୀ ଡାକ୍ତରଖାନା ଗୁଡିକରେ ଅଧିକ ବଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଅତ୍ୟାଧୁନିକ ଉପକରଣ ଆବଶ୍ୟକ ଅଛି। ଏ ଦିଗରେ ସରକାର ଯତ୍ନବାନ ହେବେ କି ବୋଲି କଂଗ୍ରେସ ନେତାମାନେ ପ୍ରଶ୍ନ କରିଛନ୍ତି। ସେହିଭଳି ଜିଲାର ମାତ୍ର ୪୩ ଗୋଟି ସରକାରୀ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଆବଶ୍ୟକ ଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କଟକ-ଭୁବନେଶ୍ୱରର ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ରୋଗୀ ନେବାକୁ ସେରକାର ଖର୍ଚ୍ଚ ବହନ କରିବେ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅତଏବେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନକୁ କେହି ବିରୋଧ କରୁ ନାହାନ୍ତି, ମାତ୍ର ଏହାର କାର୍ଯ୍ୟକାରୀରେ ଲୋକେ କେତେ ଉପକୃତ ହେବେ ତାହା ଆଜି ପ୍ରଶ୍ନବାଚୀ ହୋଇଛି ବୋଲି କଂଗ୍ରେସ ନେତାମାନେ ମତ ଦେଇଛନ୍ତି। ତେବେ ବାଲେଶ୍ୱରର ସଚେତନ, ସ୍ୱାଭିମାନୀ ଜନତାଙ୍କୁ ଏହି ସବୁ ପ୍ରଶ୍ନର ଉତ୍ତର କେବେ ମିଳିବ ବୋଲି ସେମାନେ ସାମ୍ବାଦିକ ସମ୍ମିଳନୀରେ ପଚାରିଛନ୍ତି।

## ରାଜ୍ୟରେ କରୋନାରେ ଆଉ ୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୦୬ ହୋଇ ଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗୀର, ଝାରସୁଗୁଡା ଓ କଳାହାଣ୍ଡି ଜିଲ୍ଲାରେ ୧-୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଶାଗୁଆନ୍ ଗଛ କାଟୁଥିବା ବେଳେ ଜଣେ ଗିରଫ

ବଲାଙ୍ଗିର, ୨୭ ନଭେମ୍ବର (ହି.ସ.)- ଦେଓଗାଁ ରେଞ୍ଜ ଅନ୍ତର୍ଗତ ବୁଦେଲ ଗୁମା ଗ୍ରାମରେ ଶାଗୁଆନ୍ ଗଛ କାଟିବା ସମୟରେ ବଲାଙ୍ଗିର ବନ ବିଭାଗ ଅଧିକାରୀ ନୀତିଶ କୁମାରଙ୍କ ନିର୍ଦ୍ଦେଶ ମୁତାବକ ଭ୍ରାମ୍ୟମାଣ ଦଳ ସେହି ଗ୍ରାମରେ ପହଂଚି ଦେଶୀ କରତରେ କରତା ଯାଉଥିବା ବେଳେ ଶାଗୁଆନ୍ ୩ ଟି ଗଣ୍ଡି, ୪୦ଟି ବିଭିନ୍ନ ସାଇଜ୍ ର କଟା ଶାଗୁଆନ୍ କାଠ ସମେତ ଗୋଟିଏ ସାଇକେଲ୍, ତିନି ଗୋଟି କରତ ଜବତ କରିଛନ୍ତି ।

# ୨୯ନଭେମ୍ବର ମୟୁରଭଞ୍ଜ ବନ୍ଦକୁ ନୈତିକ ସମର୍ଥନ ଜଣାଇଲା ଭଞ୍ଜସେନା



ବାରିପଦା, ୨୭/୧୧ (ନି.ପ୍ର): ସାନ୍ତାଳୀ, ମୁଣ୍ଡାରୀ, ହୋ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟଭାଷା ମାନ୍ୟତା ସହିତ ସାନ୍ତାଳୀକୁ ଭାଷାଗତ ସଂଖ୍ୟାଲଘୁ ଏବଂ ମୁଣ୍ଡାରୀ, ଭୂମିଜ ଏବଂ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରିବା ନିମନ୍ତେ ଦୀର୍ଘ ଦିନଧରି ବହୁ ସଂଗଠନ ବହୁବାର ଆନ୍ଦୋଳନ କରିଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କ୍ରମାଗତ ଅଣଦେଖା କରିଆସୁଛନ୍ତି। ଏଣୁ ଉକ୍ତ ଦାବୀ ଗୁଡିକୁ ହାସଲ କରିବା ପାଇଁ ଜିଲ୍ଲାର ଆଦିବାସୀ ଯୁବଛାତ୍ର ସଂଗଠନ ମାସା ଆର୍ମି ତରଫରୁ ଆସନ୍ତା ୨୯ତାରିଖ ସୋମବାର ଦିନ ମୟୁରଭଞ୍ଜ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମାସା ଆର୍ମି ପକ୍ଷରୁ ଭଞ୍ଜସେନା ସଂଗଠନକୁ ଏହି ନ୍ୟାର୍ଯ୍ୟ ଦାବୀ ଗୁଡିକୁ ହାସଲ ହାସଲ କରିବା ପାଇଁ ହେଉଥିବା ମୟୁରଭଞ୍ଜ ବନ୍ଦରେ ସାମିଲ ହେବାକୁ ନିବେଦନ କରାଯିବଥିବା ବେଳେ, ଉଭୟ ଭଞ୍ଜସେନା ଏବଂ ମାସା ଆର୍ମୀ ସଂଗଠନ ର ବରିଷ୍ଠ କର୍ମକର୍ତାଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୨୯ତାରିଖ (ସୋମବାର) ଆହ୍ୱାନ ଦିଆଯାଇଥିବା ମୟୁରଭଞ୍ଜ ବନ୍ଦ ଡାକରାକୁ ଭଞ୍ଜସେନା କେବଳ ନୈତିକ ସମର୍ଥନ ଦେବ ବୋଲି ଭଞ୍ଜସେନା ଆଦିବାସୀ ଶାଖା ଜିଲ୍ଲା ସଭାପତି ବାଜୁନ ହାଂସଦା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଆଜିର ବୈଠକରେ ମାସା ଅର୍ମୀର ନେତା ସୁକୁଲାଲ ମାରାଣ୍ଡିଙ୍କ ତଥା ଅନ୍ୟାନ୍ୟ କର୍ମକର୍ତାଙ୍କ ସହିତ ଭଞ୍ଜସେନାର ଜିଲ୍ଲା କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଜିଲ୍ଲା ସଭାପତି ପିଂଟୁ ମାଇତି, ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି, ଜିଲ୍ଲା ଯୁବ ଶାଖା ସଭାପତି ମାନସ ବେହେରା, ଜିଲ୍ଲା ଉପ ସଭାପତି ରାକେଶ ମହାନ୍ତି, ଯୁବଛାତ୍ର ସଂଯଜକ ଏସକେ ରାଜା ଖାନ, ବାରିପଦା ସହର ସଭାପତି ପ୍ରୀତମ ପଣ୍ଡା ପ୍ରମୁଖ ସାମିଲ ଥିଲେ ।

# କରୋନାରୁ ସୁସ୍ଥ ହେଲେ ୨୫୫

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ଆଉ ୨୫୫ ଜଣ ଆକ୍ରାନ୍ତ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୮୬୪ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୮ ଜଣ ଓ ମୟୂରଭଂଜ ଜିଲ୍ଲାରୁ ୨୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୨୦, ବାଲେଶ୍ୱରରୁ ୧୦, ସୁନ୍ଦରଗଡ଼ରୁ ୮, ଜଗତସିଂହପୁର, ପୁରୀରୁ ୭-୭, ଯାଜପୁର, ସମ୍ବଲପୁରରୁ ୬-୬, କେନ୍ଦ୍ରାପଡ଼ାରୁ ୪, ଭଦ୍ରକ ଓ ନୟାଗଡ଼ରୁ ୩-୩, ଅନୁଗୁଳ, ଗଂଜାମ, କୋରାପୁଟ, ମାଲକାନଗିରି, ରାୟଗଡ଼ରୁ ୨ଜଣ ଲେଖାଏଁ, ଦେବଗଡ଼ରୁ ଜଣେ ଓ ରାଜ୍ୟପୁଲରୁ ୨୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ଗୋଟିଏ ଦିନରେ ୨୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୪୯୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୬୦୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୪୨୪ ରହିଛି। ଆଜି ଚିହ୍ନଟ ହୋଇଥିବା ୨୬୪ ଜଣଙ୍କ ମଧ୍ୟରୁ ୧୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳରୁ ୨ ଓ ବାଲେଶ୍ୱର ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ଼ରୁ ୪, ଭଦ୍ରକ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଓ ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରୁ ୩ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୧, କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୯ ଜଣ ଓ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟ୍ ପୁଲରୁ ୨୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଭୁବନେଶ୍ୱରରୁ ୯୬ପଜିଟିଭ୍

ଭୁବନେଶ୍ୱର, ୨୭/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଶନିବାର ଦିନ ଆଉ ୯୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୮୮ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୧୦୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୧୦୮୨ ରେ ପହଂଚିଛି। ସେମାନଙ୍କ ମଧ୍ୟରୁ ୧୧୮୬୦୨ ଜଣ ସୁସ୍ଥ ହୋଇଥିବା ବେଳେ ୧୩୬୯ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୮୫ ରହିଛି।

# ନୀଳଗିରିର ବିଭିନ୍ନ ପଞ୍ଚାୟତ ରେ ସ୍ମାର୍ଟ କାର୍ଡ଼ ବଣ୍ଟନ କଲେ ରାଜସ୍ୱ ମନ୍ତ୍ରୀ



ନୀଳଗିରି-୨୭/୧୧/୨୧- ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଆଜି ନୀଳଗିରି ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ସ୍ମାର୍ଟ କାଡ଼ ବଣ୍ଟନ କରିଛନ୍ତି।ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କର ଏପରି ଜନକଲ୍ୟାଣ କାରୀ ଯୋଜନା କୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଥିଲା ବେଳେ ଶନିବାର ଦିନ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ନୀଳଗିରି ବ୍ଲକ ର ୧୪ ଗୋଟି ପଞ୍ଚାୟତ ଯଥା କେସିପୁର, ପିଠାହୋତା, ଛତ୍ରପୁର, ଧରମପୁର, ବରାହମପୁର, ଆରବନ୍ଧ, ତେନ୍ତୁଳିଆ, ତେଲିପାଳ, ଗରଢ଼ି , ଜଡିଦା, ଶିଆଡ଼ିଳ, ସଜନାଗଡ଼, ଜମୁର୍ଦ୍ଦିଆ, ଭାଁରିଆବାଡ଼, ଆଦି ପଞ୍ଚାୟତ ରେ ହିତାଅଧିକାରୀ ମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ସ୍ମାର୍ଟ କାଡ଼ ବଣ୍ଟନ କରିଥିଲେ।ଏହି ଅବସରରେ ପ୍ରତି ପଞ୍ଚାୟତ କଯ୍ୟାଳୟ ସମ୍ମୁଖରେ ସରକାରଙ୍କ ତରଫରୁ ଷ୍ଟେଜ ନିର୍ମାଣ କରାଯାଇଥିଲା।ରାଜସ୍ୱ ମନ୍ତ୍ରୀ ଙ୍କୁ ମହିଳା ମାନେ ପୁଷ୍ପ ଗୁଚ୍ଛ ଦେଇ ସଭା ସ୍ଥଳ କୁ ପାଛୋଟି ନଇଥିଲେ । ଦ୍ରାରିଦ୍ର ସୀମାରେଖା ତଳେ ଥିବା ପ୍ରତି ପରିବାର ମହିଳା ମାନଙ୍କୁ ୧୦ଲକ୍ଷ ଟଙ୍କା ଏବଂ ପୁରୁଷ ମାନଙ୍କୁ ୫ଲକ୍ଷ ଟଙ୍କା ର ସ୍ୱାସ୍ଥ୍ୟ ବୀମା ରାଶି ଉକ୍ତ ସ୍ମାର୍ଟ କାର୍ଡ ଯୋଜନା ରେ ସୁଫଳ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ତାଙ୍କ ବକ୍ତବ୍ୟ ରେ କହିଥିଲେ। ଏହି ଯୋଜନା କୁ ହାତ ଛଡା ନକରିବା ପାଇଁ ମନ୍ତ୍ରୀ ହିତାଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରେ ଭାରପ୍ରାପ୍ତ ବି,ଡ଼ି, ଓ ଅଶେଷ କୁମାର ନାୟକ, ପ୍ରତେକ ପଞ୍ଚୟତର ପି ଓ ଏବଂ କନିଷ୍ଠ ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ।

# ଆଜିଠୁ ଶିମିଳିପାଳରେ ଆରମ୍ଭ ହେଲା ବାଘ ଗଣନା



ବାରିପଦା, ୨୭/୧୧ (ନି.ପ୍ର): ପ୍ରତି ଚାରି ବର୍ଷରେ ହେଉଥିବା ବ୍ରାଘ୍ୟ ଗଣନା ଚଳିତ ବର୍ଷ ଶିମିଳିପାଳରେ ଆଜି ସକାଳ ୬ଟାରୁ ଆରମ୍ଭ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଉତର ଜୋନ ଏବଂ ଶିମିଳିପାଳ ଦକ୍ଷିଣ ଜୋନର କରଞ୍ଜିଆ, ରାଇରଙ୍ଗପୁର, ବାରିପଦା, ଉଦଳା, ବାଙ୍ଗରିପୋଷି, ଦେଉଳି, ରାସଗୋବିନ୍ଦପୁର, କପ୍ତିପଦା ରେଞ୍ଜ ଅଧିନ ଜଙ୍ଗଲରେ ଗଣନା ହେଉଥିବାର ଜଣାଯାଇଛି। ସାଉଥ ଜୋନରେ ଆଜି ପାଖରୁ ବାଘ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଉତର ଜୋନରେ ଆରମ୍ଭ ହେବ ବୋଲି ଜଣାଯାଇଛି । ଟ୍ରାନଜାକ୍ଟ ଲାଇନ ଉପରେ ବାଘର ଫୁଟ ପ୍ରିଂଟ ଓ ଟ୍ରାପ କ୍ୟାମେରା ସହାୟତାରେ ସ୍ୱତନ୍ତ୍ର ଆପ ମାଧମରେ ବାଘ ଗଣନା କରାଯିବ। ଏହି ଗଣନାରେ ଏସଟିଆର, ଡିଏଫଓଙ୍କ ସମେତ ସମସ୍ତ ବିଟ୍‌ର ବନ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ଗଣନା ଆସନ୍ତା ସାତ ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାଯାଇଥିବା ବେଳେ, ଶିମିଳିପାଳର ବିଭିନ୍ନ ସ୍ଥାନରେ ୫୦୦ ରୁ ଅଧିକ କ୍ୟାମେରା ଟ୍ରାପ ଲଗାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ ବାଘ ଗଣନା ଅନୁଯାୟୀ, ଓଡିଶାର ଶିମିଳିପାଳ ଓ ସାତକୋଶିଆ ଦୁଇଟି ଟାଇଗର ପ୍ରୋଜେକ୍ଟରେ ମୋଟ ୨୮ ଟି ବାଘ ରହିଥିଲେ । ଓଡିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସମୁଦାୟ କ୍ଷେତ୍ରଫଳ ହେଉଛି ୨୭୫୦ ବର୍ଗକି.ମି., ଏବଂ ଏଥି ମଧ୍ୟରୁ କୋର ଏରିଆ ହେଉଛି ୧୧୯୪.୭୫ ବର୍ଗକି.ମି. । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଟାଇଗର ରିଜର୍ଭରେ ରାଜ୍ୟରେ ମୋଟ ବାଘର ପ୍ରାୟ ୫୦% ବାଘ ରହିଛନ୍ତି । ୧୯୭୩ ମସିହାରୁ ଶିମିଳିପାଳକୁ ଟାଇଗର ରିଜର୍ଭ ଭାବରେ ଘୋଷଣା କରାଯାଇଥିବା ବେଳେ,୧୯୭୫ ମସିହାରେ ଏଠାରେ ତିରିଶରୁ କମ ବାଘ ରହିଥିଲେ। ତେବେ ପରବର୍ତୀ ସମୟରେ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଏବଂ ପରିଚାଳନାଗତ ପଦକ୍ଷେପ ପାଇଁ ୧୯୯୦ ଦଶକରେ ବାଘଙ୍କ ସଂଖ୍ୟା ପ୍ରାୟ ୯୫କୁ ବୃଦ୍ଧି ପାଇଥିଲା। କିଛି ବର୍ଷ ଧରି ଏଠାରେ ବାଘ ସଂଖୟା ବଢ଼ୁଥିବା ବେଳେ ବିଗତ କିଛି ବର୍ଷ ଧରି ବାଘ ସଂଖ୍ୟା ହ୍ରାସ ପାଉଥିବାର ଦେଖାଯାଉଛି । ଯାହାକୁ ନେଇ ପରିବେଶ ତଥା ପ୍ରାଣିତତ୍ତ୍ୱ ବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି। ତେବେ ବିଗତ ଦିନରେ ଶିମିଳିପାଳରେ ବିରଳ ପ୍ରଜାତିର କଳାବାଘ ଠାବ ହୋଇଥିଲା । ଯାହାକୁ ନେଇ ଶିମିଳିପାଳ ବ୍ୟାଗ୍ର ସଂରକ୍ଷଣ ପ୍ରକଳ୍ପ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି ।

# ହିଞ୍ଜିଳି ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଶାନ୍ତିଲତା ମୁନୀ

ଗଞ୍ଜାମ, ୨୭/୧୧ (ନି.ପ୍ର): ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ଅନୁସାରେ ହିଞ୍ଜିଳି ବ୍ଲକରେ ନୂତନ ବିଇଓ ରୂପେ ଶାନ୍ତିଲତା ମୁନୀଙ୍କୁ ଦାଇତ୍ୱ ଭାର ଦିଆଯାଇଛି । ସ୍ଥାନୀୟ ଅଂଚଳରେ ବହୁଦିନ ଧରି ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ କେହି ନଥିଲେ । ୨୦୧୯ ରେ ଉମାଚରଣ ତ୍ରିପାଠୀଙ୍କ ଅବସର ଗ୍ରହଣ ପରେ ସନାତନ ପଣ୍ଡା ହିଞ୍ଜିଳି ବ୍ଲକର ବିଇଓ ଭାବେ ଦାୟୀତ୍ୱ ନେଇ ୨୦୨୧ ଫେବ୍ରୁଆରୀରେ ଅବସର ପ୍ରାପ୍ତ ହୋଇଥିଲେ । ସେହିଦିନ ଠାରୁ ଏହି ବ୍ଲକ ପାଇଁ ସ୍ଥାୟୀ ବିଇଓ ପଦବୀ ଖାଲି ପଡିଥିଲା । ଯିଏ ଆସିଲେ ଅସ୍ଥାୟୀ ରୂପେ କାର୍ଯ୍ୟ ବହନ କରିଥିଲେ । ଏହିପରି ଭାବେ ସ୍ଥାନୀୟ ବ୍ଲକର ୩ ଜଣ ବିଇଓ ଏହି ସମୟରେ ଅସ୍ଥାୟୀ ଭାବେ ରହି କାର୍ଯ୍ୟ ତୁଲାଇ ଆସିଥିଲେ । ଅସ୍ଥାୟୀ ବିଇଓଙ୍କୁ ଦାୟୀତ୍ୱ ଦେବାଫଳରେ ବିଭିନ୍ନ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଶିକ୍ଷକ ମହଲରେ ଅଭିଯୋଗ ହେଉଥିଲା। ଯାହା ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆସିଥିଲା । ଗୁରୁବାର ଦିନ ଚିଠି ନଂ-୨୦୦୫୭/୨୧ ପ୍ରକାରେ ନୂତନ ବିଇଓ ସରକାରୀ ବୃନ୍ଦାବନ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ମୁନୀଙ୍କ ନାମ ସୂଚିତ ହୋଇଥିଲା । ସେ ବର୍ତମାନ ହିଞ୍ଜିଳି ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ହିଞ୍ଜିଳିକାଟୁ ବ୍ଲକକୁ ରୋଲ୍ ମଡେଲ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ ଜାରି ରହିବ ବୋଲି ବିଇଓ ଶାନ୍ତିଲତା ମୁନି ମତବ୍ୟକ୍ତ କରିଛନ୍ତି । ସେ ସବୁବେଳେ ସମୟକୁ ଆଖି ଆଗରେ ରଖି କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ ସରକାରଙ୍କ ନୀତି ନିୟମ ଅନୁଯାୟୀ କାର୍ଯ୍ୟଧାରାକୁ ସୁଚାରୂପେ ଚଳାଇ ଆସିବେ । ଏହି ଅବସରରେ ସମସ୍ତ କର୍ମଚାରୀଙ୍କ ସହ ସିଆରସିସି ଏବଂ ବହୁ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo